ବର୍ଷ ୩୫, ସଂଖ୍ୟା: ୭୬
ବାଲେଶ୍ୱର
ଡିସେମ୍ବର- ୨୭, ୨୦୨୧, ସୋମବାର
ପୃଷ୍ଠା-୮, ମୂଲ୍ୟ:୨.୦୦


VOL-XXXV, Issue No.:76
BALASORE
December - 27, 2021, Monday
Page- 08, Rs. 2.00

# ନୂତନବାର୍ତ୍ତା
The Nutanbarta

R.N.I. No.48107/88, Postal Regd. No.: Balasore(Orissa)/026/2020
E-mail: nutanbarta@gmail.com




# ପୁଣି ୪ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ



ଭୁବନେଶ୍ୱର : ରାଜ୍ୟରେ ଆଉ ୪ ଓମିକ୍ରନ ସଂକ୍ରମିତ ଚିହ୍ନଟ ହେବା ପରେ ଭୟ ବଢ଼ିଛି । ବିଶେଷ କରି ଏପର୍ଯ୍ୟନ୍ତ ୫ ଜଣ ନାଇଜେରିଆ ଫେରନ୍ତା ଓମିକ୍ରନ ସଂକ୍ରମିତ ଚିହ୍ନଟ ହେବା ମୁଣ୍ଡବିନ୍ଧାର କାରଣ ପାଲଟିଛି । ହେଲେ, ଆଶ୍ୱସ୍ତିର କଥା ହେଉଛି, ସେମାନଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତଙ୍କର ଆରଟିପିସିଆର ରିପୋର୍ଟ ନେଗେଟିଭ୍ ଆସିଛି । ସେହିପରି ସାରା ଦେଶରେ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ୪ଶହ ପାର କରିଥିଲେ ବି ସେମାନଙ୍କ ମଧ୍ୟରୁ ୧୩୦ ଜଣ ସୁସ୍ଥ ହୋଇଛନ୍ତି । ଆଉ ଅଧିକାଂଶଙ୍କ ନିକଟରେ କୌଣସି ଲକ୍ଷଣ ନାହିଁ । ଓଡିଶାରେ ଚିହ୍ନଟ ହେଲେ ଆଉ ୪ ଓମିକ୍ରନ ଆକ୍ରାନ୍ତ । ମୋଟ ୮ ଆକ୍ରାନ୍ତଙ୍କ ମଧ୍ୟରୁ ୫ ଜଣ ନାଇଜେରିଆ ଫେରନ୍ତା । ରବିବାର ଚିହ୍ନଟ ହୋଇଥିବା ୪ ଓମିକ୍ରନ ସଂକ୍ରମିତଙ୍କ ମଧ୍ୟରୁ ଦୁଇ ଜଣ ନାଇଜେରିଆ ଫେରନ୍ତା ହୋଇଥିବା ବେଳେ ଅନ୍ୟ ୨ ଜଣ ସାଉଦିଆରବରୁ ଫେରିଛନ୍ତି । ଏମାନଙ୍କ ମଧ୍ୟରୁ ଜଣେ ୯ ବର୍ଷର ଶିଶୁ ଅଛନ୍ତି । ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ନେଗେଟିଭ ହୋଇସାରିଛନ୍ତି । ନାଇଜେରିଆ ଫେରନ୍ତାଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟ ସମସ୍ତଙ୍କର ଆରଟିପିସିଆର ରିପୋର୍ଟ ନେଗେଟିଭ ଆସିଛି । ତେବେ ସାଉଦି ଆରବ ଫେରନ୍ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ ଆରଟିପିସିଆର ରିପୋର୍ଟକୁ ଅପେକ୍ଷା କରାଯାଇଛି । ବଡକଥା ହେଉଛି ଚିହ୍ନଟ ହୋଇଥିବା ଓମିକ୍ରନ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି । ଏମାନଙ୍କ ମଧ୍ୟରୁ କାହାରିଠାରେ ସେଭଳି ଗୁରୁତର ଲକ୍ଷଣ ନାହିଁ । ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ରିପୋର୍ଟ ମଧ୍ୟ ନେଗେଟିଭ ଆସୁଛି । ତେବେ ଚିହ୍ନଟ ୪ ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୨ଜଣ ଜଗତସିଂହପୁରର ହୋଇଥିବାବେଳେ ଜଣେ ଗଞ୍ଜାମ ଓ ଆଉ ଜଣେ ଖୋର୍ଦ୍ଧାର ବୋଲି ଜଣାପଡିଛି । ମୋଟ ୮ ଆକ୍ରାନ୍ତଙ୍କ ମଧ୍ୟରୁ ୫ ଆକ୍ରାନ୍ତ ନାଇଜେରିଆ ଫେରନ୍ତା ବୋଲି ଜଣାପଡିଛି । ତେବେ ଭଲ ଖବର ହେଉଛି ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟକୁ ୩ ହଜାରରୁ ଅଧିକ ବିଦେଶୀ ଫେରନ୍ତା ଆସିଲେଣି । ଏମାନଙ୍କ ମଧ୍ୟରୁ ପଜିଟିଭ ଆସିଥିବା ଆକ୍ରାନ୍ତଙ୍କ ନମୂନାକୁ ଜେନମ ସ୍ୱିକେନ୍ସ ପାଇଁ ପଠାଯାଇଛି । ଓମିକ୍ରନର ମୁକାବିଲା ପାଇଁ ବି ସରକାର ତତ୍ପର ହୋଇଉଠିଛନ୍ତି । ସେପଟେ ଭାରତରେ ବର୍ତମାନ ସୁଦ୍ଧା ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ୪ ଶହ ଅତିକ୍ରମ କରିଛି । ମଧ୍ୟପ୍ରଦେଶ ଓ ହିମାଚଳ ପ୍ରଦେଶରେ ପ୍ରଥମ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ମହାରାଷ୍ଟ୍ରରେ ସର୍ବାଧିକ ୧୦୮ ଜଣ ଓମିକ୍ରନ ଆକ୍ରାନ୍ତ ରହିଥିବାବେଳେ ୧୯ଟି ରାଜ୍ୟକୁ ଓମିକ୍ରନ ବ୍ୟାପିଲାଣି । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆକ୍ରାନ୍ତଙ୍କ କୌଣସି ଲକ୍ଷଣ ନାହିଁ । ଆକ୍ରାନ୍ତଙ୍କ ମଧ୍ୟରୁ ବର୍ତମାନ ସୁଦ୍ଧା ୧୩୦ ଜଣ ସୁସ୍ଥ ହୋଇସାରିଲେଣି ।

# ଗୁଡ଼ିସୂତା ନେଲା ଜୀବନ



ସାଲେପୁର : ପୁଣି ଜୀବନ ନେଲା ମାଞ୍ଜା ସୂତା । ମାଞ୍ଜା ସୂତା ବା ଗୁଡି ସୂତାରେ କଟି ଯୁବକ ମୃତ । ଏପରି ଘଟଣା ଘଟିଛି କଟକ ଜିଲ୍ଲା ଜଗତପୁର ପୀରବଜ୍ରାର ଅଂଚଳରେ । ମୃତ ଯୁବକ ହେଲେ ଜୟନ୍ତ ସାମଲ ଓ ତାଙ୍କ ଘର ସ୍ଥାନୀୟ ଭୟରପୁର ଠାରେ । ସୂଚନାନୁସାରେ, ରବିବାର ଅପରାହ୍ନ ୪ଟା ବେଳେ ଜୟନ୍ତ ନିଜ ବାଇକ ଯୋଗେ ତାଙ୍କ ସ୍ତ୍ରୀଙ୍କ ସହ ଶ୍ୱଶୁର ଘରକୁ ଯାଉଥିଲେ । ହେଲେ ପୀରବଜାର ଠାରେ ଗୁଡି ଉଡାଇବା ପାଇଁ ବ୍ୟବହାର କରାଯାଉ ଥିବା ବେଆଇନ ମାଞ୍ଜାସୂତା ତାଙ୍କ ବେକରେ ଗୁଡେଇ ହୋଇ ଯାଇଥିଲା । ସୂତାଟି ଅତି ଶକ୍ତ ଥିବାରୁ ସେଥିରେ ତାଙ୍କ ବେକ କଟି ଯାଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେପଟେ ବେଆଇନ ଘୋଷିତ ମାଞ୍ଜା ସୂତା ବିକ୍ରି ଏବଂ ଉଡାଉଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଜଗତପୁର ଥାନାରେ ଏତଲା ଦେଇଛନ୍ତି ପରିବାର ଲୋକ । ସୂଚନାଯୋଗ୍ୟ, ଗତ ଜୁନ ମାସରେ ଜୟନ୍ତ ବିବାହ କରିଥିଲେ । ତାଙ୍କ ମୃତ୍ୟୁ ପରେ ନବ ବିବାହିତା ଜଣଙ୍କ ଭାଙ୍ଗି ପଡିଛନ୍ତି ।

## ଧାନଗଦାରେ ନିଆଁ ଲଗାଇଲେ ଦୁର୍ବୃତ

ସାନଖେମୁଣ୍ଡି : ଧାନ ଗଦାରେ ଲାଗିଲା ନିଆଁ । ଜଳି ଗଲା ହଜାର ହଜାର ଟଙ୍କାର ଧାନ । ଏପରି ଅଘଟଣ ଘଟିଛି ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ଅଂଚଳରେ । ସୂଚନାନୁସାରେ, ସାନଖେମୁଣ୍ଡିର ରାମଚନ୍ଦ୍ରପୁର ପଂଚାୟତ ଜଗନ୍ନାଥପୁର ବିଲ ଥିବା ଏକ ଧାନ ଗଦାରେ ନିଆଁ ଲାଗିଯାଇଥିଲା । କେହି ଦୁର୍ବୃ ଏଥିରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି । ଅଗ୍ନିଶମ ବିଭାଗ ପହଂଚି ନିଆଁକୁ ଆୟତ କରିବାରେ ସଫଳ ହୋଇଥିଲା । ତେବେ ଘଟଣାସ୍ଥଳରେ ପହଁଚି ଅଗ୍ନିକାଣ୍ଡ ଜନିତ କ୍ଷୟକ୍ଷତି ଆକଳନ କରିଛି ସାନଖେମୁଣ୍ଡି ରାଜସ୍ୱ ବିଭାଗ ।

## ଫୋନ ପେ'ରେ ୩୬ ହଜାର ଟଙ୍କା ଠକିଲା ଠକ

କଂଟାବାଞ୍ଜି : ସବୁ ସମୟରେ ଅନି ଲାଇନରେ ଟଙ୍କା କାରବାର କରୁଥିବା ଲୋକଙ୍କୁ ସତର୍କ କରାଯାଉଛି । ଫୋନ ପେ ହେଉକି ଅନ୍ୟ ଆପ୍ ?ରେ ଅଜଣା ଅଚିହ୍ନା ଲୋକଙ୍କ ସହ କାରବାର କରିବାକୁ ପୋଲିସ, ସାଇବର ଏକ୍ସପର୍ଟ ମାନେ ସଚେତନ କରୁଛନ୍ତି । ତଥାପି କିଛି ଲୋକ ଏହି ଠକେଇର ଶିକାର ହେଉଛନ୍ତି । ଏଭଳି ଏକ ଠକେଇ ଦେଖିବାକୁ ମିଳିଛି କଂଟାବାଞ୍ଜି ସହର କୁରିଲି ଗାଁରେ । ନିଜକୁ ସେନା ବାହିନୀର ମେଜର ପରିଚୟ ଦେଇ ଜଣେ କୁକୁଡ଼ା ବ୍ୟବସାୟୀଙ୍କୁ ଠକିଛି ଏକ ଠକ । ସୂଚନାନୁସାରେ, କୁକୁଡା ବ୍ୟବସାୟୀ ମହେନ୍ଦ୍ର ରଣା ପାଖକୁ ଏକ ଫୋନ କଲ (୯୮୨୭୦ ୯୭୬୩୨) ଆସିଥିଲା । ଫୋନରେ ୩୦ କେଜି କୁକୁଡ଼ା ମାଂସ ଦରକାର ବୋଲି ଅଡର ଦେଇଥିଲା ଠକ ଜଣଙ୍କ । ଅଡର ମୁତାବକ କୁକୁଡା ମାଂସ ଦେବାକୁ ମହେନ୍ଦ୍ର ରାଜି ହୋଇଥିବା ବେଳେ ସାଇବର ଠକ ବ୍ୟବସାୟୀକୁ ଫୋନ ପେ କିମ୍ବା ଆକାଉଂଟ ନମ୍ବର ଦେବାକୁ କହିଥିଲା ।

# ସଲମାନ୍‌ଙ୍କୁ କାମୁଡିଲା ସାପ



ମୁମ୍ବାଇ : ସାପ କାମୁଡାରେ ଆହତ ହୋଇଛନ୍ତି ବଲିଉଡ ଅଭିନେତା ସଲମାନ ଖାନ । ପନଭ୍ୱେଲ ସ୍ଥିତ ଫାର୍ମହାଉସ୍ରେ ଶନିବାର ରାତିରେ ସଲମାନଙ୍କୁ ସାପ କାମୁଡିଥିଲା । ଗଣମାଧ୍ୟମ ସୂଚନା ମୁତାବକ, ସଲମାନଙ୍କୁ କାମୁଡିଥିବା ସାପ ଅଧିକ ବିଷାକ୍ତ ହୋଇନଥିବାରୁ ତାଙ୍କ ଉପରେ ବିଶେଷ କିଛି ପ୍ରଭାବ ପଡିନାହିଁ । ତେବେ ସାପ କାମୁଡିବା ପରେ ସଲମାନଙ୍କୁ ନଭି ମୁମ୍ବାଇର ମହାତ୍ମା ଗାନ୍ଧୀ ମିଶନ ହସ୍ପିଟାଲରେ ଭର୍ତି କରାଯାଇଥିଲା । ହସ୍ପିଟାଲରେ ତାଙ୍କର ମେଡିକାଲ ଟେଷ୍ଟ ହେବା ପରେ ସଲମାନଙ୍କ ଉପରେ କୌଣସି ବିପଦ ନଥିବା କହିଥିଲେ ଡାକ୍ତର । ଖୁବ ଶିଘ୍ର ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବେ ବୋଲି ଡାକ୍ତର କହିଛନ୍ତି । ଏହି ଖବର ପ୍ରସାରିତ ହେବା ପରେ ପ୍ରଶଂସକ ତାଙ୍କର ଶିଘ୍ର ଆରୋଗ୍ୟ କାମନା କରିଛନ୍ତି । ଡିସେମ୍ବର ୨୭ ତାରିଖରେ ସଲମାନ ଖାନଙ୍କ ଜନ୍ମଦିନ । ୫୬ ବର୍ଷରେ ପାଦ ଦେବେ ସଲମାନ । ଏପରି ସ୍ଥିତିରେ ସଲମାନ ନିଜ ଜନ୍ମିଦିନକୁ ଜାକଜମକରେ ପାଳିବେ ନା ଫାର୍ମହାଉସରେ ବିଶ୍ରାମ କରିବେ କିଛି କହିହେଉନାହିଁ । ସଲମାନ୍ ବଡ ଦିନ ପାଳିବାକୁ ନିଜ ପରିବାର ସହ ଏହି ଫାର୍ମ ହାଉସକୁ ଯାଇଥିଲେ ।


# ବିଜେଡ଼ିର ୨୫ତମ ପ୍ରତିଷ୍ଠା ଦିବସ ପାଳିତ

## ଦିଲ୍ଲୀରେ କେହି ଆମର ବସ୍ ନାହାନ୍ତି : ନବୀନ



ଭୁବନେଶ୍ୱର : ୨୫ ତମ ପ୍ରତିଷ୍ଠା ଦିବସ ପାଳନ କରିଛି ବିଜୁ ଜନତା ଦଳ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କର୍ମୀଙ୍କୁ ଗୁରୁ ମନ୍ତ୍ର ଦେବା ସହ ଦଳ କୋଟି କୋଟି ଓଡିଆଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ବୋଲି କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପଚିଶ ବର୍ଷ ଆଗରୁ ବିଜୁ ବାବୁଙ୍କ ଆଦର୍ଶରେ ଆରମ୍ଭ ହୋଇଥିବା ବିଜୁ ଜନତା ଦଳ ଆଜି ଏକ ସାମାଜିକ ଆନ୍ଦୋଳନରେ ପରିବର୍ତ୍ତନ ହୋଇଛି । ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ହୋଇଯାଇଛି । ଓଡ଼ିଶାବାସୀଙ୍କ ଆଶୀର୍ବାଦରେ ଦିନକୁ ଦିନ ବଢ଼ି ଚାଲିଛି । ବିଜୁ ଜନତା ଦଳ ହେଉଛି ଦେଶର ଏକମାତ୍ର ଦଳ, ଯାହାର ଲୋକପ୍ରିୟତା ପ୍ରତି ବର୍ଷ ବଢ଼ିଚାଲିଛି । ଏଥି ପାଇଁ ଦଳର ଲକ୍ଷ ଲକ୍ଷ କର୍ମୀ ଭାଇ ଭଉଣୀମାନଙ୍କ ତ୍ୟାଗ, ପରିଶ୍ରମ ଓ ନିଷ୍ଠାକୁ ସେ ସମ୍ମାନ ଜଣାଇଛନ୍ତି ।


# 'ମନ୍ କି ବାତ୍'ରେ ବରୁଣ ସିଂହଙ୍କ ଚିଠି କଥା କହିଲେ ମୋଦୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୮୪ତମ 'ମନକୀ ବାତ୍' କାର୍ଯ୍ୟକ୍ରମ । ଚଳିତ ବର୍ଷର ଶେଷ 'ମନ କୀ ବାତ୍' କାର୍ଯ୍ୟକ୍ରମ । ଓମିକ୍ରନ ନେଇ ସଚେତନତା କରାଇଲେ ପ୍ରଧାନମନ୍ତ୍ରୀ । ଏହାସହ ଗ୍ରୁପ୍ କ୍ୟାପ୍ଟେନ୍ ବରୁଣ ସିଂହଙ୍କୁ ମନେ ପକାଇଲେ ପ୍ରଧାନମନ୍ତ୍ରୀ । ମୋଦି ବରୁଣ ସିଂହଙ୍କ ସ୍କୁଲ୍ ଚିଠି କଥା ସ୍ମରଣ କରିଥିଲେ । ତାମିଲନାଡୁରୁ କୁନୁର୍ ହେଲିକପ୍ଟର୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା 'ସିଡିଏସ୍' ବିପିନ ରାୱତ୍ ଏବଂ ଗ୍ରୁପ୍ କ୍ୟାପଟେନ୍ ବରୁଣ ସିଂହଙ୍କୁ ମଧ୍ୟ ପ୍ରଧାନମନ୍ତ୍ରୀ ମନେ ପକାଇଥିଲେ । ପ୍ରଧାନମନ୍ତ୍ରୀ କହିଲେ, ମୃତ୍ୟୁ ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖିଥିବା ଗ୍ରୁପ୍ କ୍ୟାପ୍ଟେନ୍ ବରୁଣ ସିଂହଙ୍କୁ ୨୦୨୧ ଅଗଷ୍ଟରେ ଶୌର୍ଯ୍ୟଚକ୍ର ସମ୍ମାନ ପ୍ରଦାନ କରାଯାଇଥିଲା । ନିଜର ଉପ୍ତିସ୍ଥଳ ଏବଂ ଶିକ୍ଷାକୁ ପାସୋରି ନ ଥିବା ବରୁଣ ତାଙ୍କ ସ୍କୁଲ୍ ଅଧ୍ୟକ୍ଷଙ୍କ ନିକଟକୁ ପତ୍ରଟି ଲେଖିଥିଲେ । ସେଥିରେ ସେ ନିଜ ବିଫଳତା ଏବଂ ହୀନମନ୍ୟତା କଥା ମଧ୍ୟ ଉଲ୍ଲେଖ କରିଥିଲେ । ଏହାସହ କୋଭିଡ୍-୧୯ ମହାମାରୀ ବାତାବରଣରେ ସମଗ୍ର ଭାରତ ଗୋଟାଏ ପରିବାର ଭଳି ଏକଜୁଟ ହୋଇଥିବାରୁ ପ୍ରଧାନମନ୍ତ୍ରୀ ମୋଦି ଆଜି 'ମନ୍‌କି ବାତ୍' କାର୍ଯ୍ୟକ୍ରମର ପ୍ରାରମ୍ଭରେ ଦେଶବାସୀଙ୍କୁ ପ୍ରଶଂସା କରିଥିଲେ । ଓମିକ୍ରନ୍‌ଜନିତ ଆତଙ୍କ ସମ୍ପର୍କରେ ସତର୍କ କରାଇ ପ୍ରଧାନମନ୍ତ୍ରୀ ମୋଦି କହିଲେ, କୋଭିଡ୍-୧୯ର ନୂଆ ଭେରିଏଂଟ୍ 'ଓମିକ୍ରନ୍' ଭାରତରେ ପ୍ରବେଶ କରୁଥିବାରୁ ଆମେ ଅଧିକ ସତର୍କ ରହିବାକୁ ପଡ଼ିବ ।

ଓବିସି ବର୍ଗକୁ ସ୍ଥାନ ସଂରକ୍ଷଣ ପ୍ରସଙ୍ଗ

# ସରକାରଙ୍କୁ ସମାଲୋଚନା କଲେ ସମୀର



ଭୁବନେଶ୍ୱର: ଓବିସି ପ୍ରସଙ୍ଗରେ ବିଜେଡି ଉପରେ ବର୍ଷିଲେ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି । କହିଲେ, ୪୦ ପ୍ରତିଶତ ଅଧିକାର ଦେବେ କହି ଓବିସିଙ୍କ କଟା ଘା'ରେ ଚୂନ ଲଗାଇଛନ୍ତି ରାଜ୍ୟ ସରକାର । ଶିକ୍ଷା ଓ ଚାକିରୀ କ୍ଷେତ୍ରରେ କାହିଁକି ଦିଆଯାଉନି ସଂରକ୍ଷଣ ? ଓବିସିଙ୍କୁ ରାଜ୍ୟରେ କେବେ ମିଳିବ ସାମ୍ବିଧାନିକ ଅଧିକାର । ଅନ୍ୟ ରାଜ୍ୟ ପରି ବିଶେଷ ରାଜ୍ୟ ଭାବେ ଓଡିଶା କାହିଁକି ସୁପ୍ରିମକୋର୍ଟରେ ଯୁକ୍ତି ଉପସ୍ଥାପନ କରି ଓବିସିଙ୍କ ପାଇଁ ଲଢ଼ିଲେ ନାହିଁ । ସୁପ୍ରିମକୋର୍ଟରେ ସ୍ୱତନ୍ତ୍ର ଲିଭ ପିଟିସନ ଦଖଲ କରିବାକୁ କିଏ ମନା କରିଥିଲା ଦଳରେ ପ୍ରଥମେ ୨୭, ପରେ ୪୦ ପ୍ରତିଶତ କଥା କହି ଲୋକଙ୍କୁ ଭୁଆଁ ବୁଲାଇଲେ ହେବନାହିଁ । ସରକାର କେବେ ସବୁ କ୍ଷେତ୍ରରେ ଓ୍ୱିସିଙ୍କୁ ସଂରକ୍ଷଣ ଦେବେ ତାହାର ଉତର ରଖନ୍ତୁ । ୨୦୧୯ରେ ବିଜେପି ୩୫ ପ୍ରତିଶତରୁ ଅଧିକ ବିଧାୟକ ଆସନ ଦେଇଥିଲା । ବିଜେପି ପ୍ରଥମ ଦିନରୁ ପଛୁଆବର୍ଗଙ୍କୁ ଅଧିକାର ଦେଇ ଆସିଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜୁଲାଇ ୨୦୧୯ରେ ଚାକିରି ଓ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ଅଧିକାର ପାଇଁ ଚିଠି ଲେଖିଥିଲେ । ଜାନୁଆରୀ ୨୦୨୦ ଓ ଡିସେମ୍ବର ମାସରେ ଲେଖିଲେ । ଓବିସି କମିଶନ ଗଠନ କରାଯାଉ ବୋଲି କହିଥିଲେ କେନ୍ଦ୍ରମନ୍ତ୍ରୀ । କମିଶନ ନିର୍ଦ୍ଧାରିତ କରିବେ ରାଜ୍ୟରେ କେତେ ଓବିସି ଅଛନ୍ତି । ହେଲେ ଏତେ ବର୍ଷ ଧରି କମିଶନ କଣ କରୁଛନ୍ତି । ସୁପ୍ରିମକୋର୍ଟକୁ ରାଜ୍ୟ ସରକାର କାହିଁକି ଏତେ ବର୍ଷ ଧରି ଯାଇନାହାନ୍ତି ।

# ମିଆଁମାରରେ ଭୟଙ୍କର ସଙ୍ଘର୍ଷ : ୩୦ ମୃତ



ୟାଙ୍ଗୁନ : ମିଆଁମାରରେ ଭୟଙ୍କର ସଙ୍ଘର୍ଷ । ୩୦ ମୃତ । ଶୁକ୍ରବାର ସମସ୍ତଙ୍କ ମୃତଦେହକୁ ପୋଡିଲେ ସ୍ଥାନୀୟ ଲୋକେ । ଏପରି ଘଟଣା ସାମ୍ନାକୁ ଆସିଛି ମିଆଁମାରର ଟୋର୍ନ୍ କାୟା ରାଜ୍ୟରେ । ସ୍ଥାନୀୟ ଗଣମାଧ୍ୟମ ଓ ମାନବାଧିକାର ସଙ୍ଗଠନର ସଦସ୍ୟ ଏନେଇ ସୂଚନା ଦେଇଛନ୍ତି । ଗଣମାଧ୍ୟମର ରିପୋର୍ଟ ଅନୁସାରେ, ଶୁକ୍ରବାର କାୟା ରାଜ୍ୟର ମୋ ସୋ ଗ୍ରାମରେ ଅନେକ ବ୍ୟକ୍ତିଙ୍କ ମୃତଦେହ ପୋଡାଯାଇଥିଲା । ଏଥିରେ ଶିଶୁ ଓ ମହିଳା ବି ସାମିଲ ଥିଲେ । ଏମାନଙ୍କୁ ସେଠାକାର ସେନା ହତ୍ୟା କରିଥିବା ଅନୁମାନ କରାଯାଉଛି । ତେବେ ସେନା ଏମାନଙ୍କୁ ଆତଙ୍କବାଦୀ ସଜାଇ ହତ୍ୟା କରିଛି । ଏହି ନୀରିହଙ୍କ ପାଖରେ ଅସ୍ତ୍ରଶସ୍ତ୍ର ଥିବା ବି କହିଛି ସେନା । ରିପୋର୍ଟରେ ଆହୁରି ମଧ୍ୟ କହୁଛି ଯେ, ସେନା ବାହିନୀର କିଛି ଯବାନ ତଲାସୀ କରୁଥିଲେ । ଏହି ସମୟରେ ୭ଟି ଗାଡିରେ ମହିଳା, ଶିଶୁ ଓ ବୃଦ୍ଧା ମାନେ କେଉଁ ଆଡେ ଯାଉଥିଲେ । ସେମାନଙ୍କୁ ଅଟକିବା ପାଇଁ କୁହାଯାଇଥିଲା । ହେଲେ ସେମାନେ ରହିନଥିଲେ । ଫଳରେ ଯବାନମାନେ ଗୁଳି ଚାଳନା କରିଥିଲେ । ଏହି ଘଟଣାକୁ କରେନି ନ୍ୟାଶନାଲ ଡିଫେନ୍ସ ଫୋର୍ସ ନିନ୍ଦା କରିଛି । ମୃତକମାନେ ତାହାର ସଦସ୍ୟ ନଥିଲେ ବୋଲି ସେ କହିଛି ।

# ୨୨ରୁ ଜନଜାତି ବର୍ଗଙ୍କ ପାଇ ପ୍ରଶିକ୍ଷଣ ଶିବିର : ସାଂସଦ



ବାଲେଶ୍ୱର : ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି ଯେ, ଚୌଧୁରୀ ଚରଣ ସିଂହ ରାଷ୍ଟ୍ରୀୟ କୃଷି ବିପଣନ ସଂସ୍ଥାଙ୍କ (କୃଷି ମନ୍ତ୍ରଣାଳୟ ଭାରତ ସରକାର) ସହଯୋଗରେ ଓ ଜନକଲ୍ୟାଣକରୀ ଯୋଜନା ପ୍ରଚାର ପ୍ରସାର ଅଭିଯାନ ମାଧ୍ୟମରେ ଆସନ୍ତା ଜାନୁୟାରୀ ୨୨,୨୩ ଓ ୨୪ ତାରିଖରେ ଏକ ଜୈବିକ କୃଷି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ । ଉକ୍ତ ଶିବିରରେ ୩୦ ଜଣ ଅନୁସୁଚିତ ଜାତି ଓ ଜନଜାତି ବର୍ଗର ଚାଷୀଙ୍କୁ ପ୍ରଶିକ୍ଷିତ କରାଯିବା ସହିତ ସେମାନଙ୍କୁ କୃଷି କିଟ୍ ଓ ଭାରତ ସରକାରଙ୍କ ପ୍ରମାଣପତ୍ର ପ୍ରଦାନ କରାଯିବ । ଏତଦ୍ବ୍ୟତୀତ ଅନ୍ୟ କେହି ଚାହିଁଲେ ସେମାନଙ୍କୁ ଜୈବିକ କୃଷି ଓ ମାଛଚାଷ ବିଷୟରେ ନିଶୁଳ୍କ ବୈଷୟିକ ଜ୍ଞାନ କୌଶଳ ବିଷୟରେ ସହାୟତା ପ୍ରଦାନ କରାଯିବ । ଏହା ସହିତ ନିଜର ଉତ୍ପାଦର ଅନଲାଇନ ବିପଣନ, କିଷାନ ଷ୍ଟାର୍ଟଅପ ଓ ଏଫବିଆଇ ବିଷୟରେ ପ୍ରଶିକ୍ଷଣ ଦିଆଯିବ । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଜନକଲ୍ୟାଣକରୀ ଯୋଜନା ପ୍ରଚାର ପ୍ରସାର ଅଭିଯାନର ରାଷ୍ଟ୍ରୀୟ ସଭାପତି ପୁଷ୍ପେଶ ଆର୍ଯ୍ୟ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ରାଜମଣୀ ଓ ଓଡ଼ିଶା ପ୍ରଦେଶ ସଭାପତି ଜିତେନ୍ଦ୍ର ପାତ୍ର ଉପସ୍ଥିତ ରହି ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଥିଲେ ।

ନୂତନବାର୍ତ୍ତା
ବାଲେଶ୍ୱର



# ବାଲେଶ୍ୱର ବିଜେଡ଼ି ପାଳିଲା ରୌପ୍ୟ ଜୟନ୍ତୀ





ବାଲେଶ୍ୱର : ୧୯୯୮ ମସିହା ଆଜିର ଦିନରେ ଓଡ଼ିଶାରେ ଏକ ଆଂଚଳିକ ଦଳ ଭାବେ ବିଜୁ ଜନତା ଦଳ ପ୍ରତିଷ୍ଠା ହୋଇଥିଲା। ୧୯୯୭ ମସିହା ଜନତା ଦଳର ମୁଖ୍ୟ ବିଜୟା ନନ୍ଦ ପଟ୍ଟନାୟକଙ୍କର ଦେହାନ୍ତ ପରେ ଦଳର ମଙ୍ଗ କିଏ ସମ୍ଭାଳିବ ତାକୁ ନେଇ ଅଙ୍କକଷା ଚାଲିଥିଲା ବେଳେ ଦଳର ପୁରୁଖା ନେତାମାନେ ବିଜୁବାବୁଙ୍କ ପୁଅ ପ୍ରେମ ପଟ୍ଟନାୟକଙ୍କୁ ଦଳର ମଙ୍ଗ ଧରିବାକୁ ଅନୁରୋଧ କରିଥିଲେ। ତେବେ ପ୍ରେମ ପଟ୍ଟନାୟକ ରାଜନୀତିକୁ ଆସିବେ ନାହିଁ ବୋଲି ଘୋଷଣା କରିବା ସହ ନିଜ ଭାଇ ନବୀନ ପଟ୍ଟନାୟକଙ୍କୁ ଦାୟିତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ୧୯୯୮ ମସିହାରେ ଦଳ ପ୍ରତିଷ୍ଠା ହୋଇଥିଲା। ନବୀନ ପଟ୍ଟନାୟକ ଦଳର ନେତା ଭାବେ ମନୋନୀତ ହେବା ପରେ ଆସିଥିଲା ୧୯୯୯ ମସିହାରେ ମହାବାତ୍ୟା। ସେତେବେଳେ କଂଗ୍ରେସ ଦଳ କ୍ଷମତାରେ ଥିଲା। ନବୀନ ପଟ୍ଟନାୟକ ଅଟଳ ବିହାରୀ ବାଜପେୟୀଙ୍କ କ୍ୟାବିନେଟ୍‌ରେ ମନ୍ତ୍ରୀ ହେବା ପରେ ପୁଣି ୨୦୦୦ ବିଧାନସଭା ନିର୍ବାଚନରେ ସେ ସରକାର ଗଠନ କରିଥିଲେ। ଦଳର ପ୍ରତିଷ୍ଠାଦିବସ ଆଜି ସାରା ରାଜ୍ୟର ୩୧୪ଟି ବ୍ଲକ ଏବଂ ୧୪୭ଟି ନିର୍ବାଚନ ମଣ୍ଡଳିରେ ଦଳ ପକ୍ଷରୁ ପାଳନ କରାଯାଉଥିବା ବେଳେ ବାଲେଶ୍ୱର ସହରରେ ମଧ୍ୟ ଦଳ ପକ୍ଷରୁ ପ୍ରତିଷ୍ଠାଦିବସ କରୋନା କଟକଣା ମଧ୍ୟରେ ପାଳିତ ହୋଇଯାଇଛି। ସକାଳୁ ଡିଆଇସି ଛକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତି ପରେ ଫାଣ୍ଡିଛକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଦଳର ଜିଲ୍ଲା ସଭାପତି ରବୀନ୍ଦ୍ର କୁମାର ଜେନା, ସଦର ବିଧାୟକ ସ୍ୱରୂପ କୁମାର ଦାସ, ଶ୍ରମିକ ନେତା ଅରୁଣ କୁମାର ସ୍ୱାଇଁ, ରୋଗି ପଟ୍ଟନାୟକ, ମନୋଜ ରାଉତ, ଶ୍ରଦ୍ଧାଞ୍ଜଳୀ ରାୟ, ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ନଗର ସଭାପତି ସନତ କୁମାର ଦାସ, ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ, ସୀମନ ଦାସମହାପାତ୍ର, ମୀନା ମହାନ୍ତିଙ୍କ ସମେତ ବହୁ କର୍ମୀ, ନେତ୍ରୀ ପ୍ରମୁଖ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହା ସହିତ ସହରରେ ଥିବା ଉତ୍କଳର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

ଏହି ପରିପ୍ରେକ୍ଷୀରେ ଅପରାହ୍ନରେ ବିଜୁ ଜନତା ଦଳ ପକ୍ଷରୁ ବିଧାୟକ ସ୍ୱରୂପ କୁମାର ଦାସଙ୍କ ଅଧ୍ୟକ୍ଷତାରେ ସିଦ୍ଧି କଲ୍ୟାଣମଣ୍ଡପରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ବିଜେଡ଼ି ରାଜ୍ୟସଭାପତି ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ୍‌ରେ ଦଳର କର୍ମୀମାନଙ୍କୁ ଭାଷଣ ଦେଇ କହିଥିଲେ କି, ଦଳ କେବଳ କ୍ଷମତାକୁ ଆସିବା ପାଇଁ ଉଦ୍ୟମ କରୁନାହିଁ। ଜନସାଧାରଣଙ୍କ ସେବା କରିବା ଦଳର ପ୍ରଥମ ଦାୟିତ୍ୱ। ଦଳର କର୍ମୀମାନେ ଅଧିକ ସେବା ମନୋଭାବ ରଖି ଲୋକଙ୍କ ଦୁଃଖ ଓ ସୁଖରେ ସାଥୀ ହେବା ସହ ସେମାନଙ୍କ ସମସ୍ୟାଗୁଡ଼ିକର ସମାଧାନ କରିବା ପାଇଁ ନିଃସ୍ୱାର୍ଥପର ଭାବେ ପଦକ୍ଷେପ ନେବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା, ଆଲୋକ ସାହୁ, ମୀନା ମହାନ୍ତି, ସୀମନ ଦାସମହାପାତ୍ର, ସତ୍ୟ ଦାସଙ୍କ ସମେତ ବହୁ ଦଳୀୟ କର୍ମୀ ଓ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ପ୍ରଥମେ ଅତିଥିମାନଙ୍କୁ ସମ୍ଭାଷଣ ଦେଇଥିଲେ ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା।

## ବିଶୋଇ : ଚୋରୀ ସଂପୃକ୍ତିକୁ ନେଇ ପୋଲିସ ଯନ୍ତାରେ ନାବାଳକ

ରାଇରଙ୍ଗପୁର : ଗତ ୨୧ ତାରିଖରେ ମୟୂରଭଂଜ ଜିଲ୍ଲାର ବିଶୋଇ ଥାନା ଅନ୍ତର୍ଗତ ଲୁହାବାଲିଆ ଛକ କଡ଼ରେ ଥିବା ଏକ ଦୋକାନ ଗୃହରୁ ନଗଦ ଟଙ୍କା ସମେତ ଦୋକାନ ସାମଗ୍ରୀ ଚୋରି ହୋଇଥିବା ବେଳେ ଏହି ଘଟଣାରେ ସଂପୃକ୍ତ ଏକ ୧୬ ବର୍ଷର ନାବାଳକକୁ ଜବତ କରାଯାଇ ଜୁବେନାଲ କୋର୍ଟକୁ ପଠାଯାଇଛି। ଉକ୍ତ ନାବାଳକ ଜଣକ ବିଶୋଇ ଥାନା ଅନ୍ତର୍ଗତ ଚଟାଣି ଅଂଚଳର ବୋଲି ଜଣାପଡିଛି। ସୂଚନାଥାଉକି, ଗତ ୨୧ ତାରିଖ ରାତ୍ରିରେ ଲୁହାବାଲିଆ ସ୍ଥିତ ୫୦ ନଂ ରାଜ୍ୟ ରାଜପଥ କଡ଼ରେ ଥିବା ଭରତ ଚନ୍ଦ୍ର ମହାନ୍ତଙ୍କ ଏକ ତେଜରାତି ଦୋକାନ ମଧ୍ୟରୁ ଚୋରି ହୋଇଥିବା ବେଳେ ଏହି ଘଟଣାକୁ ନେଇ ଭରତ ଚନ୍ଦ୍ର ବିଶୋଇ ଥାନାରେ ଅଭିଯୋଗ କରିଥିଲେ। ପରେ ଉକ୍ତ ଘଟଣାକୁ ନେଇ ବିଶୋଇ ଥାନାରେ କେସ ନଂ ୧୫୭ /୨୧ ରେ ଏକ ମାମଲା ରୁଜୁ କରାଯାଇ ବିଶୋଇ ଥାନା ଅଧିକାରୀ ଫଣିନ୍ଦ୍ର ଭୂଷଣ ନାଏକଙ୍କ ନେତୃତ୍ୱରେ ଏ.ଏସ.ଆଇ ବିନାୟକ ବେହେରାଙ୍କ ତତ୍ତ୍ୱାବଧାନରେ ଏକ ପୋଲିସ ଟିମ ଗଠନ କରାଯାଇ ଘଟଣାର ତଦନ୍ତ ଆରମ୍ଭ କରାଯାଇଥିଲା। ତେବେ, ଚୋର ହେବାର ମାତ୍ର ଗୋଟିଏ ଦିନ ପରେ ଅର୍ଥାତ ୨୩ ତାରିଖ ଦିନ କୌଣସି ବିଶେଷ ସୂତ୍ରରୁ ଖବର ପାଇ ବିଶୋଇ ପୋଲିସ ଘଟଣାରେ ସଂପୃକ୍ତ ଉକ୍ତ ନାବାଳକକୁ ଅଟକ ରଖି ପଚରାଉଚରା ଆରମ୍ଭ କରିଥିଲା। ଉକ୍ତ ନାବାଳକ ଜଣକ ଏହି ଘଟଣା ସହିତ ପୂର୍ବରୁ କାଦପାଣି ଠାରେ ଘଟିଥିବା ସୁନାପୋଷିରେ ଘଟିଥିବା ଏକ ଦୋକାନ ଗୃହରୁ (କେସ ନଂ ୧୨୧/୨୧)ଚୋରି ଘଟଣା ଓ କାଦପାଣି ଗ୍ରାମ ସ୍ଥିତ ପ୍ରହ୍ଲାଦ ଗୋଛାୟତଙ୍କ ଘରୁ ଚୋରି ହୋଇଥିବା ଘଟଣା (କେସ ନଂ ୧୨୭/୨୧) ସମ୍ପୃକ୍ତ ଥିବାର ଜଣାପଡିଛି। ତେବେ ଉକ୍ତ ନାବାଳକ ଜଣଙ୍କ ଠାରୁ ଚୋରି କରିଥିବା କିଛି ନଗତ ଟଙ୍କା ମଧ୍ୟ ପୋଲିସ ଜବତ କରିଛି। ଆଜି ବିଶୋଇ ପୋଲିସ ଉକ୍ତ ନାବାଳକକୁ ଜୁବେନାଲ କୋର୍ଟ ପଠାଇବା ସହିତ ଘଟଣାରେ ସଂପୃକ୍ତ ଅନ୍ୟମାନଙ୍କୁ ଧରିବା ପାଇଁ ଛାନବିନ ଜାରି ରଖିଛି।

### କଳମାରେ ହତ୍ୟା : ଜଙ୍ଘରାଇରେ ଉତେଜନା

## ବରିଷ୍ଠ ପୋଲିସ୍ ଅଧିକାରୀ ପହଂଚିଲେ ଘଟଣାସ୍ଥଳରେ



ବାଲେଶ୍ୱର : ସଦରଥାନା ଅନ୍ତର୍ଗତ ଜଙ୍ଘରାଇ ଗାଁର ୩ ଜଣ ବ୍ୟକ୍ତି ଏକ ବାଇକ୍‌ରେ ଆସୁଥିବା ବେଳେ ସୀମାନ୍ତବର୍ତୀ ମୟୁରଭଞ୍ଜ ଜିଲ୍ଲାର କଳମା ନିକଟରେ ଏକ ବାଇକ୍‌କୁ ଧକ୍କା ଦେଇଥିଲେ। ଏହି ଦୁର୍ଘଟଣାକୁ କେନ୍ଦ୍ର କରି ବାଇକ୍ ଚାଳକ ଓ ଆରୋହୀଙ୍କୁ କିଛି ଯୁବକ ନିସ୍ତୁକ ମାଡ଼ ମାରିଥିଲେ। ତେବେ ଏହି ଘଟଣା ପରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା। ଗତକାଲି ସନ୍ଧ୍ୟାରେ ଏହି ଘଟଣା ଘଟିଥିଲା। ଏହି ଘଟଣାକୁ କେନ୍ଦ୍ର କରି ଜଙ୍ଘରାଇ ଗାଁରେ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଲାଗିବାରୁ ୫ ଜଣ ଆହତ ହୋଇଛନ୍ତି। ଖବର ପାଇ ପୋଲିସ୍ ଘଟଣାସ୍ଥଳରେ ୧୪୪ ଧାରା ଜାରି କରିଛି। ଏହାଦ୍ୱାରା ଉକ୍ତସ୍ଥାନରେ ୫ ଜଣରୁ ଅଧିକ ଲୋକ ଗୋଟିଏ ସ୍ଥାନରେ ଏକାଠି ହୋଇପାରିବେ ନାହିଁ ବୋଲି ପୋଲିସ୍ ପକ୍ଷରୁ କୁହାଯାଇଛି। ଆହତମାନଙ୍କୁ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଭର୍ତି କରାଯାଇଛି। ଆଜି ପୂର୍ବାହ୍ନରେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ, ପୂର୍ବାଂଚଳ ରେଞ୍ଜ ଆଇଜି ହିମାଂଶୁ ଲାଲ, ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସମେତ ଏସଡିପିଓ, ସଦରଥାନା ଅଧିକାରୀ ପ୍ରମୁଖ ଘଟଣାସ୍ଥଳରେ ପହଂଚି ପରିସ୍ଥିତି ଉପରେର ଅନୁଧ୍ୟାନ କରିଥିଲେ। ଚଷାଖଣ୍ଡ ପଂଚାୟତର ଜଙ୍ଘରାଇ ଗାଁରେ ଉତେଜନା ରହିଥିବାରୁ ୫ ପ୍ଲାଟୁନ୍ ପୋଲିସ୍ ଫର୍ସ ମୁତୟନ କରାଯାଇଛି।

## ହାତୀକୁ ଧକ୍କାଦେଲା ଟ୍ରେନ୍

ଟାଙ୍ଗୀ : ଶନିବାର ସନ୍ଧ୍ୟାରେ ମାଲବାହୀ ଟ୍ରେନ୍ ହାତୀପଲ୍ଲଙ୍କ ଉପରେ ଚଢ଼ିଯାଇଥିଲା। ତେବେ ଏଥିରେ ଗୁରୁତର ହୋଇଥିବା ଗୋଟିଏ ଦନ୍ତାହାତୀର ମୃତଦେହ ଠାବ ହୋଇଛି। ଗତକାଲି ଜଙ୍ଗଲ ମୁହାଁ ହୋଇ ରାସ୍ତା ପାର ବେଳେ ହାତୀପଲଙ୍କ ଉପରେ ମାଡିଯାଇଥିଲା ମାଲବାହୀ ଟ୍ରେନ୍। ଏଥିରେ ଗୋଟିଏ ଦନ୍ତାହାତୀ ଗୁରୁତର ଆହତ ହୋଇଥିଲା। ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବନ ବିଭାଗ ରେଞ୍ଜ ଇଲାକାର ଭୁଷଣ୍ଡପୁର ରେଳ ଷ୍ଟେସନ ନିକଟରେ ଘଟିଛି ଏହି ଦୁର୍ଘଟଣା। ଅନ୍ଧାର ରାତିରେ ଦୁର୍ଘଟଣା ଯୋଗୁଁ ସଠିକତଥ୍ୟ ବର୍ତମାନ ସୁଦ୍ଧା ମିଳିନାହିଁ। ଟାଙ୍ଗୀ ବନ ବିଭାଗର ଦୁଇଟି ଟିମ୍ ବର୍ତମାନ ସୁଦ୍ଧା ଜଙ୍ଗଲ ମଧ୍ୟରେ ପଇଁତର ମାରୁଛନ୍ତି। ଏହି ହାତୀପଲ୍ଲଙ୍କ ମଧ୍ୟରେ ୧୯ଟି ହାତୀ ରହିଛନ୍ତି। ସନ୍ଧ୍ୟା ସମୟରେ ହାତୀପଲ୍ଲ ଜଙ୍ଗଲ ମଧ୍ୟରୁ ରେଳଟ୍ରାକ ଅତିକ୍ରମ କରି ଖାଦ୍ୟ ଅନ୍ୱେଷଣରେ ଧାନଚାଷ ଜମି ଓ ଜନବସତି ମୁହାଁ ହେଉଥିବା ବେଳେ ଦୁର୍ଘଟଣା ଘଟିଥିଲା।

## ଓଲଟିଲା ଯାତ୍ରୀବାହୀ ବସ୍, ୧୦ରୁ ଅଧିକ ଆହତ

ଜଗତସିଂହପୁର : କଟକ ପାରାଦୀପ ରାସ୍ତାର ପନ୍ଦର ନମ୍ବର ତେଲଟାଙ୍କି ନିକଟରେ ଅଘଟଣ କ୍ଷ କୁହୁଡି ଯୋଗୁ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟିଲା ଘରୋଇ ଯାତ୍ରୀବାହୀ ବସ୍। ୧୦ ଜଣରୁ ଅଧିକ ଯାତ୍ରୀ ଆହତ ହୋଇଥିବା ଜଣାପଡିଛି। ସେମାନଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତି କରାଯାଇଛି। ଖବର ଅନୁଯାୟୀ, ରବିବାର ସକାଳ ସମୟରେ ସାଗର ନାମକ ଘରୋଇ ବସ୍ ଯାତ୍ରୀଙ୍କୁ ନେଇ ପାରାଦୀପରୁ କଟକ ଯାଉଥିଲା। ଠିକ୍ ଏହି ସମୟରେ କଟକ ପାରାଦୀପ ରାଜ୍ୟ ରାଜପଥର ତେଲ ଟାଙ୍କି ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡିଥିଲା। ତେବେ ଦୁର୍ଘଟଣା ସଂପର୍କରେ ଖବର ପାଇ ଦେବଦୂତ ସାଜିଥିଲେ ସଡ଼କ ସୁରକ୍ଷା ବାହିନୀ। ବସରେ ଥିବା ଯାତ୍ରୀ ମାନଙ୍କୁ ଉଦ୍ଧାର କରିବା ସହ ଆହତ ଯାତ୍ରୀ ମାନଙ୍କୁ କୁଜଙ୍ଗ ମେଡିକାଲ ପଠାଇଛନ୍ତି। ଏମାନଙ୍କ ମଧ୍ୟରୁ ୧୦ ଜଣରୁ ଅଧିକ ଯାତ୍ରୀ ଆହତ ହୋଇଥିବା ବେଳେ ବସର ହେଲପର ଗୁରୁତର ଥିବା ସୂଚନା ମିଳିଛି।

## କ୍ଷୁଦ୍ର ବ୍ୟବସାୟୀଙ୍କ ବିକ୍ରିବଟା ପାଇଁ ନୂତନ ଚିନ୍ତାଧାରା

### ଆଇ ସପର୍ଟ ୟୋର୍ ବିଜ୍‌ନେସ୍ ପାଇଁ ବାହାରିଲେ ଦମ୍ପତି



ବାଲେଶ୍ୱର : କୋଭିଡ୍ ମହାମାରୀ ଭାରତର କ୍ଷୁଦ୍ର ଓ ନାମମାତ୍ର ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ହସ୍ତତନ୍ତ କାରିଗର, ବୁଣାକାର, କୁଶଳି ଶ୍ରମିକ, କୁଟୀରଶିଳ୍ପ କ୍ଷେତ୍ରରେ କାମ କରୁଥିବା କୁଶଳି ତଥା ଅଭିଜ୍ଞ କାରୀଗରମାନଙ୍କ ଦାନାପାଣିକୁ ନଷ୍ଟ କରି ଦେଇଥିଲା। କୋଭିଡ୍ ମହାମାରୀର ଦ୍ୱିତୀୟ ଲହର ଆସିବା ପରେ ଏହି ବର୍ଗର ଲୋକମାନେ ନିଜ ପେଟପାଟଣା ପାଇଁ ଛଟପଟ ହେଉଥିଲେ ଏହି ସମୟରେ ଲକ୍ଷ୍ମୀ ସୋର୍ଟର ପ୍ରତିଷ୍ଠାତା କୌସ୍ତଭ ଘୋଷ, ଆର୍ଯ୍ୟା ନାୟାର୍, ଭାବିକ୍ ଦେଶମୁଖ, ଅନୀତ କାଉର୍ ବାଙ୍ଗା, ରୀତାଂଶୁ ଶର୍ମା, ସୋରାବ ସାମନ୍ତା, ତରୁଣ ମିଶ୍ର, ଶଶୀ ମୁଦ୍‌ଗଲ୍, ଅଭିଷେକ ଓ୍ୱାଲେକର ଏବଂ ଶୀତଲ ଶିରିଶକାର ପ୍ରମୁଖ ମିଶି ଏହି ବର୍ଗର ଲୋକଙ୍କ ବ୍ୟବସାୟ କିଭଳି ଆଗକୁ ବଢ଼ିବ ସେ ନେଇ ଚିନ୍ତା କରିଥିଲେ। ସମଗ୍ର ଭାରତର ପ୍ରାୟ ୪୩କୋଟି ଲୋକ ବିଭିନ୍ନ କୁଟୀରଶିଳ୍ପରେ ଜଡ଼ିତ ଥିବା ବେଳେ ସେମାନଙ୍କ ଉତ୍ପାଦିକ ଦ୍ରବ୍ୟ କିଭଳି ସହଜରେ ବିକ୍ରି ହୋଇ ପାରିବ ସେଥିପାଇଁ ସେମାନେ ଏକ ୱେବ୍ ସାଇଟ୍ ପ୍ରସ୍ତୁତ କରିବା ସହ 'ଆଇ ସପର୍ଟ ୟୋର୍ ବିଜ୍‌ନେସ୍'ରେ ସାମିଲ ହେବା ପାଇଁ ଉଦ୍ୟମ କରିଥିଲେ। ତେବେ ଏନେଇ ସାରା ଦେଶରେ ସଚେତନତା ସୃଷ୍ଟି ପାଇଁ କୌସ୍ତଭ ଘୋଷ ଏବଂ ଶୀତଲ ଶିରିଶକାର ଏକ ଅଭିଯାନରେ ଗତ ୧ ତାରିଖରୁ ନଭିମୁମ୍ବାଇରୁ ବାହାରିଛନ୍ତି। ସେମାନେ ୯ଟି ରାଜ୍ୟର ୧୧ଟି ସହର କାର ଯୋଗେ ବୁଲିବୁଲି ନିଜର ଯୋଜନା ସମ୍ପର୍କରେ ଗ୍ରାମୀଣ କାରୀଗର ଓ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ବୁଝାଉଛନ୍ତି ଏହି ପରିପ୍ରେକ୍ଷୀରେ ଏହି ଦମ୍ପତି ଆଜି ବାଲେଶ୍ୱରରେ ପହଂଚି ବିଭିନ୍ନ ବର୍ଗର କାରିଗରମାନଙ୍କ ସହ ଆଲୋଚନା କରିଥିଲେ। ଶ୍ରୀ ଘୋଷଙ୍କ କହିବା ମୁତାବକ କ୍ଷୁଦ୍ର ବ୍ୟବସାୟୀ ଓ ଗ୍ରାମୀଣ କାରିଗରମାନଙ୍କ ମଧ୍ୟରେ ତଂଟିକଟା ପ୍ରତିଯୋଗିତା ପରିବର୍ତେ କିଭଳି ପରସ୍ପର ମଧ୍ୟରେ ସହଯୋଗ ମାଧ୍ୟମରେ ନିଜ ନିଜର ବ୍ୟବସାୟକୁ ଆଗେଇ ହେବ ସେ ଦିଗରେ ବୁଝାଇବାକୁ ସେ ଆସିଛନ୍ତି। ମୁମ୍ବାଇ, ଗୋଆ, କର୍ଣ୍ଣାଟକ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼ ବାଟ ଦେଇ ସେମାନେ ପୁଣି ମୁମ୍ବାଇ ଯିବେ। ଏହି ଯାତ୍ରା ମାର୍ଚ୍ଚ ୧୧ ତାରିଖରେ ସମାପ୍ତ ହେବ। ମୋଟ୍ ୧୫୦୦୦ କିଲୋମିଟର ସେମାନେ ଯାତ୍ରା କରିବେ। ଡିସେମ୍ବର ପହିଲାରେ ପାନ୍‌ଭେଲ ବିଦାୟକ ପ୍ରଶାନ୍ତ ଠାକୁର ସେମାନଙ୍କୁ ଏହି ଯାତ୍ରାର ଶୁଭାରମ୍ଭ କରାଇଥିଲେ। କ୍ଷୁଦ୍ର ବ୍ୟବସାୟୀମାନେ ତାଙ୍କ ସଂସ୍ଥାରେ ୧୦୦୦ ଟଙ୍କା ଦେଇ ପଞ୍ଜିକରଣ କରିପାରିବେ ଓ ବାର୍ଷିକ ପଞ୍ଜିକରଣ ପାଇଁ ୫୦୦୦ ଟଙ୍କା ଦେବାକୁ ପଡ଼ିବ।

## ବରୁଣସିଂରେ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଂଟ




ବରୁଣସିଂ : ବରୁଣସିଂ ଯୁବଶକ୍ତି କ୍ଲବ ଆନୁକୁଲ୍ୟରେ ୪୨ତମ କର୍କବଲ୍ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଂଟର ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଯୋଗ ଦେଇ ବାଙ୍ଗରା ଏବଂ ସୁତେଇ ବଡ଼ଗାଁ ଟିମ୍ ମଧ୍ୟରେ ହେଉଥିବା ମ୍ୟାଚ୍‌କୁ ଉଦଘାଟନ କରିଥିଲେ। ଏଥବରେ କ୍ଲବର ସମ୍ପାଦକ ଗିରିଜା ଶଙ୍କର ଶତପଥୀ, ସଂଯୋଚକ ଜିନାସିସ ସୋ' ଏବଂ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହି ମ୍ୟାଚ୍‌କୁ ଅଞ୍ଜନ ବେହେରା ଓ ଉମାଶଙ୍କର ଶତପଥୀ ପରିଚାଳନା କରିଥିଲେ। ବିମଳ ମହାର୍ଣ୍ଣା ସ୍କୋରର ଦାୟିତ୍ୱରେ ଥିବା ବେଳେ ଆଲୋକ ଦାସ ଘୋଷକ ଭାବେ ଧାରା ବିବରଣୀ ପ୍ରଦାକ କରିଥିଲେ। ବରୁଣ ସିଂ ପଂଚାୟତର ଠାକୁରାଣୀ ପଡ଼ିଆରେ ଦୀର୍ଘବର୍ଷ ଧରି ଏହି ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇ ଆସୁଛି।

## ରେମୁଣାରେ ବିଜେଡ଼ିର ପ୍ରତିଷ୍ଠା ବାର୍ଷିକୀ ପାଳିତ




ରେମୁଣା : ଡିସେମ୍ବର ୨୬ ତାରିଖ ରବିବାର ଅପରାହ୍ନରେ ବିଜେଡ଼ି ଦଳ ପକ୍ଷରୁ ଦଳର ୨୫ତମ ପ୍ରତିଷ୍ଠା ବାର୍ଷିକି ପାଳିତ ହୋଇଯାଇଛି। ଏହି ଅବସରରେ ସକାଳୁ ସ୍ଥାନୀୟ କୁଷ୍ଠାଶ୍ରମରେ ଦଳର ନେତା ଓ କର୍ମୀମାନେ ଫଳ, କମ୍ବଳ ଆଦି ୩୨୪ ଜଣ ଅନ୍ତେବାସୀଙ୍କୁ ବଂଟନ କରିଥିଲେ। ଏହା ସହତି ବିଜୁବାବୁଙ୍କ ପ୍ରତିମୂର୍ତିରେ ଦଳ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ଅପରାହ୍ନରେ ହାତ୍ୟାଖଣ୍ଡ ଛକଠାରୁ ଦଳର ଶହଶହ କର୍ମୀ ଓ ନେତାମାନେ ପଦଯାତ୍ରାରେ ବାହାରି ରେମୁଣା ବଜାରସ୍ଥିତି ତାରିଣୀମନ୍ଦିର ଛକରେ ଥିବା ସଭାସ୍ଥଳରେ ପହଂଚିଥିଲେ। ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ବ୍ଲକ ସଭାପତି ନଳିନୀକାନ୍ତ ପଣ୍ଡା, ରେମୁଣା ବ୍ଲକର ପୂର୍ବତପ ଭାଇସ ଚେୟାରମ୍ୟାନ ମନୋରଞ୍ଜନ ରାଉତ, ଦଳର ବରିଷ୍ଠ ନେତା ପ୍ରଭାତ ବିଶ୍ୱାଳଙ୍କ ସମେତ ବହୁ ନେତା ଏହି ଅବସରରେ ଉଦ୍‌ବୋଧନ ଦେଇ ରେମୁଣା ନିର୍ବାଚନ ମଣ୍ଡଳିରେ ଦଳକୁ ଅଧିକ ଶକ୍ତିଶାଳୀ କରିବା ପାଇଁ କର୍ମୀମାନେ ଅଧିକ ସେବା ମନୋଭାବ ରଖି କାମ କରିବାକୁ ଆହ୍ୱାନ ଦେଇଥିଲେ। ଏହି ସଭାରେ ବିଧାୟକ ଶ୍ରୀ ପରିଡ଼ା ଅଧ୍ୟକ୍ଷତା କରିଥିବା ବେଳେ ତାପସ ପାଣିଗ୍ରାହୀ, ଲକ୍ଷ୍ମୀଧର ସ୍ୱାଇଁ, କିଶୋର ମିଶ୍ର, ହିମାଂଶୁ ମହାନ୍ତି, ଶରତ ଚନ୍ଦ୍ର ପାଣି, ବିଦ୍ୟୁତ୍ ଲତା ସାହୁ, ନରେନ୍ଦ୍ର ବେହେରା, ସଞ୍ଜୁକ୍ତା ରାଉତ, ଉର୍ମିଳତା ଦାସ, ଗୌରାଙ୍ଗ ଦାସ, ଜିନାସିସ୍ ସୋ', ସମ୍ଭବ ସାହୁ, ରାମଚନ୍ଦ୍ର ନାୟକ, ପ୍ରଫେସର ଶତ୍ରୁଘ୍ନ ବିଶ୍ୱାଳ, ବ୍ଲକ ସଭାପତି ଗୋପୀନାଥ ସେନାପତି, ଗୌରୀମଣୀ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଡିସେମ୍ବର ୨୯ରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ବାଲେଶ୍ୱର : ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ବାଲେଶ୍ୱର ଶାଖା ତରଫରୁ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନ ଚାରି ଘଟିକା ସମୟରେ ସ୍ଥାନୀୟ ବ୍ରୀଟ କଲ୍ୟାଣ ମଣ୍ଡପରେ ଜିଲ୍ଲା ସଭାପତି ଯତିନ୍ଦ୍ର କୁମାର ପୁହାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଅଛି। ବୈଠକରେ ରାଜ୍ୟ ସଭାପତି ବିପିନ ଦାସ ଉପସ୍ଥିତ ରହି ଆସନ୍ତା ୨୯/୧୨ ରେ ଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ଧାରଣା ପ୍ରଦର୍ଶନ କରିବାକୁ କହିଥିଲେ। ଦେଶରେ କଠୋର ଜନସଂଖ୍ୟା ନିୟନ୍ତ୍ରଣ ବିଲ ସମେତ ରାଜ୍ୟରେ ଅନୁପ୍ରବେଶକାରୀଙ୍କ ଚିହ୍ନଟ ଓ ବହିଷ୍କାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ପାଇଁ ଜନ ଜାଗରଣ ହେବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ମିହିର ପାଣି, ଜିଲ୍ଲା ଉପସଭାପତି ସୀତାରାମ ପ୍ରଧାନ, ଉପ ସଭାପତି ମଂଟୁ ଦାସ, ସମ୍ପାଦକ ସମର ବଲ୍ଲଭ ତ୍ରିପାଠୀ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଶୁଭଶ୍ରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଅସମ୍ଭାଳ ଭିଡ଼: ଅଣନିଶ୍ୱାସୀ ରାଜଧାନୀବାସୀ



ଭୁବନେଶ୍ୱର : କରୋନା/ ଓମିକ୍ରନକୁ ନେଇ ସାରା ବିଶ୍ୱରେ ଚିନ୍ତାଜନକ ପରିସ୍ଥିତି। ସତର୍କ ରହିବା ଲାଗି କେନ୍ଦ୍ର ସରକାର ବାରମ୍ବାର ତାଗିଦ କରୁଛନ୍ତି। ରାଜ୍ୟ ସରକାର ମଧ୍ୟ ଅନେକ କଟକଣା ଲଗାଇଛନ୍ତି। ଗାଇଡଲାଇନ୍ସ ପାଳନ ନକଲେ ଜରିମାନା ପାଇଁ ଚେତାବନୀ ଦେଉଛନ୍ତି। କିନ୍ତୁ ଏହାର ସାମାନ୍ୟତମ ପ୍ରଭାବ ଲୋକମାନଙ୍କ ଉପରେ ପଡୁଥିବାର ମନେହେଉ ନାହିଁ। ଆଜି ସନ୍ଧ୍ୟାରେ ଏହାର ଉଦାହରଣ ଦେଖିବାକୁ ମିଳିଥିଲା ରାଜଧାନୀ ଭୁବନେଶ୍ୱରରେ। ସନ୍ଧ୍ୟାରେ ଅସମ୍ଭାଳ ଭିଡ଼। କାର ଓ ବାଇକରେ ରାସ୍ତା ଜାମ୍। ଚାଲିବାକୁ ବି ବାଟ ନଥିଲା। ଏହାକୁ ନେଇ କିଛି ସ୍ଥାନରେ ଉତେଜନା ମଧ୍ୟ ପ୍ରକାଶ ପାଇଥିଲା। ରାଜଧାନୀର ବିଭିନ୍ନ ଅଂଚଳରେ ଏମିତି ଅବସ୍ଥା ଲାଗି ରହିଥିଲା ବେଳେ ରସୁଲଗଡ଼ରେ ପରିସ୍ଥିତି ଭୟଙ୍କର ହୋଇପଡ଼ିଥିଲା। ଏସ୍‌ପ୍ଲାନେଡ୍ ଛକରୁ ରସୁଲଗଡ଼ ଦେଇ ପଳାସୁଣି ପର୍ଯ୍ୟନ୍ତ, ବିପରୀତ ପାର୍ଶ୍ୱରେ ଝାରପଡ଼ା ପର୍ଯ୍ୟନ୍ତ ଓ ୧୬ ନମ୍ବର ଜାତୀୟ ରାଜପଥରେ ପଳାସୁଣିରୁ ବାଣୀବିହାର ପର୍ଯ୍ୟନ୍ତ ସବୁଠି ରାସ୍ତା ରୁଦ୍ଧି ହୋଇଯାଇଥିଲା। ପୂର୍ବରୁ ଏଭଳି ରାସ୍ତା ଜାମ୍ କେବେ ଦେଖାଯାଇନଥିଲା। ଜାତୀୟ ରାଜପଥ ସହ ସର୍ଭିସ୍ ରୋଡ୍ ଓ ମାର୍କେଟ୍ ଛକ ପର୍ଯ୍ୟନ୍ତ ସବୁଆଡ଼ ଜାମ୍ ହୋଇଗଲା। ସନ୍ଧ୍ୟା ୫ଟା ପ୍ରାୟ ୪ଘଂଟା କାଳ ଲୋକେ ଜାମ୍ ଭିତରେ ପେଷି ହୋଇଯାଇଥିଲେ। ଦୁଇ ଚକିଆରୁ ଚାରିଚକିଆ ପର୍ଯ୍ୟନ୍ତ ସବୁ ଗାଡ଼ି ଅଟକି ଯାଇଥିଲେ। ଏମିତିକି ଚାଲିଚାଲି ଯାଉଥିବା ଲୋକେ ବି ବାଟ ପାଇନଥିଲେ। ଏଭଳି ସ୍ଥିତିରେ ଭିଡ଼ ଭିତରେ ରାସ୍ତା ନପାଇ ଆମ୍ବୁଲାନ୍ସ ମଧ୍ୟ ଫସି ରହିଥିଲା। ସେହିଭଳି କିଛି ସ୍ଥାନରେ ଭିଡ଼କୁ ନେଇ ପିଟାପିଟି ହୋଇଥିଲା। ଠେଲାପେଲା ଯୋଗୁଁ ରାସ୍ତାକଡ଼ର ଜଣେ ଦୋକାନୀ ଆହତ ହେବା ପରେ ଲୋକେ ଜଣେ ଯୁବକଙ୍କୁ ଏଥିପାଇଁ ନିସ୍ତୁକ ପିଟିଥିଲେ। ଭିଡ଼ ନିୟନ୍ତ୍ରଣ ଲାଗି ଜଣେ ଦୁଇ ଜଣ ଟ୍ରାଫିକ କର୍ମଚାରୀଙ୍କୁ ଛାଡ଼ିଦେଲେ କାହାରି ଦେଖାନଥିଲା। ତେବେ ସନ୍ଧ୍ୟା ୭ଟା ପରେ ଅଧିକ ଟ୍ରାଫିକ କର୍ମଚାରୀ ଘଟଣା ସ୍ଥଳରେ ପହଂଚିଥିଲେ ମଧ୍ୟ ପରିସ୍ଥିତି ଅଣାୟତ ହୋଇପଡ଼ିଥିଲା। ଟ୍ରାଫିକ୍ ପୁଲିସ ସହ ମଂଚେଶ୍ୱର ଓ ସହିଦନଗର ଥାନା ପୁଲିସ ଭିଡ଼ ନିୟନ୍ତ୍ରଣ କରିବାକୁ ଯାଇ ନାକେଦମ୍ ହୋଇଥିଲା। ବଡ଼ଦିନ ପାଇଁ ରାଜଧାନୀ ପ୍ରଶାସନ ଧର୍ମାନୁଷ୍ଠାନ ଉପରେ କଟକଣା ଲାଗୁ କରିଥିବା ବେଳେ ମଲ୍ ଓ ହାଟ ବଜାର ଉପରେ ନଜର ଦେଇନଥିବାରୁ ଏହି ପରିସ୍ଥିତି ଉପୁଜିଥିଲା। ଓମିକ୍ରନ୍‌କୁ ନେଇ କଟକଣା ଲାଗୁ କରାଯାଉଥିବା ବେଳେ ବିଏମ୍‌ସି କିଭଳି ବଡ଼ଦିନ ଭଳି ପର୍ବରେ ମଲଗୁଡ଼ିକ ଉପରେ ଦୃଷ୍ଟି ଦେଲା ନାହିଁ, ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ବିସ୍ମୟ ପ୍ରକାଶ ପାଇଛି।

# ଅନାବନା ଗଛରେ ଲୁଚିଗଲାଣି ମହାପୁରୁଷଙ୍କ ପ୍ରତିମୂର୍ତ୍ତି: ବକୁଳବନ ଏବେ ମଦଶାଳା !



ପୁରୀ: ଦିନେ ଯେଉଁଠି ମଣିଷର ଚରିତ୍ର ଗଢ଼ା ଯାଉଥିଲା, ଆଜି ସେଠି ଚରିତ୍ର ସ୍ଖଳନର ଚିତ୍ର ବାରି ହୋଇ ପଡୁଛି। ଭଲ ମଣିଷ ତିଆରି କରୁଥିବା ବକୁଳବନ ଏବେ ଅଘୋଷିତ ମଦଶାଳା ପାଲଟିଛି। ପଂଚସଖାଙ୍କ ଏହି ମଣିଷ ତିଆରି କାରଖାନାକୁ ଜାତୀୟ ସ୍ମାରକୀ ଘୋଷଣା କରିବାକୁ ଘୋଷଣା ହୋଇଛି। ମାତ୍ର ସ୍ମାରକୀ ଘୋଷଣା ତ ଦୂରର କଥା, ଏହା ମଧ୍ୟରେ ପ୍ରତିଷ୍ଠିତ ପଂଚସଖାଙ୍କ ପ୍ରତିମୂର୍ତ୍ତିର ଯତ୍ନ ବି ନିଆଯାଇ ପାରୁନାହିଁ। ବକୁଳ ଓ ଛୁରିଆନାରେ ଭରପୂର ପରିବେଶ ଆଜି ଅନାବନା ଗଛ ମଧ୍ୟରେ ଧରାଶାୟୀ ହୋଇ ନିରବରେ ଗୁମୁରି କାନ୍ଦୁଛି। ଉତ୍କଳମଣି ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଉଦ୍ୟମରେ ୧୯୦୯ ମସିହାରେ ସ୍ଥାପିତ ବକୁଳ ବନ କେବଳ ଓଡ଼ିଆ ଭାଷା ଶିକ୍ଷାଦାନର ଏକ୍ତୁଡ଼ିଶାଳ ନଥିଲା, ବରଂ ଚରିତ୍ର ଗଠନ ସହ ଉତମ ନାଗରିକଟିଏ ହେବାକୁ ବାଟ ଦେଖାଉଥିଲା। କିନ୍ତୁ ଏହା ମଧ୍ୟରେ ସ୍ଥାପିତ ହୋଇଥିବା ସେଇ ମଣିଷ ନିର୍ମାତା ମହାପୁରୁଷଙ୍କ ପ୍ରତିମୂର୍ତ୍ତିର ଯତ୍ନ ନେଇପାରୁନାହିଁ ଜିଲ୍ଲା ପ୍ରଶାସନ। କାହା ପ୍ରତିମୂର୍ତ୍ତି ସମ୍ମୁଖରେ ଗଛଲତା ମାଡ଼ି ଯାଇଥିବାରୁ ମହାପୁରୁଷଙ୍କୁ ଚିହ୍ନି ହେଉନି ତ ପୁଣି କେଉଁଠି ନାମ ଫଳକ ଉଭାନ ହୋଇଯାଇଛି। ମାତ୍ର ଏହି ସ୍ମାରକୀକୁ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଗଲା ନାହିଁ। ଫଳରେ ୧୯ ଏକର ପରିମିତ ଅଂଚଳରେ ଛିଡ଼ା ହୋଇଥିବା ଏହି ସ୍ମାରକୀ ଧ୍ୱଂସାଭିମୁଖୀ ହୋଇଛି। ବାରମ୍ବାର ସଚେତନ ନାଗରିକମାନେ ଏନେଇ ଦୃଷ୍ଟି ଆକର୍ଷଣ ପରେ ସ୍ୱତନ୍ତ୍ର ବଜେଟ୍‌ର ବ୍ୟବସ୍ଥା ହୋଇଛି। କିନ୍ତୁ କାମ ସାରିଦେବା ପରେ ଏହାର ରକ୍ଷଣାବେକ୍ଷଣ ଅଭାବରୁ ଏହା ପୁଣି ଧ୍ୱଂସ ସ୍ତୂପ ପାଲଟି ଯାଇଛି। ବକୁଳବନ ପରିସରରେ ସବୁଠୁ ଆକର୍ଷଣୀୟ ପାଲଟିଥିବା ମୁକ୍ତାକାଶ ରଙ୍ଗମଂଚ ଏବେ ମଦୁଆ ମଂଚ ପାଲଟିଛି। ଗ୍ରିନ୍‌ରୁମ୍‌ଠୁ ନେଇ ଦର୍ଶକଙ୍କ ବସିବା ସ୍ଥାନରେ ମଦ ବୋତଲ ଗଡୁଛି। ଯେତେଦୂର ପର୍ଯ୍ୟନ୍ତ ନଜର ଯାଉଛି, କେବଳ ?ମଦ ବୋତଲ ହିଁ ଦୃଶ୍ୟମାନ ହେଉଛି। ଯେମିତି ମଦୁଆ ଓ ଅନ୍ୟ ନିଶାଡ଼ିମାନଙ୍କ ପାଇଁ ଏହା ବାର୍ତ ପାଲଟି ଯାଇଛି। ଖୋଲାମେଲାରେ ପଡ଼ିଥିବା ଏହି ବକୁଳ ବନକୁ ଜଗିବା ପାଇଁ ସୁରକ୍ଷା କର୍ମୀଟିଏ ବି ନିଯୁକ୍ତି ଦିଆଯାଇନାହିଁ। ତେଣୁ ନିଶାଡ଼ିମାନେ ଏହାର ଫାଇଦା ନେଉଛନ୍ତି। କେବଳ ସେତିକି ନୁହେଁ, ଏହା ମଧ୍ୟରେ ଥିବା କୁଞ୍ଜଗୁଡ଼ିକ ବି ଭାଙ୍ଗିରୁଜି ଗଲାଣି। କୁଞ୍ଜ ପାଖରେ ବଣଭୋଜି ଆୟୋଜନ ହେଉଥିବା ବେଳେ କୁଞ୍ଜ ପିଣ୍ଡିରେ ଅଇଁଠା ପତ୍ର ସବାର ହୋଇଛି। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ୨୦୦୫ ମସିହାରେ ୧ କୋଟି ୮୮ ଲକ୍ଷ ଟଙ୍କା ବ୍ୟୟରେ ଏହାର ଉନ୍ନତୀକରଣ କରାଯାଇଥିଲା। ଚତୁଃପାର୍ଶ୍ୱରେ ଆଲୋକୀକରଣ କରାଯିବା ସହ କିଛି କୋଠରି ନିର୍ମିତ ହୋଇଥିଲା। ମାତ୍ର ସେସବୁ ଖୋଲାମେଲାରେ ରହିଥିବାରୁ ତାହା ଏବେ ପାଇଖାନାରେ ପରିଣତ ହୋଇଛି। କେବଳ ସେତିକି ନୁହେଁ ୨୦୧୭ ମସିହା ଜାନୁଆରି ୩୦ ତାରିଖରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପ୍ରତିମୂର୍ତ୍ତିକୁ ଦୁର୍ବୃତମାନେ ଭାଙ୍ଗି ଚୋରି କରି ନେଇ ଯାଇଥିଲେ। ଏହାର ଆଉ କିଛି ମାସ ପରେ ପୁଣି ଆଚାର୍ଯ୍ୟ ହରିହର ଦାସଙ୍କ ପ୍ରତିମୂର୍ତ୍ତିର ମୁଣ୍ଡ ଭାଙ୍ଗି ଦେଇଥିଲେ। ଏଥିପାଇଁ ୫ ଜଣ ଦୁର୍ବୃତଙ୍କୁ ଗିରଫ ମଧ୍ୟ କରାଯାଇଥିଲା। କିନ୍ତୁ ଏତିକିରେ ସରକାର ଓ ପ୍ରଶାସନର କାମ ସରିଗଲା। ଏହାର ରକ୍ଷଣାବେକ୍ଷଣ ପାଇଁ ଧ୍ୟାନ ଦିଆଗଲା ନାହିଁ। ଏହା ମଧ୍ୟରେ ୧ ହଜାର ବଉଳ ଗଛ ଲଗାଇବାକୁ ୨୦୧୯ ଅଗଷ୍ଟ ମାସରେ ନିଷ୍ପତି ନିଆଗଲା। ତାହା ବି ହୋଇପାରିଲା ନାହିଁ। ଚଳିତ ବର୍ଷ ଜୁଲାଇ ୨୮ ତାରିଖରେ ପୁଣି ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ଜିଲ୍ଲାପାଳ ସମର୍ଥ ବର୍ମା ବକୁଳ ବନ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଥିଲେ। ରାଜ୍ୟ ପର୍ଯ୍ୟଟନ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ବକୁଳବନକୁ ସଜାଡ଼ାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ତାହା ବି ପାଣିର ଗାର ହୋଇ ରହିଗଲା।

## କଣାସ ଅଂଚଳରେ ଶହ ଶହ ସଂଖ୍ୟାରେ ବିଦେଶୀ ପକ୍ଷୀ

କଣାସ : ସମ୍ପ୍ରତି ସାରା ରାଜ୍ୟର ଶୀତ ଲହରି ଜାରୀ ରହିଥିବା ବେଳେ ବିଭିନ୍ନ ଦେଶରୁ ଲକ୍ଷ ଲକ୍ଷ ସଂଖ୍ୟାରେ ବିଦେଶୀ ପକ୍ଷୀ ଏସିଆ ମହାଦେଶର ସର୍ବବୃହତମ ହ୍ରଦ ଲିଳାମ୍ବୁ ଚିଲିକାକୁ ଆଗମନ କରିଛନ୍ତି । ଚଳିତ ବର୍ଷ ମଧ୍ୟ ଲକ୍ଷ ଲକ୍ଷ ବିଦେଶୀ ପକ୍ଷୀ ଚିଲିକାକୁ ଆସିଥିବା ବେଳେ ଚିଲିକାର ଅଭୟାରଣ୍ୟ ଭାବେ ପରିଚିତ ନଳବଣରେ ଖାଦ୍ୟ ଅଭାବଯୋଗୁଁ ପକ୍ଷୀମାନେ ଉତରନାଶି ତଥା ଦୟା ଓ ମକରାନଦୀର ମୁହାଣରେ ଜମାହୋଇଥିବା କଳିକତିଦଳ, କଇଁଫୁଲ କେଶର ଓ ପୋକଜୋକ ଖାଇବା ପାଇଁ ଆସି ରୁଣ୍ଡ ହୋଇଛନ୍ତି। କିଛିଦିନ ତଳେ ଲଗାତାର ବର୍ଷାରେ ପାଚିଲା ଧାନଗଛ ଜମିରେ ପଡିଯାଇଥିବାରୁ ପକ୍ଷୀମାନେ ଧାନ ଓ ପୋକଜୋକ ଖାଇବାପାଇଁ ଧାନଜମିରେ ଦଳ ଦଳ ହୋଇ ବସି ରହୁଛନ୍ତି । ଆଜି ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ଗ୍ରାମପଚାଂୟତର ନୂଆପଡା ମୌଜାର ଧାନଜମିରେ ଶହଶହ ବିଦେଶୀ ପକ୍ଷୀ ବିଚରଣ କରୁଥିବା ଦେଖିବାକୁ ମିଳିଛି।

## ଓଡ଼ିଶା ଖଣି ନିଗମକୁ 'ପିପୁଲ ଫାଷ୍ଟ' ପୁରସ୍କାର

ଭୁବନେଶ୍ୱର: ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ଓଡ଼ିଶା ଖଣି ନିଗମକୁ ପୁଣି ଏକ ସମ୍ମାନ ମିଳିଛି। କରୋନା ମହାମାରୀ ସମୟରେ ଶିଳ୍ପାନୁଷ୍ଠାନଗୁଡିକର ସାମାଜିକ ଦାୟିତ୍ୱବୋଧ (ସିଏସଆର)କାର୍ଯ୍ୟକ୍ରମରେ ଉତମ ପ୍ରଦର୍ଶନ ଲାଗି ଏସିଆ ମହାଦେଶର ଅଗ୍ରଣୀ ଅନୁଷ୍ଠାନ 'ପିପୁଲ ଫାଷ୍ଟ' ପକ୍ଷରୁ 'ମାନବସମ୍ବଳ ଏକ୍ସଲେନ୍ସ ଆୱାର୍ଡ -୨୦୨୧' ହାସଲ କରିଛି। ଖଣି ନିଗମ ପକ୍ଷରୁ କରୋନାର ମୁକାବିଲା ପାଇଁ ନିଆଯାଇଥିବା ପଦକ୍ଷେପ ଯୋଗୁଁ ଶିଳ୍ପାନୁଷ୍ଠାନରେ କାର୍ଯ୍ୟସ୍ଥଳରେ ବହୁ ମାତ୍ରାରେ କରୋନାକୁ ପ୍ରତିହତ କରାଯାଇପାରିଛି। ଏନେଇ 'ପିପୁଲ ଫାଷ୍ଟ' ପକ୍ଷରୁ ଶୁକ୍ରବାର ଆଭାସି ସମ୍ମିଳନୀ ଜରିଆରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଚଳିତ ବର୍ଷ ଖଣି ନିଗମ କିଭଳି ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର ସହ ମାନବସମ୍ବଳର ସୁବିନିଯୋଗ କରିପାରିଛି ଏବଂ କର୍ମକ୍ଷେତ୍ରରେ ସୁରକ୍ଷା ଓ ପରିବେଶ ଦିଗ ପ୍ରତି ଧ୍ୟାନ ଦେଇଛି ତାକୁ ନେଇ ପ୍ରଶଂସା କରାଯାଇଥିଲା। ନିକଟରେ ନିଗମର ଦୈତାରୀ ଏବଂ କୁର୍ମିତାର ଖଣି ଓଡ଼ିଶା ରାଜ୍ୟ ସୁରକ୍ଷା ସମ୍ମିଳନୀ-୨୦୨୧ରେ 'କଳିଙ୍ଗ ସେଫ୍ଟି ଏକ୍ସଲେନ୍ସ ଆୱାର୍ଡ' ଲାଭ କରିଛି। ଏହାବାଦ୍ କର୍ମକ୍ଷେତ୍ରରେ ସ୍ୱତନ୍ତ୍ର ସୁରକ୍ଷାକୁ ଧ୍ୟାନ ଦେଉଥିବାରୁ ଦୈତାରୀ ଖଣି ମଧ୍ୟ 'ଗୋଲଡେନ୍ ପିକକ୍ ଅକୁପେସନାଲ ହେଲ୍ଥ ଆଣ୍ଡ ସେଫଟି ଆୱାର୍ଡ-୨୦୨୧' ହାସଲ କରିଛି। ଖଣି ନିଗମ ସବୁବେଳେ କର୍ମକ୍ଷେତ୍ରରେ ଶୂନ ବିପଦକୁ ଧ୍ୟାନରେ ରଖି କାର୍ଯ୍ୟ କରୁଛି। ଏହାକୁ ନେଇ ନିଗମ ପକ୍ଷରୁ ଚଳିତବର୍ଷର ବିଷୟବସ୍ତୁ 'ସେଫ୍ଟି ଫାଷ୍ଟ-ଆଉଏଡ ଦ ୱର୍ଷ୍ଟ' ନାରା ଦିଆଯାଇଛି। ଖଣି ନିଗମର ଜନକେନ୍ଦ୍ରୀକ କାର୍ଯ୍ୟକ୍ରମ ପାଇଁ ଗ୍ରୀନ୍ ଫାଉଣ୍ଡେସନ ପକ୍ଷରୁ 'ସିଏସଆର ଇଣ୍ଡିଆ ଆୱାର୍ଡ-୨୦୨୧' ଏବଂ ଆପେକ୍ସ ଇଣ୍ଡିଆ ପକ୍ଷରୁ ସିଏସଆର ଏକ୍ସଲେନ୍ସ ଆୱାର୍ଡ-୨୦୨୧' ହକଦାର ହୋଇପାରିଛି। ଭାରତ ବର୍ଷରେ ଓଡ଼ିଶା ଖଣି ନିଗମ ହେଉଛି ସବୁଠାରୁ ଏକ ଅଗ୍ରଣୀ ରାଷ୍ଟ୍ରାୟତ ଉଦ୍ୟୋଗ। ନିଗମ ସବୁବେଳେ ତା'ର ଉତ୍କର୍ଷତା କର୍ମକ୍ଷେତ୍ରରେ ଦେବା ସହିତ ଉଦାହରଣ ସୃଷ୍ଟି କରିଛି।

## ୨୮ରୁ ୩ ଦିନ ଧରି ଅନୁଷ୍ଠିତ ହେବ ତ୍ୟାଗଭୂମି ମହୋତ୍ସବ: ଚୂଡ଼ାନ୍ତ ଖସଡ଼ା ପ୍ରସ୍ତୁତ

ଭଦ୍ରକ : ଭଦ୍ରକୀୟ ଅସ୍ମିତାର ପ୍ରତୀକ ଜିଲ୍ଲା ମହୋତ୍ସବର ଆଦ୍ୟସୌରଭ ତ୍ୟାଗଭୂମି ମହୋତ୍ସବ ଚଳିତମାସ ୨୮, ୨୯ ଓ ୩୦ ତାରିଖ ୩ଦିନ ଧରି ଭଦ୍ରକ ଟାଉନହଲ୍ ପରିସରରେ ଅନୁଷ୍ଠିତ ହେବ। ଏଥିନିମନ୍ତେ ଆଜି ପୂର୍ବାହ୍ନରେ ଜଗନ୍ନାଥପୁର ସ୍ଥିତ ତ୍ୟାଗଭୂମି କାର୍ଯ୍ୟାଳୟରେ ସମ୍ମେଳନର ସଂଗଠନ ସମ୍ପାଦକ ସୁଧାକର ରାଉତଙ୍କ ପୌରୋହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା। ତ୍ୟାଗଭୂମିର ସଭାପତି ଅଜୟ ନାୟକ ସୂଚନା ଦେଇ କହିଲେ ଯେ ଓମିକ୍ରନ କଟକଣାର ଆଶଙ୍କା ଥିବାରୁ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ କୋଭିଡ୍ ଗାଇଡ଼ଲାଇନ ମାନି ଏହି ମହୋତ୍ସବ ଅନୁଷ୍ଠିତ ହେବ ଓ ଏହାକୁ ୭ ଦିନ ପରିବର୍ତେ ମାତ୍ର ୩ ଦିନ ଲାଗି ପାଳନ କରାଯିବ। ମହୋତ୍ସବରେ କୌଣସି ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦିଆଯିବ ନାହିଁ। କେବଳ ସୀମିତ ବୁଦ୍ଧିଜୀବୀ ଜନସାଧାରଣଙ୍କୁ ନେଇ ଏହାର ପ୍ରତି ସନ୍ଧ୍ୟାରେ ବୌଦ୍ଧିକ ଓ ସାରସ୍ୱତ ସମାବେଶ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଦିବସରେ ରକ୍ତତୀର୍ଥ ଇରମ୍ ଓ ଶହୀଦପୀଠ ଲୁଣିଆ ସ୍ମୃତିରେ ଆସୁଥିବା ମଶାଲ ଶୋଭାଯାତ୍ରାକୁ ମୋଟର ସାଇକେଲରେ ସହର ପରିକ୍ରମା ପୂର୍ବକ ମହୋତ୍ସବ ସ୍ଥଳୀରେ ସ୍ଥାପନ କରାଯିବ। ଭଦ୍ରକର ଜିଲ୍ଲାପାଳ ତ୍ରିଲୋଚନ ମାଝି ଏହାକୁ ଉଦ୍‌ଘାଟନ କରିବେ। ପ୍ରଥମ ଦିବସର ତ୍ୟାଗଭୂମି ମଂଚରେ 'କବିତାରେ ଦେଶକଥା ଓ ଭଦ୍ରକୀୟ କାବ୍ୟଭୂମି' ଉପରେ ଆୟୋଜିତ ଆଲୋଚନାଚକ୍ରରେ ପ୍ରଫେସର ଡକ୍ଟର ଗୋଲକବିହାରୀ ସାହୁ ପୌରୋହିତ୍ୟ କରିବେ। ମୁଖ୍ୟ ଅତିଥି ଭାବେ ପ୍ରଫେସର କମଳାକାନ୍ତ ବିଶ୍ୱାଳ ଓ ମୁଖ୍ୟବକ୍ତା ଭାବେ ଡକ୍ଟର ମନ୍ମଥ କୁମାର ପ୍ରଧାନ ଯୋଗଦେଇ ବିଷୟଭି ିକ ବକ୍ତବ୍ୟ ଉପସ୍ଥାପନ କରିବେ। ସେହିପରି ଦ୍ୱିତୀୟ ଅପରାହ୍ଣର 'କାନ୍ତକବି ମ 'ରେ 'ମହାମାରୀ ଓ ଆମ ଶିକ୍ଷା-ଶିକ୍ଷକ-ଶିକ୍ଷାୟତନ' ଶୀର୍ଷକ ସ୍ମାରକୀ ବକ୍ତୃତାରେ ପ୍ରଫେସର ରାଜକିଶୋର ସାହୁ ପୌରୋହିତ୍ୟ କରିବେ। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ପ୍ରଫେସର ଡକ୍ଟର କୁମରବର ଦାସ ଓ ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଆ ଳିକ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ଡ. କମଳା ପ୍ରସାଦ ମହାପାତ୍ର ଯୋଗଦେବେ। ସେହିପରି ଉଦ୍‌ଯାପନୀ ସମାରୋହର 'ଜାତୀୟକବି ବାଞ୍ଛାନିଧି ମଂଚ'ରେ 'ନିଶାର ଜହରରେ ଆମ ଗାଁ ଓ ସହର' ଆଲୋଚନାଚକ୍ର ଅନୁଷ୍ଠିତ ହେବ। ବିଶିଷ୍ଟ ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦେବଦ ପଟ୍ଟନାୟକ ମୁଖ୍ୟ ଅତିଥି ଓ ଜିଲ୍ଲା ଅତିରିକ୍ତ ପୁଲିସ୍ ଅଧୀକ୍ଷକ ଯତୀନ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦାନ କରି ବିଷୟଭିତିକ ବକ୍ତୃତା ପ୍ରଦାନ କରିବେ। ମହୋତ୍ସବର ବିଭିନ୍ନ ଦିବସରେ ଡକ୍ଟର ଅଭୟ କୁମାର ଦାସଙ୍କ ଗବେଷଣାଗ୍ରନ୍ଥ 'ଲୋକସମାଜ ଓ ଲୋକ ସାହିତ୍ୟ', ପ୍ରାବନ୍ଧିକ ଉମାକାନ୍ତ ମିଶ୍ରଙ୍କ ସମାଲୋଚନା ଗ୍ରନ୍ଥ 'ଉତାୟଣ', କବୟତ୍ରୀ ଗୀତାରାଣୀ ଆଇଚଙ୍କ ଅନୁବାଦ ପୁସ୍ତକ 'ଈଶ୍ୱର ଓ ନାରୀ ଏବଂ ଅନ୍ୟାନ୍ୟ', କବୟତ୍ରୀ ଡ. ପ୍ରଭାତନଳିନୀ ମହାପାତ୍ରଙ୍କ କବିତା ସଂକଳନ 'ସବୁକିଛି ଆପଣାର' ତଥା ଅଧ୍ୟାପକ ବିଶ୍ୱରଞ୍ଜନ ଦାସଙ୍କ ସମ୍ପାଦନାରେ ପ୍ରକାଶିତ 'ତ୍ୟାଗଭୂମିର କବି ଓ କାବ୍ୟଦିଗନ୍ତ' ଗ୍ରନ୍ଥ ଉନ୍ମୋଚିତ ହେବ। ମହୋତ୍ସବର ଦ୍ୱିତୀୟ ଓ ତୃତୀୟ ଅଧିବେଶନର ଅପରାହ୍ଣ ୩ ଘଟିକାରେ ଜାତୀୟବାଦୀ କବିତା ପାଠୋତ୍ସବ ଆୟୋଜିତ ହେବ।

## ରାସ୍ତା ଉପରେ ଓଲଟିଲା କଟେନର, ଅଳ୍ପକେ ବର୍ତିଲେ ଡ୍ରାଇଭର ଓ ହେଲପ



ଜଳେଶ୍ୱର : ୬୦ନଂ ଜାତୀୟ ରାଜପଥ ନହଞ୍ଜରାଠାରେ ରାସ୍ତା ଉପରେ ଓଲଟିଲା କଂଟେନର । ଅଳ୍ପକେ ରକ୍ଷା ପାଇଯାଇଛନ୍ତି ଡ୍ରାଇଭର ଓ ହେଲ୍ପର । ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ୬୦ନ ଜାତୀୟ ରାଜପଥ ନହଞ୍ଜରା ଠାରେ ଖଡଗପୁର ଅଭିମୁଖେ ଯାଉଥିଲା ଉଓର୬୯ ଯବାନଙ୍କର ୧୮ଟି କଂଟେନର । ତେବେ ଏଥିରୁ ରୁ ଗୋଟିଏ ଆଗ ଚକା ଫାଟିଯିବାରୁ ଗାଡିଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା । ତେବେ ଅଳ୍ପକେ ରକ୍ଷା ପାଇଯାଇଥିଲେ ଡ୍ରାଇଭର ଏବଂ ହେଲ୍ପର । ଘଟଣା ସ୍ଥଳରେ ଉଓ୬ର ପୋଲିସ ଏବଂ ଜଳେଶ୍ୱର ପୋଲିସ ଗାଡିଟିକୁ ଜଗି ରହିଛନ୍ତି ।

## ପୁରୀ ସମୁଦ୍ରରେ ବେଆଇନ ଟ୍ରଲର ବିପଦରେ ଅଲିଭ ରିଡ଼ଲେ କଇଁଚ

ପୁରୀ : ଗଭୀର ସମୁଦ୍ରରୁ ଅଣ୍ଡାଦାନ କରିବା ପାଇଁ ଅଲିଭ ରିଡ଼ଲ କଇଁଚ ପୁରୀ ଜିଲ୍ଲା ନିକଟରେ ଥିବା ମୁହାଣ ନିକଟକୁ ଆସିଥାନ୍ତି । ଏହି ସମୟରେ ମାଛ ଧରିବା ଓ ଟ୍ରଲର ଚଳାଇବା ଉପରେ ବନ୍ୟପ୍ରାଣୀ ଓ ମତ୍ସ୍ୟ ବିଭାଗ ପକ୍ଷରୁ ନିଷିଧାଚଂଳ ଘୋଷଣା କରାଯାଇଛି । ଆଜି ସକାଳୁ ମଙ୍ଗଳାନଦୀ ମୁହାଣ ଓ ସ୍ୱର୍ଗଦ୍ୱାର ମଧ୍ୟ ସ୍ଥଳରେ ୪ଟି ମାଛଧରା ଟ୍ରଲର ମାଛ ଧରୁଥିବା ଦେଖିବାକୁ ମିଳିଥିଲା । ଟ୍ରଲର ଚାଲିବା ଯୋଗୁଁ ଶତାଧିକ କଇଁଚ ଟ୍ରଲର ଫ୍ୟାନ ବ୍ଲେଡ଼ରେ ବାଜି ଆହତ ହେଉଛନ୍ତି । ମୃତ କଇଁଚ ଗୁଡ଼ିକ ଭାସି ଭାସି ମଙ୍ଗଳା ନଦୀ ମୁହାଣ ଓ ସ୍ୱର୍ଗଦ୍ୱାର ଅଂଚଳରେ ଭାସି ଭାସି ଲାଗୁଛନ୍ତି । ବନ୍ୟପ୍ରାଣୀ ବିଭାଗ ଓ ମତ୍ସ୍ୟ ବିଭାଗ ନିର୍ଦ୍ଦେଶନାମା ଜାରି କରି ଦିନରେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଉଥିବାରୁ ମାଛ ମାଫିଆମାନେ ସକ୍ରିୟ ହୋଇ ଉଠିଛନ୍ତି।

## ରାଜ୍ୟସ୍ତରୀୟ ମାହେଶ୍ୱରୀ ମହୋତ୍ସବ ଅନୁଷ୍ଠିତ




ବୌଦ୍ଧ: ବୌଦ୍ଧ ଜିଲ୍ଲା ବାଉଁଶୁଣି ମାହେଶ୍ୱରୀ ପୀଠ ଠାରେ ଡୁମାଳ ଜାତି ସମାଜର ଯୁବ ସଂଗଠନ ମା ମାହେଶ୍ୱରୀ ସେନା ପକ୍ଷରୁ ରାଜ୍ୟସ୍ତରୀୟ ମାହେଶ୍ୱରୀ ମହୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମା ମାହେଶ୍ୱରୀ ସେନାର ଆବାହକ ଥବିର କର୍ମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅବସର ପ୍ରାପ୍ତ ଶିକ୍ଷକ ଧନେଶ୍ୱର ଅମାତ ମୁଖ୍ୟ ଅତିଥି ଓ ଆଇନଜୀବୀ କହ୍ନେଇଁ ଚରଣ ଡାଙ୍ଗ, ବାଉଁଶଣି କେନ୍ଦ୍ର ସଭାପତି ଅଶୋକ ମହାକୁଳ, ଶିକ୍ଷାବିତ ମଳିଆ ଗଡୁଆ, ଫକୀର କର୍ଣ୍ଣ, କପିଳ କମ୍ପ, ହେମାବତୀ କରନ୍, ସାମ୍ବାଦିକ ଉମାକାନ୍ତ ମହାକୁଳ, ରାଜ୍ୟ ଡୁମାଳ ପରିଷଦର ବିପିନ ପାତ୍ର, ଜୟନାରାୟଣ ମେଣ୍ଡିଳି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଡୁମାଳ ଜାତି ସମାଜର ବିକାଶ ଓ ସଂସ୍କାର ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଆୟୋଜିତ ମହୋତ୍ସବର ଭୂୟସୀ ପ୍ରଶଂସା କରିଥିଲେ। ସହସ୍ରାଂଶୁ ମହାକୁଳ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ପଶ୍ଚିମ ଓଡିଶାର ୧୦ଟି ଜିଲ୍ଲା ସହିତ ଅନୁଗୁଳ ଜିଲ୍ଲା ଓ ଆଠମଲ୍ଲିକ ଅଂଚଳରୁ ପ୍ରତିନିଧି ମାନେ ଯୋଗ ଦେଇଥିଲେ। ଏ ଅବସରରେ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଉତ୍ସର୍ଗୀକୃତ ସେବକାର୍ଯ୍ୟ ପାଇଁ ପଶ୍ଚିମ ଓଡିଶା ଯୁବା ମଂଚ, କୋସଲ ସେନା, ବୌଦ୍ଧର ଉତ୍ସର୍ଗ, ମାରୁତି ସେନା, ଗୋପବନ୍ଧୁ ସେବା ସଙ୍ଗଠନ ଓ ସମାଜସେବୀକା ଶିଳ୍ପାରାଣୀ ବେହେରା, କୃତିଛାତ୍ର ରିକନ ମହାକୁର, ଚାଷୀ କାର୍ତ୍ତିକ ମହାକୁଡ଼ ପ୍ରମୁଖଙ୍କ ଭଳି ବ୍ୟକ୍ତି ବିଶେଷ ଓ ସଙ୍ଗଠନମାନଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପରେ ସଙ୍ଗୀତ ସାଧନା ଗ୍ରୁପ ଲୋଇସିଂହା ବଲାଙ୍ଗୀରର କଳାକାରମାନେ ରଙ୍ଗାରଙ୍ଗ ସାଂକୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।ମହେନ୍ଦ୍ର ମହାକୁଳ, ଅକ୍ରୁର ଗାଇଗୌରୀଆ, ନିରଞ୍ଜନ ଗେଜ, ଏଜଲବ୍ୟ ମହାକୁଳ, ସୁରେଶ କମ୍ପ, ମନୁ ମହାକୁର, ଜିତେନ୍ଦ୍ର ମେଣ୍ଡିଳି, ସୁରେନ୍ଦ୍ର ମହାକୁର, ଅଜିତ କରନ୍ ପ୍ରମୁଖ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଆଡିନଦୀ ଦଳପୂର୍ଣ୍ଣ ଯୋଗୁଁ ଚାଷୀମାନେ ଖରାଟିଆ ଧାନ ଫସଲରୁ ବଂଚିତ

କଣାସ : ପୁରୀ ଜିଲ୍ଲା କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟାନଦୀର ଶାଖା ମକରା ନଦୀ, ମକରା ନଦୀରୁ ବାହାରିଥିବା ସହସପୁର ଠାରୁ ଆଡିନଦୀ ଦଳପୂର୍ଣ୍ଣ ହୋଇଥିବାରୁ ଏଥିରେ ଜଳପ୍ରବାହିତ ହେବାରେ ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି ହୋଇଛି । ଫଳରେ ଏହି ନଦୀ ଉପରେ ଭରଷା କରୁଥିବା ସାହସପୁର, ବଡଓରା, ସାନଓରା, ଓଗାଳପୁରର ଶହଶହ ହେକ୍ଟର ଜମିରେ ହେବାକୁ ଥିବା ଖରାଟିଆ ଧାନଫସଲ ଚାଷୀମାନେ କରିପାରୁ ନ ଥିବାରୁ ଏନେଇ ଚାଷୀମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଯାଇଛି । ମକରା ନଦୀରୁ ଆଡିନଦୀକୁ ଜଳ ପ୍ରବାହିତ ମୁଖ୍ୟ ନଦୀମଧ୍ୟରେ ପ୍ରବଳମାତ୍ରାରେ କଳିକତିଦଳ ଜମା ହୋଇ ରହିଛି ଓ ନଦୀସାରା କଳିକତିଦଳ ମାଡି ଯାଇଛି। ଚାଷୀମାନେ ଶାରଦ ଧାନଫସଲ ପ୍ରତିବର୍ଷ ହରାଉଥିବା ବେଳେ ଖରାଟିଆ ଧାନଫସଲ କରି ପରିବାର ପ୍ରତିପୋଷଣ କରିଆସୁଥିଲେ । ଦୁଇବର୍ଷ ହେଲା ନଦୀରେ ଦଳଭର୍ତି ହୋଇ ରହିଥିବା ଯୋଗୁଁ ଚାଷୀମାନେ ବିଲକୁ ପଡିଆ ରଖିବାକୁ ବାଧ୍ୟ ହେଉଛନ୍ତି । ଅନ୍ୟପକ୍ଷରେ ବର୍ଷାଜଳ ଓ ବନ୍ୟାଜଳ ଦଳ ଯୋଗୁଁ ନିଷ୍କାସନ ହୋଇପାରୁନଥିବାରୁ ଶାରଦ ଧାନଫସଲ ପ୍ରତିବର୍ଷ କ୍ଷତିଗ୍ରସ୍ତ ହେଉଛି । ଯୁଦ୍ଧକାଳୀନ ଭିତିରେ ବିଭାଗୀୟ ଅଧିକାରୀମାନେ ଦଳ କାଢିବା ପାଇଁ ଚାଷୀ ଗୁରୁଦେବ ସ୍ୱାଇଁ, ପ୍ରଶନ୍ନ ମହାରଥୀ, ବିଜୟ ସାହୁ, ମହେନ୍ଦ୍ର ସାହୁ, ସାନ୍ତାନୁ ସାମନ୍ତରାୟ, ତ୍ରିନାଥ ସାହୁ, ରତ୍ନାକର ପ୍ରଧାନ, ସକଳି ପ୍ରଧାନ, ଜୟକୃଷ୍ଣ ସାମନ୍ତରାୟ ପ୍ରମୁଖ ଦାବି କରିଛନ୍ତି । ପ୍ରକାଶ ଥାଉକି, ତିନିବର୍ଷ ତଳେ ଡ୍ରେନେଜେ ବିଭାଗ ପକ୍ଷରୁ ନାମକୁ ମାତ୍ର ଦଳସଫା କରାଯାଇଥିଲା ।

## ରାତିରେ ବଢ଼ିବ ତାପମାତ୍ରା : ୨୮ରୁ ବଦଳିବ ପାଗ



ଭୁବନେଶ୍ୱର : ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ଆହୁରି ବଢ଼ିବ । ୨୯ ତାରିଖ ଯାଏ ଉପକୂଳ ଓଡ଼ିଶାରେ ରାତି ତାପମାତ୍ରା କ୍ରମଶଃ ବଢ଼ି ଚାଲିବ । ଯାହାଫଳରେ ଜାରି ରହିଥିବା ପ୍ରବଳ ଶୀତ ଲହରୀରୁ ମିଳିବ ସାମାନ୍ୟ ତ୍ରାହି । ୨୯ରେ ସୁନ୍ଦରଗଡ଼ ଓ ସଂଲଗ୍ନ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି । ସେହିପରି ଆସନ୍ତା ୨୮ରୁ ରାଜ୍ୟରେ ପାଗ ବଦଳିବ । ଉତରା ପବନ ବଦଳରେ ରାଜ୍ୟକୁ ସାମୁଦ୍ରିକ ପବନ ବହିବ । ଆଭ୍ୟନ୍ତରୀଣ ଓଡ଼ିଶାରେ ୨୮ରୁ ୩୦ ଯାଏ ପାଗ ମେଘୁଆ ରହିବ । ୨୯ରୁ ସୁନ୍ଦରଗଡ଼ ଓ ପାଖ ଜିଲ୍ଲାରେ ବର୍ଷା ହୋଇପାରେ। କିନ୍ତୁ ଉପକୂଳ ଓଡ଼ିଶାରେ ପାଗ ଶୁଖିଲା ରହିବ । ଆସନ୍ତା ସପ୍ତାହ ଯାଏ ଏଠାରେ ଖରାଟିଆ ପାଗ ରହିବ । ଏଣୁ ନୂଆ ବର୍ଷରେ ପାଗ ଅନୁକୂଳ ଓ ଆରାମଦାୟକ ହେବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି । ସେପଟେ ୨୯ ତାରିଖରୁ ରାତି ତାପମାତ୍ରା ପ୍ରାୟ ୨ ଡିଗ୍ରୀ ପର୍ଯ୍ୟନ୍ତ କମିବ । ଶନିବାର ରାତିରେ ସାମାନ୍ୟ କୁହୁଡ଼ି ହେବ ବୋଲି ସେ ପୂର୍ବାନୁମାନ କରିଛନ୍ତି । ୨୭, ୨୮ ଓ ୨୯ ତାରିଖ ରାଜ୍ୟର ପଶ୍ଚିମ ଓଡ଼ିଶା ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ମଧ୍ୟମ ଧରଣର ବର୍ଷା ଆଶଙ୍କା ରହିଥିବା ଆଂଚଳିକ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ରାତି ତାପମାତ୍ରା ବଢିଥିଲେ ବି ଶୀତ ଲହରୀ ଜାରି ରହିଛି । ଶନିବାର ସୁନ୍ଦରଗଡ଼ରେ ସବୁଠୁ କମ୍ ବା ପାରଦ ୮ଡିଗ୍ରୀ ରହିଛି । ଦାରିଙ୍ଗିବାଡ଼ି ଓ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୮.୫ ଡିଗ୍ରୀ ସେଲସିୟସ୍ ରହିଛି।

ନୂତନବାର୍ତ୍ତା
ବାଲେଶ୍ୱର

## ସମ୍ପାଦକୀୟ.....

# ଆତଙ୍କୀଙ୍କୁ କ୍ଷମା ନାହିଁ

ଦେଶର ପ୍ରତ୍ୟକ ରାଜ୍ୟରେ ମୂଳ ବାସିନ୍ଦାଙ୍କ ବ୍ୟତୀତ ଅନ୍ୟ ଧର୍ମ ତଥା ସମ୍ପ୍ରଦାୟର ଲୋକେ ମଧ୍ୟ ବାସ କରନ୍ତି। ପୃଥିବୀର ପ୍ରତ୍ୟକ ଦେଶରେ ଏପରି ବିଧିବ୍ୟବସ୍ଥାମାନ ରହିଛି। ସବୁ ଦେଶରେ ସେହି ଦେଶର ମୂଳ ବାସିନ୍ଦାଙ୍କ ସହ ସହ ଅନ୍ୟାନ୍ୟ ଦେଶର ବାସିନ୍ଦାମାନେ ବି ରହୁଛନ୍ତି ଯେଉଁମାନେ ସମୟକ୍ରମେ ସେହି ଦେଶରେ କୌଣସି କାରଣ ବଶତଃ ରହୁ ରହୁ ରହିଯାଇଛନ୍ତି ଏବଂ ପରେ ସେହି ଦେଶର ମୂଳ ବାସିନ୍ଦାରେ ପରିଣତ ହୋଇଯାଇଛନ୍ତି। ଏହା ସାଧାରଣ କଥା। ଅନ୍ୟ ଏକ କଥା ହେଉଛି ବାହାର ଦେଶର ବାସିନ୍ଦାଙ୍କୁ ସେହି ମାନ୍ୟତା ଦିଆଯାଏନି ଯାହା ମୂଳ ବାସିନ୍ଦାଙ୍କୁ ଦିଆଯାଏ। ଯଦି ବା ଦିଆଯାଉଥିବାର କେହି ଦାବି କରୁଥିବେ ତାହା କେବଳ କାଗଜ କଲମରେ। ହେଲେ ବାସ୍ତବରେ କୌଣସି ବି ଦେଶର ମୂଳ ବାସିନ୍ଦାଙ୍କୁ ଅଧିକ ମାନ୍ୟତା ଦିଆଯାଏ କିନ୍ତୁ ବାହାର ବାସିନ୍ଦାଙ୍କୁ ନୁହେଁ। ସମ୍ଭବତଃ ଭାରତ ହେଉଛି ଏକମାତ୍ର ଏସୀୟ ଦେଶ ଯେଉଁ ଦେଶରେ ଭାରତର ମୂଳ ବାସିନ୍ଦାଙ୍କ୍ ବ୍ୟତୀତ ଅନ୍ୟ ଦେଶର ବାସିନ୍ଦାଙ୍କୁ ମଧ୍ୟ ସମ ମାନତା ଦିଆଯାଏ। ସେପାଇଁ ତ ଧର୍ମନିରପେକ୍ଷତାର ମାନ୍ୟତା ଦିଆଯାଇଛି ଭାରତକୁ। ହେଲେ ରାତି ପାହିଲେ ଭାରତରେ ବିଭିନ୍ନ ପ୍ରକାର ଅଘଟଣମାନ ଘଟୁଛି। ପେପର ଦେଖ୍ କି ଟିଭି ଉପରେ ନଜର ପକାଅ, ସବୁଥିରେ ଦୁର୍ନୀତି, ସବୁଆଡ଼େ ଦାଦାଗିରି ଆଦି ଭାରତ ବକ୍ଷକୁ ସଦା କଳଙ୍କିତ କରିଚାଲିଛି। ଏପରି ସବୁ କ'ଣ କେବେ ଗୋଟାଏ ଧର୍ମନିରପେକ୍ଷ ରାଷ୍ଟ୍ରରେ ଘଟିପାରେ ? ଭାବିଲେ ଭାରି ଆଶ୍ଚର୍ଯ୍ୟ ଲାଗେ । ଏସିଆର ଅନ୍ୟାନ୍ୟ ରାଷ୍ଟ୍ରରେ ବି ଘଟୁଛି। ହେଲେ ଭାରତରେ ବହୁ ପରିମାଣରେ ଘଟିଚାଲିଛି ଏଭଳି ଘଟଣା। ଏଭଳି ଘଟଣା ଘଟିବା ପଛରେ କାରଣ କ'ଣ ହୋଇପାରେ ? କାରଣ ତ ଅନେକ ପ୍ରକାର ରହିଛି। ସବୁଠାରୁ ବଡ଼ କାରଣ ହେଉଛି ଦୁର୍ନୀତି ଆଉ ଦାଦାଗିରି ଯେଉଁ କରଣରୁ ଦେଶରେ ଗରିବୀ ଦେଖାଦେଇଛି ଯାହା ଦେଶକୁ ବହୁ ପଛକୁ ଟାଣିନେଉଛି। ଏହା ପଛରେ ବି କାରଣ ରହିଛି। ଦେଶର ରାଜନୈତିକ ବ୍ୟବସ୍ଥା ଆଜି କେତେଦୂର ବିପର୍ଯ୍ୟସ୍ତ,ତାହାର ପ୍ରମାଣ ମିଳୁଛି। ଯଦି ରାଜନୈତିକ ବ୍ୟବସ୍ଥା ବିପର୍ଯ୍ୟସ୍ତ , ତେବେ ପ୍ରଶାସନିକ ସେବା ମଧ୍ୟ ଭ୍ରମଯୁକ୍ତ ଅର୍ଥାତ୍ କ୍ଷତିଗ୍ରସ୍ତ। ଦେଶରେ ଏବେ ଛାଇଯାଇଛି ଆତଙ୍କବାଦର କଳା ବାଦଲ। ଦେଶ ବାହାରେ ଆତଙ୍କବାଦ, ଦେଶ ଭିତରେ ଆତଙ୍କବାଦ। ଆଉ ଯାହା ବି ମାଓବାଦ ଅବା ଉଗ୍ରବାଦ ହେଉ, ସବୁକିଛି କେବଳ ଗୋଟିଏ ଶବ୍ଦରେ ଶେଷ ହୋଇପାରେ; ଆତଙ୍କବାଦ। ଆମେ କହୁଛୁ ଦେଶ ସୀମାରେ ଆତଙ୍କବାଦ, ହେଲେ ଆମେ ଏ କଥା ବି କହୁଛୁ ଯେ ଦେଶ ଭିତରେ ବି ଆତଙ୍କବାଦ। ଯଦି ଭିତରେ ଆତଙ୍କ ଏବଂ ବାହାରେ ବି ଆତଙ୍କ, ତେବେ ଦେଶରେ ପୂରା ଆତଙ୍କ।ଏଭଳି ସ୍ଥିତିରେ ଦେଶର ନେତା-ମନ୍ତ୍ରୀଙ୍କର ରହିଛି ଗୁରୁ ଦାୟିତ୍ୱ। ଯଦି ନେତାମାନେ ଦୁର୍ନୀତିଗ୍ରସ୍ତ ଏବଂ ତାଙ୍କ ଇସାରାରେ ଦେଶରେ ଚାଲିଛି ଗୁଣ୍ଡାରାଜ୍ ତେବେ ସେମାନେ ବି ଜଣେ ଜଣେ ଆତଙ୍କବାଦୀ। ଏ କ୍ଷେତ୍ରରେ ଦେଶର ମୁଖ୍ୟଙ୍କ ଦାୟିତ୍ୱ ହେଉଛି ପ୍ରଥମେ ସେମାନଙ୍କୁ ଦଳରୁ ବିଦା କରିବା। ଦେଶର ମିଲିଟାରୀ ସିଷ୍ଟମ ଏକପ୍ରକାର ଠିକ୍ ରହିଛି। ଏବେ ଦେଶର ପୁଲିସିଂ ସିଷ୍ଟମ ଉପରେ ଉଠିପାରେ ପ୍ରଶ୍ନବାଚୀ। ଦେଶରେ ଅନେକ ଦୁର୍ନୀତିଗ୍ରସ୍ତ ପୁଲିସ୍ ଅଫିସର ଅଛନ୍ତି। ସେମାନେ ବି ଜଣେ ଜଣେ ଆତଙ୍କବାଦୀ ! ସେମାନେ ସିଧାସଳଖ ନୁହେଁ, ପରୋକ୍ଷରେ ଭାରତରେ ଖେଳାଉଛନ୍ତି ଆତଙ୍କବାଦ। ସମୟ ଥିଲା ଯେବେ ପୁଲିସକୁ ଲୋକେ ସମ୍ମାନ ଦେଉଥିଲେ, କିଛି ପରିମାଣରେ ଭୟ ମଧ୍ୟ କରୁଥିଲେ। ହେଲେ ଏବେ ସେ ସବୁ କିଛି ନାହିଁ। କାରଣ ପୁଲିସ୍ ତା'ର ମୌଳିକତା ଏବଂ ନୈତିକତା ଉଭୟ ହରାଇବସିଛି। ଏ ଦିଗରେ ପ୍ରତି ରାଜ୍ୟର ପୁଲିସ୍ ପ୍ରଶାସନିକ ମୁଖ୍ୟମାନଙ୍କୁ ସତର୍କ ଏବଂ ସଜାଗ ରହିବାକୁ ପଡ଼ିବ। ଭାରତର କାଶ୍ମୀର ସୀମାରେ ଆଜିକୁ ଦୀର୍ଘବର୍ଷ ଧରି ଚାଲିଛି ଆତଙ୍କୀ କାର୍ଯ୍ୟକଳାପ। ହେଲେ କେବେ କେହି ଏ କଥା ଭାବି ଦେଖିଛନ୍ତି ଯେ ଦେଶ ଭିତରେ ବି ଭରି ରହିଛନ୍ତି ଆତଙ୍କ୍‌ବାଦୀ। ଦେଶ ଭିତରେ ମାଓବାଦ, ଦେଶ ଭିତରେ ଭ୍ରଷ୍ଟନେତାବାଦ, ଦେଶ ଭିତରେ ଭ୍ରଷ୍ଟ ପୁଲିସ୍‌ବାଦ, ଦେଶ ଭିତରେ ଉଗ୍ରଧନୀକ ବାଦ ଏବଂ ଦେଶ ଭିତରେ ଅବହେଳିତ-ନିଷ୍କ୍ରେସିତ ବସ୍ତିବାଦ ଯାହା ପରୋକ୍ଷରେ ସୃଷ୍ଟି କରୁଛି ଆତଙ୍କବାଦ।

# ସୃଷ୍ଟି ପାଇଁ ମାଟି

## ଅଲେଖ ଚନ୍ଦ୍ର ସାମଲ

ପୃଥିବୀ ସୃଷ୍ଟିର ଅନେକ ରହସ୍ୟ ମଧ୍ୟରୁ ଗୋଟିଏ ଗ୍ରହଣୀୟ ଯେ ଏହା ଉତପ୍ତ ଗ୍ୟାସୀୟ ତରଳ ପଦାର୍ଥର ଶୀତଳୀକୃତ ଏକ କଠିନ ଆବରଣଯୁକ୍ତ ପିଣ୍ଡ। ସହସ୍ର ନିୟୁତ ବର୍ଷ ଧରି ପ୍ରାକୃତିକ ଶକ୍ତିଗୁଡ଼ିକ ପ୍ରଭାବରେ କଠିନ ଶିଳା ବିତାଡ଼ିତ, ବିଖଣ୍ଡିତ ତଥା ବିଘଟିତ ହୋଇ ସୃଷ୍ଟି କରିଛି ମାଟି, ଯାହା ଭୂପୃଷ୍ଠକୁ ଆଚ୍ଛାଦିତ କରି ରଖିଛି। ସେ ସୁଉଚ୍ଚ ଗିରିଶୃଙ୍ଗ ହେଉ କିମ୍ବା ସମୁଦ୍ର ଚଟାଣ ଅବା ସୁବିସ୍ତୃତ ସମତଳ ପ୍ରାନ୍ତର ସବୁଠି ମାଟିର ଉପସ୍ଥିତି ଦୃଶ୍ୟମାନ। କେବଳ ଫରକ ଆକାର, ସଙ୍ଗଠନ, ସଂରଚନା ଆଉ ରଙ୍ଗରେ। ମାଟିର ଏମିତି ବିଭିନ୍ନତା ପଛରେ ରହିଛି କେବଳ ଭୌଗୋଳିକ, ଜଳବାୟୁ ଏବଂ ଶିଳାଉତ୍ସର ବିବିଧତାଗତ କାରଣ। ଏସବୁ ସତ୍ତ୍ୱେ ମାଟି ସର୍ବତ୍ର ସାଜିଛି ସୃଷ୍ଟି ସର୍ଜନାର ମୂଳମନ୍ତ୍ର। ଏକକୋଷୀ ଜୀବରୁ ଆରମ୍ଭ ହୋଇଥିବା ଜୀବନ୍ତ ପୃଥିବୀର ଅଭିଯାନ ବିବର୍ତନବାଦକୁ ଆୟୁଧ କରି ସମ୍ପ୍ରତି ପହଂଚିଛି ମଣିଷ ପରି ଉନ୍ନତ ଜୀବ ଓ ବୃକ୍ଷଲତା ପାଖରେ। ଏହି କାମରେ ମାଟି ଯେ କେବଳ ଜୀବସତାର ପ୍ରାରମ୍ଭିକ କର୍ତା ସାଜିଛି ତା ନୁହେଁ ବରଂ ଖଞ୍ଜି ଦେଇଛି ଜୀବିକାର ଉତ୍ସ, ଅମାପ ପ୍ରାକୃତିକ ସମ୍ପଦର ଭଣ୍ଡାର ଆଉ ଅଜାଡ଼ି ଦେଇଛି ଅକଳନୀୟ ଶକ୍ତିର ଉତ୍ସ। ହେଲେ ସମୟକ୍ରମେ ମାଟି ସହିତ ଅଙ୍ଗାଙ୍ଗୀ ଭାବେ ଯୋଡ଼ି ହୋଇ ଆସିଥିବା ମଣିଷର ଆର୍ଥିକ, ସାମାଜିକ, ସାଂସ୍କୃତିକ ଏବଂ ଧାର୍ମିକ ଭାବଧାରା ଧୀରେ ଧୀରେ ହ୍ରାସ ପାଉଥିବା ପରିଲକ୍ଷିତ ହେଉଛି। କିଛି ଅଂଶରେ ମାଟି ସହିତ ମଣିଷର ସମ୍ପର୍କ ସଙ୍କୁଚିତ ହୋଇଯାଉଛି ତ ଆଉ କିଛି ଭାଗରେ ମାଟି ଉପରେ ମଣିଷର ଉତ୍ପୀଡ଼ନ ବଢ଼ିଚାଲୁଛି। ମାଟିରୁ ମୋହ ଭାଙ୍ଗିଯାଉ କିମ୍ବା ମଣିଷ ପାଇଁ ମାଟି ଦୁଷ୍ପ୍ରାପ୍ୟ ହେଉ ଉଭୟ ପରିସ୍ଥିତି ଭବିଷ୍ୟତ ବିଶ୍ୱ ପାଇଁ ଉଦ୍‌ବେଗଜନକ। ଏହି ପ୍ରସଙ୍ଗରେ ମିଳିତ ଜାତିସଂଘ ସାଧାରଣ ପରିଷଦ ୨୦୧୩ ମସିହାରେ ଡିସେମ୍ବର ୫ ତାରିଖକୁ ବିଶ୍ୱ ମୃତିକା ଦିବସ ରୂପେ ପାଳନ କରିବା ପାଇଁ ବିଧିବଦ୍ଧ ଘୋଷଣା କରନ୍ତି। ଏହାକୁ ଆଉ ଟିକେ ପ୍ରାଧାନ୍ୟ ଦେବାକୁ ଯାଇ ମିଳିତ ଜାତିସଂଘ ଖାଦ୍ୟ ଓ କୃଷି ସଂସ୍ଥା ୨୦୧୫ ମସିହା ଅନ୍ତର୍ଜାତୀୟ ମୃତିକା ବର୍ଷ ଭାବେ ପାଳନ କରୁଛି, ଯାହାର ପୂର୍ତି ଏ ବର୍ଷ ଡିସେମ୍ବର ୫ ତାରିଖ ଅର୍ଥାତ୍ ବିଶ୍ୱ ମୃତିକା ଦିବସ ଅବସରରେ ମନାଯାଉଛି।

ସୁସ୍ଥ ମାଟି ଖାଦ୍ୟ, ବସ୍ତ୍ର, ଜାଳେଣି, ଔଷଧ ଇତ୍ୟାଦି ଯୋଗାଣରେ ଏକମାତ୍ର ଉତ୍ସ ଭାବେ ପରିଗଣିତ। ମାଟି ଆମ ପରିବେଶ ପରିସଂସ୍ଥା ପାଇଁ ଏକ ଅନିବାର୍ଯ୍ୟ ଅଙ୍ଗ। ପରିବେଶର ଅତି ଦରକାରୀ ଅଙ୍ଗାରଚକ୍ର ପାଇଁ ମାଟି ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ପୃଷ୍ଠତଳ ସଂଗୃହୀତ କରି ରଖିବା, ବିଶୁଦ୍ଧ ଭୂତଳ ଜଳ ଉତ୍ସ ସୃଷ୍ଟି ଓ ଜଳ ପ୍ରଦାନ କରିବା ତଥା ବନ୍ୟା, ମରୁଡ଼ି ଆଦି ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରଶମିତ କରିବା ଦିଗରେ ମାଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ମାଟି ଜୈବିକ ଅଙ୍ଗାରକର ସର୍ବ ବୃହତମ ଭଣ୍ଡାର ଯାହା ଜଳବାୟୁ ପରିବର୍ତନଜନିତ ପ୍ରତିକୂଳ ପ୍ରଭାବକୁ ପ୍ରଶମନ ତଥା ଖାପ୍ ଖୁଆଇ ନେବାରେ ସାହାଯ୍ୟ କରିଥାଏ। ପ୍ରାୟ ୮୦୦ କୋଟିରୁ ଅଧିକ ବିଶ୍ୱ ଜନସଂଖ୍ୟାରେ ଅନେକ ଲୋକ ଅର୍ଦ୍ଧାହାର, ଅନାହାର, କୁପୋଷଣର ଶିକାର ହୋଇ ଚାଲିଛନ୍ତି। ମିଳିତ ଜାତିସଂଘ ଖାଦ୍ୟ ଓ କୃଷି ସଂସ୍ଥାର ନିର୍ଦ୍ଦେଶକ ଜୋସେ ଗ୍ରାଜିଆନେ ଡି ସିଲ୍‌ଭାଙ୍କ ମତାନୁଯାୟୀ ବର୍ତମାନର ଜନସଂଖ୍ୟା ବୃଦ୍ଧି ପାଖାପାଖି ୬୦ ପ୍ରତିଶତ ଅଧିକ ଖାଦ୍ୟ ଉତ୍ପାଦନ ଦରକାର କରେ। ମାତ୍ର ପରିତାପର ବିଷୟ ଏହିକିଯେ ଏତାଦୃଶ ସ୍ଥିତିରେ ବିଶ୍ୱର ୩୩ ପ୍ରତିଶତ ମୃତିକା ସମ୍ପଦ ଅବକ୍ଷୟଗାମୀ। ମାଟି ଉପରେ ମଣିଷର ଅତ୍ୟଧିକ ବହୁମୁଖୀ ଚାପ ଏହାକୁ ତାର ସର୍ବନିମ୍ନ କାର୍ଯ୍ୟ ସମ୍ପାଦନ କରିବାରେ ବାଧା ସୃଷ୍ଟି କରିଚାଲିଛି। ମାଟିର କ୍ଷଣିକ ତଥା ଲାଭଦାୟକ ବ୍ୟବହାର ପାଇଁ ଏହାର ଅବକ୍ଷୟ, ସଙ୍କୋଚନ, ମୃତିକା ବନ୍ଧନ, ଲବଣତା ବୃଦ୍ଧି, ଜୈବାଂଶ ପ୍ରତିହତ, ପୋଷଣହୀନତା, ଅମ୍ଳବୃଦ୍ଧି ତଥା ଅନ୍ୟାନ୍ୟ ପ୍ରଦୂଷଣ ମାତ୍ରା ଧୀରେ ଧୀରେ ବଢ଼ିଚାଲିଛି। ଏପରି ସ୍ଥିତି ଲାଗି ରହିଲେ ୧୯୬୦ ମସିହାରେ ମୁଣ୍ଡପିଛା ଉତ୍ପାଦନ କ୍ଷମତାଶୀଳ ମାଟି ଯେତିକି ଥିଲା ତାହା ୨୦୫୦ ମସିହା ବେଳକୁ ଏକ ଚତୁର୍ଥାଂଶରେ ପହଂଚିଯିବ। ଗୋଟିଏ ସେଂଟିମିଟର ମୃତିକା ସୃଷ୍ଟି ହେବା ପାଇଁ ପ୍ରକୃତିକୁ ୧୦୦୦ ବର୍ଷ ପର୍ଯ୍ୟନ୍ତ ସମୟ ଲାଗୁଥିଲା ବେଳେ ଆମେ ତାକୁ ୧୦୦୦ ଦିନରୁ କମ୍ ସମୟରେ ନଷ୍ଟ କରିଦେଉଛୁ। ନିରନ୍ତର ଉନ୍ନତିରେ ଖାଦ୍ୟ ସୁରକ୍ଷା ଓ ପୋଷଣ ଅନ୍ୟତମ ଅପରିହାର୍ଯ୍ୟ ଉପାଦାନ ଯାହା କେବଳ ସୁସ୍ଥ ମାଟି ହିଁ ପ୍ରଦାନ କରିଥାଏ। ମାତ୍ର କ୍ରମାଗତ ଭାବେ ନଷ୍ଟ ହୋଇ ଚାଲିଥିବା ମାଟି ଏବେ ପାସୋରି ହୋଇଯାଇଥିବା ଗୋଟେ ସମ୍ପଦର ସ୍ଥିତିରେ ଦଣ୍ଡାୟମାନ। ଜୈବବିବିଧତାର ଏକ ଚତୁର୍ଥାଂଶ ମାଟି ତଳେ ଅବସ୍ଥାନ କରୁଥିବାର ଦେଖାଯାଇଥାଏ। ଅସଂଖ୍ୟ ଅଣୁଜୀବ ଅଦୃଶ୍ୟ ଭାବେ ଅସୁମାରି କାମ କରିଚାଲିଥାନ୍ତି। ପଚାସଢ଼ା ମଇଳା ପଦାର୍ଥକୁ ବିଘଟନ କରି ପରିବେଶକୁ ବିଶୁଦ୍ଧ କରିଥାନ୍ତି ଏମାନେ। ମାଟିର ସଂସ୍ପର୍ଶରେ ସମ୍ଭବ ହୋଇଥାଏ ମଞ୍ଜିର ଅଙ୍କୁରୋଦ୍‌ଗମ, ବିସ୍ତାରିତ ହୁଅନ୍ତି ବୃକ୍ଷରାଜି ଆଉ ସବୁଜିମା। ଏହା ବିଶ୍ୱର ବୃହତ୍ ବିସ୍ମୟ ନୁହେଁ ତ ଆଉ କ'ଣ ? ପ୍ରକୃତିର ପରିଚର୍ଯ୍ୟା ଏବଂ ପର୍ଯ୍ୟାବରଣ ପ୍ରତିଷ୍ଠା ପାଇଁ ପ୍ରତ୍ୟେକଟି ଉପାଦାନ ଖଞ୍ଜି ଦେଇଛି ମାଟି। ମାଟିର ସ୍ତରୀୟ ସଂରଚନା ଦେଇ ଭୂଗର୍ଭଗାମୀ ଭୂପୃଷ୍ଠଜଳର ବିଶୁଦ୍ଧୀକରଣ ପ୍ରକ୍ରିୟା ଯେ କୌଣସି ବୈଜ୍ଞାନିକ ଉପକରଣ ଠାରୁ ଉନ୍ନତମାନର ତାହା ନିଃସନ୍ଦେହ। କିନ୍ତୁ ମାଟିର ଏହି ମହନୀୟତାକୁ ଆମେ କ୍ରମଶଃ ହରାଇବାକୁ ବସିଛୁ। ମଣିଷର ଅପରିଣାମଦର୍ଶୀ ସ୍ୱେଚ୍ଛାଚାରିତାର ଶିକାର ହୋଇଚାଲିଛି ମାଟି। କୁଢ଼ କୁଢ଼ ବର୍ଜ୍ୟବସ୍ତୁର ଆବରଣରେ ଅଦୃଶ୍ୟ ହୋଇ ଚାଲିଛି ମାଟି। ସ୍ୱଳ୍ପ ଜମିରୁ ଅଧିକ ଉତ୍ପାଦନର ଆବଶ୍ୟକତାକୁ ଚରିତାର୍ଥ କରିବାକୁ ଯାଇ ମାଟିରେ ରାସାୟନିକ ସାର, କୀଟନାଶକ, ଜୈବପ୍ରଯୁକ୍ତିର ବହୁଳ ପ୍ରୟୋଗ ମାଟିର ମାନକୁ ନିମ୍ନଗାମୀ କରିପକାଇଲାଣି। ମାଟି ପାଇଁ ସୃଷ୍ଟି ବଂଚି ରହିଥିବା ବେଳେ ମରିଯାଉଥିବା ମାଟିକୁ ବଂଚାଇବା, ସଂକ୍ରମିତ ମାଟିକୁ ସୁସ୍ଥ କରିବାର ପ୍ରୟାସ ସମଗ୍ର ମାନବ ସମାଜର କାମ୍ୟ ହେବା ଜରୁରୀ ।



*ସହକାରୀ ବନ୍ୟ ସଂରକ୍ଷକ,*
*ରାୟଗଡ଼ା ବନ୍ୟ ଡିଭିଜନ*

# ବିତର୍କରେ ରୋଗୀମାନଙ୍କ ପାଇଁ ଲୁଣ ଚିକିତ୍ସା

## ଜୀବନେନ୍ଦୁ ଦାସ

'କଟା ଘା'ରେ ଲୁଣ ଦେବା' ଏହି ଉକ୍ତିଟି ସହିତ ଆମେମାନେ ସମସ୍ତେ ପରିଚିତ। ଅର୍ଥ ହେଲା, ଦୁଃଖ ସମୟରେ ଅଧିକ ଦୁଃଖ ଦେବା। ତେବେ ଆମ ସମାଜରେ ପ୍ରଚଳିତ ଅନେକ ଢ଼ଗ କିଛି ନା କିଛି ତତ୍ୱ ଉପରେ ଆଧାରିତ। ଉପରୋକ୍ତ ଉକ୍ତିର ଆକ୍ଷରିକ ଅର୍ଥରେ ମଧ୍ୟ ସତ୍ୟତା ଥିବାର ପ୍ରମାଣ ଅଛି। ଅର୍ଥ, ଘା'ରେ ଲୁଣ ପକାଇଲେ ଘା'ଟି ଅଧିକରୁ ଅଧିକ ପଇଲା ହୋଇଯାଏ। ଏଥର ଆସିବା ପ୍ରକୃତ ଘଟଣାକୁ। ଭୀମସାର ବୁର୍ଲାରେ ନିର୍ଦ୍ଦେଶକ ଡାକ୍ତର ଅଶ୍ୱିନୀ ପୂଜାହାରୀ କାର୍ଯ୍ୟରେ ଯୋଗଦେବା ଦିନ ଠାରୁ ଅନେକ ସମୟରେ ବିବାଦରେ ରହି ଆସିଛନ୍ତି। ରୋଗୀକୁ ଲଣ୍ଡା କରିବା ହେଉ, ଗାଡ଼ିରୁ ପମ୍ପ ଖୋଲିବା ହେଉ ବା ଛାତ୍ରଛାତ୍ରୀଙ୍କ ଉପରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ହେଉ। ତାଙ୍କର ନିଷ୍ପତି ସବୁବେଳେ ବିବାଦସ୍ପଦ। ମାତ୍ର କିଛି ଦିନ ହେବ ତାଙ୍କର ଆଉ ଏକ କାରନାମା ପଦାକୁ ଆସିଛି। ଡାକ୍ତର ପୂଜାହାରୀ ରୋଗୀଙ୍କ ଘା'ରେ ଲୁଣ ଓ ଲେମ୍ବୁ ପକାଇ ଚିକିତ୍ସା କରନ୍ତି। ଏପରିକି, ପେଟର ଅସ୍ତ୍ରୋପ୍ରଚାର ପରେ ପେଟରେ ଲୁଣ ଦିଅନ୍ତି। ତେବେ ଏପରି ପଦ୍ଧତି, ଡାକ୍ତରୀ ପାଠ୍ୟକ୍ରମରେ କୌଣସି ଠାରେ ଉଲ୍ଲେଖ ନାହିଁ। ଏପରିକି ରୋଗୀଙ୍କ ଘା'ରେ ଲୁଣ ଦେବା ପରେ ଅନେକ ରୋଗୀଙ୍କ ରକ୍ତରେ ସୋଡ଼ିୟମର ମାତ୍ରା ଅତ୍ୟଧିକ ଭାବେ ବଢ଼ିଯିବାର ମଧ୍ୟ ପ୍ରମାଣ ସାମ୍ନାକୁ ଆସିଛି। ଏହାକୁ ମଧ୍ୟ ରୋଗୀ ମୃତ୍ୟୁର ଆଉ ଏକ କାରଣ ଧରାଯାଇପାରେ।

ଡାକ୍ତର ପୂଜାହାରୀ ଯେଉଁ ଯୁକ୍ତି ବାଢ଼ିଛନ୍ତି, ତାହା ଆଇନସମ୍ମତ ବା ବିଜ୍ଞାନ ସମ୍ମତ ନୁହେଁ। ତାଙ୍କର କହିବା କଥା ହେଲା ହାଇପରଟୋନିକ୍ ସାଲାଇନ ବା ଲୁଣ ମାତ୍ରା ଅଧିକ ଥିବା ପାଣି ବ୍ୟବହାର କଲେ ଜୀବାଣୁ ବୃଦ୍ଧି ବ୍ୟାହତ ହୋଇଥାଏ। ଏବଂ ଏହା ତାଙ୍କର ଏକ ନୂତନ ବ୍ୟବହୃତ ପଦ୍ଧତି ଅଟେ। ତେବେ ଏଠାରେ ଆଇନ ଦୃଷ୍ଟିରୁ ଅନେକ ପ୍ରଶ୍ନ ଉଠେ। ଯଦି ଏହା ତାଙ୍କର ନୂତନ ବ୍ୟବହୃତ ପଦ୍ଧତି, ତେବେ ଏହାର ବୈଧତା ସର୍ବଗ୍ରହଣୀୟ କି ? ଉତର ନାଁ। ଯଦି ଏହା ତାଙ୍କର ଆବିଷ୍କୃତ ପଦ୍ଧତି, ତେବେ ମଣିଷ ଶରୀରରେ ପ୍ରୟୋଗ କରିବା ପୂର୍ବରୁ ସେ ନୀତିଗତ ସମିତି ଠାରୁ ଆବଶ୍ୟକ ଅନୁମତି ନେଇଥିଲେ କି ? ଉତର ହେଉଛି ନାଁ। ତେବେ ଜୀବନ୍ତ ମଣିଷ ଶରୀରରେ ତାଙ୍କର ଉଦ୍ଭଟ ଚିନ୍ତାଧାରାର ପ୍ରୟୋଗ ପାଇଁ ତାଙ୍କୁ ଅନୁମତି ଦେଲା କିଏ ? ଏଥର ଆସିବା ବିଜ୍ଞାନ ସମ୍ମତ ତଥ୍ୟ ଆଡ଼କୁ। ଯେଉଁ ହାଇପରଟୋନିକ୍ ସାଲାଇନ କଥା ନିର୍ଦ୍ଦୋକ କହୁଛନ୍ତି ତାହାର ଏକ ନିର୍ଦ୍ଦିଷ୍ଟମାତ୍ରା ରହିଛି। ଏବଂ ତାହା ଷ୍ଟେରିଲାଇଜଡ଼ ବା ଶୋଧିତ ହୋଇଥାଏ। ମାତ୍ର ସିଧା ସଳଖ ଲୁଣ ବ୍ୟବହାର କରିବା ଦ୍ୱାରା, ତାହାର ମାତ୍ରା ନିର୍ଦ୍ଦିଷ୍ଟ ମାତ୍ରାରୁ ହଜାର ଗୁଣ ଅଧିକ ରହିଥାଏ। ପୁନର୍ବାର ଦୋକାନରେ ମିଳୁଥିବା ଟାଟା ଲୁଣ ଖାଇବା ଯୋଗ୍ୟ କିନ୍ତୁ ଶରୀରରେ ବ୍ୟବହାର ଯୋଗ୍ୟ ନୁହେଁ। କାରଣ ଏହା ଶୋଧିତ ହୋଇନଥାଏ। ଆମ ଶରୀରରେ ରକ୍ତର ସାନ୍ଦ୍ରତା ୨୮୫ରୁ ୧୯୫ ମିଲି ଅସ୍‌ମୋଲ୍ ମଧ୍ୟରେ ରହିଥାଏ। ଯେତେବେଳେ ଏହା ୩୫୦ରୁ ଅଧିକ ହୁଏ ସେତେବେଳେ ବାତ ବା କନଭଲସନ୍ ହୋଇଥାଏ। ୪୫୦ରୁ ଅଧିକା ହେଲେ ସେରିବ୍ରାଲ ଇଡିମା ବା ମସ୍ତିଷ୍କରେ ପାଣି ଜମିଯାଏ, ୫୦୦ରୁ ଅଧିକ ହେଲେ ତୁରନ୍ତ ମୃତ୍ୟୁ ହୋଇଥାଏ। ତେବେ ଡାକ୍ତର ପୂଜାହାରୀ ଘା'ରେ ଲୁଣ ବ୍ୟବହାର କଲାପରେ ଅନେକ ରୋଗୀ ଅଧିକ ଅସୁସ୍ଥ ହୋଇପଡ଼ିଥିବାର ପ୍ରମାଣ ମଧ୍ୟ କନିଷ୍ଠ ଡାକ୍ତରମାନେ ଦେଇସାରିଛନ୍ତି। ଯେହେତୁ ରୋଗୀର ମୃତ୍ୟୁ ମଧ୍ୟ ହୋଇଛି। ତାହାର କାରଣ ତଦନ୍ତସାପେକ୍ଷ। ତେବେ ଉପରୋକ୍ତ ତଥ୍ୟକୁ ଦେଖିଲେ ରୋଗୀର ମୃତ୍ୟୁର କାରଣ ଯେ ଅତ୍ୟଧିକ ଲୁଣ ବ୍ୟବହାର ହୋଇନଥିବ ତାହା ମନା କରିହେବନି। ଅନେକ ଅନ୍ତର୍ଜାତୀୟ ସନ୍ଦର୍ଭରେ ମଧ୍ୟ ଉଲ୍ଲେଖ କରାଯାଇଛି ଯେ କୋଷ ମଧ୍ୟରେ ଲୁଣର ମାତ୍ରା ଅଧିକ ରହିବା ଦ୍ୱାରା କର୍କଟ ରୋଗର ଉତ୍ପତି ହୋଇଥାଏ ଓ ଶୀଘ୍ର ଶୀଘ୍ର ବଢ଼ିଥାଏ। ତେବେ ଏହା କର୍କଟ ରୋଗ ନିରାକରଣ କରିଥିବାର ଯେଉଁ ଯୁକ୍ତି ଡାକ୍ତର ଜଣକ ବାଢ଼ୁଛନ୍ତି, ତାହା ଅତ୍ୟନ୍ତ ହାସ୍ୟାସ୍ପଦ। ଅନେକ ସୁନାମଧନ୍ୟ କର୍କଟ ରୋଗ ବିଶେଷଜ୍ଞ ମଧ୍ୟ ଏହି ଯୁକ୍ତିକୁ ନାପସନ୍ଦ କରିଛନ୍ତି। ବିନା ଅନୁମତିରେ ଜୀବନ୍ତ ଶରୀରରେ ଏକ ଅଣବୈଜ୍ଞାନିକ ପଦ୍ଧତିର ପ୍ରୟୋଗ କରିବା ଏକ ଗର୍ହିତ ଅପରାଧ ଅଟେ। ଏହାର ବିଧିବଦ୍ଧ ଭାବେ ତଦନ୍ତ ହେବା ଆବଶ୍ୟକ ଏବଂ ମେଡ଼ିକାଲ କାଉନସିଲ ଅଫ୍ ଇଣ୍ଡିଆର କମିଟି ମଧ୍ୟ ଏହି ବିଷୟରେ ତୁରନ୍ତ ହସ୍ତକ୍ଷେପ କରିବା ଆବଶ୍ୟକ।

*ସହକାରୀ ସର୍ଜନ, ସର୍ଜରୀ ବିଭାଗ, ଏଏମ୍‌ସ୍, ନୂଆଦିଲ୍ଲୀ*

# ସଡ଼କ ସୁରକ୍ଷା, ଜୀବନ ରକ୍ଷା ସ୍ଲୋଗାନ ପାଲଟିଛି ପ୍ରହସନ

## ଶେଖ୍ ଫରିଦ୍‌ଉଦ୍ଦିନ

ନିକଟରେ ନ୍ୟାସନାଲ କ୍ରାଇମ ରେକର୍ଡ଼ ବ୍ୟୁରୋର ସର୍ବଶେଷ ତଥ୍ୟ ଅନୁଯାୟୀ ଭାରତରେ ଗତ ୧୨ ବର୍ଷ ଭିତରେ ୩୯ଲକ୍ଷ ଲୋକଙ୍କର ମୃତ୍ୟୁ ସଡ଼କ ଦୁର୍ଘଟଣାରେ ହୋଇଛି। ସେହିପରି ରେଳଟ୍ରାକ୍ ଓ ରେଳବାଇ କ୍ରସିଂରେ ସଂଗଠିତ ଦୁର୍ଘଟଣାରେ ୨୬ ହଜାର ଲୋକଙ୍କ ଜୀବନ ଚାଲିଯାଇଛି। ଦୈନିକ ହାରାହାରି ୬ଜଣଙ୍କର ଜୀବନ ଚାଲିଯାଉଛି। କେବଳ ୨୦୧୫ରେ ଏହି ଭୟାବହ ସଡ଼କ ଦୁର୍ଘଟଣା ଦେଢ଼ଲକ୍ଷ ଲୋକଙ୍କ ଜୀବନ ନେଇଛି। ସଚେତନତାର ଅଭାବ, ନିଶାଦ୍ରବ୍ୟ ସେବନ କରି ଗାଡ଼ି ଚାଳନା, କୋହଳ ନୀତିନିୟମ, ଦ୍ରୁତଗତିରେ ଗାଡ଼ି ଚାଳନା ଓ ତ୍ରୁଟିପୂର୍ଣ୍ଣ ଯାନବାହାନ ନିୟନ୍ତ୍ରଣ ବ୍ୟବସ୍ଥା ହେଉଛି ଏହାର ପ୍ରମୁଖ କାରଣ। ସେହିପରି କେତେକ ସ୍ଥାନରେ ଭୌଗୋଳିକ ପରିସ୍ଥିତି ଓ ସ୍ଥାନୀୟ ପାଣିପାଗ ମଧ୍ୟ ଏହି ବିପର୍ଯ୍ୟୟର କାରଣ ପାଲଟିଥାଏ। ଭାରତ ପରି ଦ୍ରୁତ ଅଭିବୃଦ୍ଧି ସମ୍ପନ୍ନ ରାଷ୍ଟ୍ରରେ ଦିନକୁ ୫୬ଜଣ ପଥଚାରୀ ଏହି ଭୟାବହ ସଡ଼କ ଦୁର୍ଘଟଣାର ଶିକାର ହୋଇ ସେମାନଙ୍କ ଜୀବନ ଚାଲିଯାଉଛି। ସବୁଠାରୁ ଉଦ୍‌ବେଗର ପ୍ରସଙ୍ଗ ହେଉଛି ଭାରତ ପରି ଏକ ବିକାଶଶୀଳ ଓ ସୂଚନା ପ୍ରଯୁକ୍ତିରେ ବେଶ୍ ଆଗୁଆ ଥିବା ବିକଶିତ ରାଷ୍ଟ୍ରରେ ଦେଶରେ ସଡ଼କ ନିରାପତା ବ୍ୟବସ୍ଥା ଅତ୍ୟନ୍ତ ନିମ୍ନମାନର। ଘରୁ ପଦାକୁ ଗୋଡ଼ କାଢ଼ିଲେ ଜୀବନ ଉପରେ କୌଣସି ଗ୍ୟାରେଂଟି ନାହିଁ। କେତେବେଳେ କଣ ହେବ ତାହା କହିବା ଅସମ୍ଭବ। ଏହି ସମୟରେ ଦୁର୍ଘଟଣା ସର୍ବାଧିକ ଜୀବନ ନେଇଛି। ୨୦୦୫ରୁ ୨୦୧୫ ମସିହା ମଧ୍ୟରେ ଓଡ଼ିଶାରେ ସଡ଼କ ଦୁର୍ଘଟଣା ୩୮,୫୧୮ ଜଣ ମୃତ୍ୟୁବରଣ କରିଥିବା ବେଳେ ବେପାରୁଆ ଗାଡ଼ିଚାଳନା ପାଇଁ ୧୦ ବର୍ଷ ମଧ୍ୟରେ ମାତ୍ର ୧୪୫ ଟଙ୍କା ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଛି। ତେବେ ଏହି ସଡ଼କ ଦୁର୍ଘଟଣା ଯୋଗୁଁ ପ୍ରାୟ ୪୨୩ କୋଟି ଟଙ୍କାର ସମ୍ପତି ଓଡ଼ିଶାରେ ନଷ୍ଟ ହୋଇଥିବା ସରକାରୀ ତଥ୍ୟରୁ ଜଣାଯାଇଛି। ନ୍ୟାସନାଲ କ୍ରାଇମ ରେକର୍ଡ଼ସ ବ୍ୟୁରୋ ଆକଳନ ଅନୁସାରେ ଓଡ଼ିଶାରେ ସର୍ବାଧିକ ଦୁର୍ଲ୍ଲଭ ଜୀବନ ଯାଉଛି ଏହି ଦୁର୍ଘଟଣାରେ। ଶତକଡ଼ା ୫୦ ପ୍ରତିଶତ ଦୁର୍ଘଟଣା ଜାତୀୟ ରାଜପଥରେ ଘଟୁଥିବାବେଳେ ରାଜ୍ୟ ରାଜପଥରେ ୨୫ ପ୍ରତିଶତ ଓ ଅନ୍ୟାନ୍ୟ ରାସ୍ତାରେ ୨୫ ପ୍ରତିଶତ ଦୁର୍ଘଟଣା ଘଟୁଛି। ଏହି ଦୁର୍ଘଟଣା ମଧ୍ୟରେ ସର୍ବାଧିକ ସାଇକେଲ ଚାଳକ, ମୋଟର ସାଇକେଲ ଚାଳକ ଓ ପାଦରେ ଚାଲି ଚାଲି ଯାଉଥିବା ଲୋକମାନେ ବିଶେଷ ଭାବେ ଦୁର୍ଘଟଣାର ଶିକାର ହେଉଛନ୍ତି। ନିକଟରେ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଏକ ସର୍ଭେ କରାଯାଇ ଦୁର୍ଘଟଣା ରୋକିବା ପାଇଁ ୧୪୪ଟି ସ୍ଥାନରେ ବ୍ଲାକ ସ୍ପଟ ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରେ ୬୪ଟି ସ୍ଥାନ ରାଜ୍ୟ ରାଜପଥରେ ଚିହ୍ନଟ କରାଯାଇ ଥିବାବେଳେ ୫୨ଟି ସ୍ଥାନ ଜାତୀୟ ରାଜପଥରେ ଚିହ୍ନଟ କରାଯାଇଥିଲା। ତେବେ ୬୦ ପ୍ରତିଶତ ମଦ୍ୟପାନ ଜନିତ ଦୁର୍ଘଟଣା ଘଟିଥିବାବେଳେ ୩୦ ପ୍ରତିଶତ ଚାଳକ ନିୟନ୍ତ୍ରଣ ହରାଇବା ଫଳରେ ଦୁର୍ଘଟଣା ଘଟୁଥିବା ସର୍ଭେରେ ଦର୍ଶାଯାଇଥିଲା। ତେବେ ୧୨ବର୍ଷ ମଧ୍ୟରେ ମଦ୍ୟପାନଜନିତ କାରଣରୁ ୨୪ ହଜାର ଲୋକଙ୍କ ଜୀବନ ଦୁର୍ଘଟଣାରେ ଯାଇଥିବାବେଳେ ପାଖାପାଖି ୩୦ ହଜାର ଲୋକଙ୍କ ବିକଳାଙ୍ଗ ହୋଇଛନ୍ତି। ତେବେ ଆଜିଠୁ ଆରମ୍ଭ ହୋଇଛି ୨୮ତମ ସଡ଼କ ସୁରକ୍ଷା ସପ୍ତାହ। ଏହି ଅବସରରେ ଜନସାଧାରଣଙ୍କୁ ସଚେତନତା କରାଯାଉଛି। ହେଲେ କଣ ହେବ ଦୁର୍ଘଟଣାହାର କମୁନାହିଁ। ବର୍ଷକୁ ବର୍ଷ ଦୁର୍ଘଟଣା ହାର ବଢ଼ିବାରେ ଲାଗିଛି। ଜନସଂଖ୍ୟା ବୃଦ୍ଧି ପାଇବା ସହ ଯାନବାହନ ସଂଖ୍ୟା ବଢ଼ିଚାଲିଛି। ତେବେ ବିଶ୍ୱରେ ପ୍ରତିଦିନ ଦୁର୍ଘଟଣାରେ ପ୍ରାୟ ୩୮ ହଜାର ବ୍ୟକ୍ତି ପ୍ରାଣ ହରାଉଥିବାବେଳେ ଏନେଇ ବର୍ଷକୁ ପ୍ରାୟ ୧୫ଲକ୍ଷ ୩୦ ହଜାର ଲୋକଙ୍କ ଜୀବନହାନୀ ଘଟୁଛି। ଆମ ଦେଶରେ ଦିନକୁ ପ୍ରାୟ ୪୦୦ଜଣ ବ୍ୟକ୍ତି ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ସେହିଭଳି ଜାତୀୟ ସ୍ତରରେ ୧୦୦ଟି ଦୁର୍ଘଟଣାରେ ୩୨ ଜଣ ପ୍ରାଣ ହରାଉଥିବାବେଳେ ଓଡ଼ିଶାରେ ୧୦୦ ଜଣରେ ପାଖପାଖି ୧୮ଜଣ ପ୍ରାଣ ହରାଉଛନ୍ତି।

ସରକାରୀ ତଥ୍ୟ ଅନୁଯାୟୀ ୨୦୦୫ ମସିହାରେ ରାଜ୍ୟରେ ୭୫୦୯୩ଟି ସଡ଼କ ଦୁର୍ଘଟଣା ଘଟି ୨୫୩୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୪୩୨୧ ଜଣ ଗୁରୁତର ଭାବେ ଓ ୫୮୬୪ ଜଣ ସାମାନ୍ୟ ଆଘାତପ୍ରାପ୍ତ ହୋଇଥିଲେ। ଉକ୍ତ ବର୍ଷରେ ଦୁର୍ଘଟଣା ଯୋଗୁଁ ୧୭ କୋଟି ୮୪ ଲକ୍ଷ ଟଙ୍କାର ସମ୍ପତି ନଷ୍ଟ ହୋଇଥିବା ବେଳେ ୨୫ଟି ଗାଡ଼ି ଚାଳନା ଲାଇସେନ୍ସକୁ ବାତିଲ କରାଯାଇଥିଲା। ବର୍ଷକୁ ବର୍ଷ ସଡ଼କ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇ ୨୦୦୯ ମସିହାରେ ରାଜ୍ୟରେ ୮୮୯୨ଟି ସଡ଼କ ଦୁର୍ଘଟଣା ଘଟିଥିବାବେଳେ ଏହି ବର୍ଷରେ ୩୫୨୭ଜଣଙ୍କ ମୃତ୍ୟୁ ଘଟିଥିଲଶ। ତେବଟ ଉକ୍ତରେ ବର୍ଷ ସଡ଼କ ଦୁର୍ଘଟଣାରେ ୪୫୮୯ ଲୋକ ଗୁରୁତର ଓ ୬୭୦୭ ଜଣ ସାମାନ୍ୟ ଆଘାତପ୍ରାପ୍ତ ହୋଇଥିବାବେଳେ ୧୦୯ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟ ସମ୍ପତି ନଷ୍ଟ ହୋଇଥିଲା। ସେହି ବର୍ଷରେ ବେପରୁଆ ଗାଡ଼ି ଚାଳନା ପାଇଁ ୧୭ଟି ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଥିଲା। ୨୦୧୪ ବର୍ଷରେ ଓଡ଼ିଶାରେ ସଡ଼କ ଦୁର୍ଘଟଣା ସଂଖ୍ୟା ୯୬୪୮ ଥିବାବେଳେ ଏଥିରେ ୩୯୩୧ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ବର୍ଷରେ ୫୬୬୭ ଜଣ ସଡ଼କ ଦୁର୍ଘଟଣା ଯୋଗୁଁ ଗୁରୁତର ହୋଇଥିବାବେଳେ ୫୪୨୦ ଜଣ ସାମାନ୍ୟ ଆହାତ ହୋଇଥିଲେ। ଉକ୍ତ ବର୍ଷରେ ସଡ଼କ ଦୁର୍ଘଟଣା ଯୋଗୁଁ ପାଖାପାଖି ୭୦ କୋଟି ଟଙ୍କାର ସମ୍ପତି ନଷ୍ଟ ହୋଇଥିବା ବେଳେ ମାତ୍ର ଗୋଟିଏ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଥିଲା। ତେବେ ସରକାରଙ୍କ ପ୍ରଦତ ପରିସଂଖ୍ୟାନ ଅନୁଯାୟୀ ୨୦୧୫ ବର୍ଷରେ ସଡ଼କ ଦୁର୍ଘଟଣା ସଂଖ୍ୟା ୧୦,୫୪୨କୁ ବୃଦ୍ଧି ପାଇଥିବାବେଳେ ଏଥିଯୋଗୁଁ ମୃତ୍ୟୁବରଣ କରିଥିବା ଲୋକଙ୍କ ସଂଖ୍ୟା ମଧ୍ୟ ୪୩୦୩ରେ ପହଂଚିଥିଲା। ୨୦୧୪ରେ ସଡ଼କ ଦୁର୍ଘଟଣା ଯୋଗୁଁ ଓଡ଼ିଶାରେ ୬୦୮୮ଜଣ ଗୁରୁତର ଭାବେ ଓ ୫୭୩୭ ଜଣ ସାମାନ୍ୟ ଆଘାତ ପାଇଥିବାବେଳେ ୨୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ସମ୍ପତି ନଷ୍ଟ ହୋଇଥିଲା। ଏହି ବର୍ଷରେ ମାତ୍ର ୯ଟି ଡ୍ରାଇଭିଂ ଲାଇସେନ୍ସ ବାତିଲ ହୋଇଥିବା ଜଣାଯାଇଛି। ତେବେ ୨୦୦୫ରୁ ୨୦୧୫ ବର୍ଷ ମଧ୍ୟରେ ଏହି ସରକାରୀ ତଥ୍ୟ ଅନୁଯାୟୀ ସଡ଼କ ଦୁର୍ଘଟଣାରେ ୩୮,୫୧୮ ଜଣ ମୃତ୍ୟୁ ବରଣ କରିଥିବା ବେଳେ ୪୩୩ କୋଟି ୮୧ ଲକ୍ଷ ଟଙ୍କା ମୂଲ୍ୟର ସମ୍ପତି ନଷ୍ଟ ହୋଇଥିଲା। ୧୦ବର୍ଷରେ ମାତ୍ର ୧୪୫ଟି ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଥିଲା। ତେବେ ୧୪ରୁ ୪୦ବର୍ଷ ମଧ୍ୟରେ ଲୋକ ପ୍ରାଣ ହରାଉଥିବାବେଳେ ପ୍ରତି ମିନିଟରେ ୪ଜଣଙ୍କ ଦୁର୍ଘଟଣାର ଶିକାର ହୋଇ ଆଖି ବୁଜୁଛନ୍ତି। ବିଶେଷକରି ୪୦ ପ୍ରତିଶତ ବାଇକ ଚାଳକ ଦୁର୍ଘଟଣାର ଶିକାର ହେଉଛନ୍ତି। ଅନ୍ୟପକ୍ଷରେ ଯାନବାହାନର ଅତ୍ୟଧିକ ବେଗ ଯୋଗୁଁ ଗାଡ଼ି ଚାଳକ ଓ ପଦଚାରୀମାନେ ଅନେକ ସମୟରେ ଦୁର୍ଘଟଣାର ଶିକାର ହୋଇଥାନ୍ତି। ଏହି କାରଣରୁ ସେମାନଙ୍କ ପରିବାର ଓ ପ୍ରିୟଜନମାନେ ଅତ୍ୟନ୍ତ ଦୁଃଖ ଓ ଆର୍ଥିକ ଅନଟନର ବୋଝ ମୁଣ୍ଡାଇଥାନ୍ତି। ସଡ଼କ ଦୁର୍ଘଟଣା ଯୋଗୁଁ ଉପରୋକ୍ତ ସରକାରୀ ତଥ୍ୟ ଆଧାରରେ କେବଳ ଗତବର୍ଷ ହାରାହାରି ଦୈନିକ ପ୍ରାୟ ୧୨ ଜଣ ଲୋକ ମୃତ୍ୟୁ ହେଉଥିବାବେଳେ ୩୨ଜଣ ଲୋକ ଆଘାତପ୍ରାପ୍ତ ହୋଇଥିଲେ। ଏଡ଼୍‌ସ, ମ୍ୟାଲେରିଆ ଆଦି ରୋଗରୁ ଆମ ରାଜ୍ୟରେ ଯେତେ ମରୁଛନ୍ତି ତାହା ଠାରୁ ଢ଼େର ଅଧିକ ସଂଖ୍ୟକ ଲୋକ ସଡ଼କ ଦୁର୍ଘଟଣା ଯୋଗୁଁ ମୃତ୍ୟୁବରଣ କରୁଥିବା ଓ ପଙ୍ଗୁ ହେଉଥବା କାରଣରୁ ଏହି ଗୁରୁତର ସମସ୍ୟାର ସମାଧାନ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କ୍ରିୟାଶିଳ ପଦକ୍ଷେପ ନେବା ସହିତ କେନ୍ଦ୍ର ସରକାରଙ୍କ ସଡ଼କ ନିରାପତା ପରିଷଦ ଯେଉଁ ପରାମର୍ଶମାନେ ଦେଇଛନ୍ତି ତାହାକୁ ରାଜ୍ୟ ସରକାର ତୁରନ୍ତ ଅକ୍ଷରେ ଅକ୍ଷରେ ଅନୁପାଳନ କରିବାକୁ ଦାବି କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟର ରାଜପଥରେ ଦ୍ରୁତ ଗତିରେ ଗାଡ଼ି ଚଳାଉଥିବା ଚାଳକମାନଙ୍କୁ ଦଣ୍ଡିତ କରିବା ପାଇଁ ସ୍ପିଡ ଡିଟେକ୍ସନ ରାଡ଼ାର ଓ ବ୍ରିଥ ଆନାଲାଇଜର ଖଞ୍ଜା ଯାଇଥିବାବେଳେ ୧୫ଟି ଇଂଟସେପ୍ଟର ଯାନ ରାଜପଥଗୁଡ଼ିକରେ ମୁତୟନ କରାଯାଇଛି। ପରିବହନ ବିଭାଗର ଟ୍ରାଫିକ ନିରୀକ୍ଷକମାନେ ବର୍ଷତମାମ ରାସ୍ତାରେ ଦ୍ରୁତ ଗତି ତଥା ଅନ୍ୟାନ୍ୟ ମୋଟରଯାନ ଆଇନ ଉଲ୍ଲଘଂନକାରୀଙ୍କୁ ଧରପଗଡ଼ କରି ଦଣ୍ଡିତ କରୁଛନ୍ତି। ସଡ଼କ ଦୁର୍ଘଟଣା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ନିୟମିତ ବ୍ୟବଧାନରେ ସଚେତନତା ବାର୍ତା ପ୍ରଚାର ହେଉଛି। ଖୋର୍ଦ୍ଧା ଠାରୁ ଚଣ୍ଡିଖୋଲ ଓ ଭୁବନେଶ୍ୱରରୁ ପୁରୀ ଜାତୀୟ ରାଜପଥର କିଛି ଅଂଶରେ ରାସ୍ତାର ମେଡ଼ିଆନ ଇଂଟରସେକ୍ସନ ପଏଂଟରେ ଦୁର୍ଘଟଣା ରୋକିବା ପାଇଁ ସୌରଚାଳିତ ବ୍ଲିଙ୍କର ଲଗାଯାଇଛି। ରାତି ସମୟରେ ଦୁର୍ଘଟଣା ଏଡ଼ାଇବା ଯାନଗୁଡ଼ିକର ପଛପଟେ ରେଟ୍ରୋ ରିଫ୍ଲେକ୍ଟିଭ ଟେପ୍ ଲଗାଯାଉଛି। ଆଂଚଳିକ ପରିବହନ ଅଧିକାରୀଙ୍କୁ ଅଧିକ ମାଲ ପରିବହନ କରୁଥିବା ଯାନର ଯାଞ୍ଚ ନିମନ୍ତେ ପୋର୍ଟେବଲ ଓ୍ୱେ ବ୍ରିଜ ଲଗାଯାଇଛି। ରାଜପଥଗୁଡ଼ିକରେ ୨୦ଟି ଆମ୍ବୁଲାନ୍ସ ଓ ୧୫ଟି କ୍ରେନ୍ ମୁତୟନ କରାଯାଇଛି ବୋଲି ସରକାରଙ୍କ ପକ୍ଷରୁ ଦର୍ଶାଯାଇଛି। ତଥାପି ଦୁର୍ଘଟଣା କମିବ କଣ ବଢ଼ିବାରେ ଲାଗିଛି। ଯାହାକି ଚିନ୍ତାର ବିଷୟ ହୋଇଯାଇଛି।

*ମଧୁପୁର, କୁଆଁପାଳ, କଟକ*

ନୂତନବାର୍ତ୍ତା
ବାଲେଶ୍ୱର




ରୋବଟ ବିଷୟରେ ଅଳ୍ପ ବହୁତେ ତ ଜାଣିଥିବେ। ସଂକ୍ଷେପରେ କହିଲେ ମଣିଷରୂପୀ ଯନ୍ତ୍ର। ବୈଜ୍ଞାନିକମାନେ ଏବେ ଆଉପାଦେ ଆଗେଇଛନ୍ତି। ସେମାନଙ୍କର ନୂଆ ଉଦ୍ଭାବନ ରୋବୋ-ଫିଶ୍ ବା ରୋବଟ ମାଛ। ଘରେ ଆକ୍ୱାରିୟମ ରଖିବାକୁ ଅନେକଙ୍କ ଏକ ସଉକ। ମାଛ ରଖିବା ସେପରି ବ୍ୟୟସାପେକ୍ଷ ନୁହେଁ ଓ ଅଳ୍ପ ଯତ୍ନରେ ବି ସେମାନେ ରହିପାରନ୍ତି। ହଁ, ସେମାନଙ୍କୁ ପ୍ରତ୍ୟେକ ଦିନ ଖାଇବାକୁ ଦେବାକୁ ପଡ଼ିବା ସହିତ ଏହାର ପାଣି ମଧ୍ୟ ବଦଳାଇବାକୁ ପଡ଼େ ସମୟାନ୍ତରରେ; ହେଲେ ରୋବୋ ଫିଶ୍ ପାଇଁ ଏ ସବୁ କିଛିର ଆବଶ୍ୟକତା ନାହିଁ। ଜାପାନସ୍ଥିତ ଟାକାରା ଟମି ଏ.ଆର୍.ଟି.ଏସ୍. କମ୍ପାନୀ ଏହାର ନିର୍ମାତା। ମାଛ ପରି ଅବିକଳ ଦେଖିବାକୁ ଏହି ରୋବୋ ମାଛ। ଲାଞ୍ଜ ଟିକିଏ ଛାଡ଼ି କରି ରହିଛି ଶରୀରଠାରୁ। କେବଳ ଏଥିରେ ଥିବା ବଟନ ଟିପିବା ମାତ୍ରେ ହିଁ ଏହା ପହଁରିଥାଏ ଯେପରି ସତରେ ପାଣି ଭିତରେ ଖାଦ୍ୟ ଖୋଜୁଛି। ମାଛର ପ୍ରାୟ ସବୁ ହାବଭାବ ଦେଖିବାକୁ ମିଳେ ଏଥିରେ। ବ୍ୟସ୍ତବହୁଳ ଜୀବନରେ ଜୀବନ୍ତ ମାଛଙ୍କୁ ସଠିକ୍ ସମୟରେ ଖାଦ୍ୟ ଦେଇପାରୁନା ଓ ଯତ୍ନ ବି ନେଇହୁଏ ନାହିଁ। ଏମିତିରେ ଏହା ବହୁ ଉପଯୋଗୀ ମନେହୁଏ। ଏହାର ମୂଲ୍ୟ ରହିଛି ମାତ୍ର ୧୯୫୨ ଟଙ୍କା।

# ସର୍ବକନିଷ୍ଠ ଡିଜେ



ବିଶ୍ୱର ସର୍ବକନିଷ୍ଠ ଡିଜେ ବା ଡିସ୍କ ଜକି ଭାବେ ଅମ୍ବର ଜ୍ୟାକବ୍ସ ସ୍ଥାନ ପାଇବାକୁ ଯାଉଛନ୍ତି। ତେବେ ଏଥିପାଇଁ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ଏହିଦିନ ସେ ଏଭିସାମଠାରେ ନିଜସ୍ୱ କାର୍ଯ୍ୟକ୍ରମ ଦି ସ୍ୱାନ ଇନର ଉପସ୍ଥାପନା କରିବେ। ଜମାରୁ ୬ ବର୍ଷ ବୟସ ତାଙ୍କୁ; ହେଲେ ତାଙ୍କର କାମ କରିବାର ଶୈଳୀ ଏବଂ ସୁମଧୁର ସ୍ୱର କୌଣସି ପେଶାଦାର ଡିଜେଙ୍କଠାରୁ କମ୍ ନୁହେଁ। ଘର ଇଂଲଣ୍ଡର ଓ୍ୱର୍ସଷ୍ଟରସାୟାର ସ୍ଥିତ ପେରସୋରରେ। ପିଲାଟିବେଳୁ ବାପା ଷ୍ଟିଭ୍‌ଙ୍କ ସହ ଟିବିଏଫ୍‌ଏମ୍ ଅନ୍‌ଲାଇନ୍‌ରେ ରହିଆସୁଛନ୍ତି। ଷ୍ଟିଭ୍ ସେଠାରେ ଜଣେ ଡିଜେ ଭାବେ କାର୍ଯ୍ୟରତ। ପରେ ବୟସ ବଢ଼ିବା ସହ ଏଥିପ୍ରତି ତାଙ୍କର ଆଗ୍ରହ ପ୍ରକାଶ ପାଇଲା। ତାଙ୍କ କାମ କହିଲେ ପୂର୍ବରୁ ରେକର୍ଡ଼ ହୋଇଥିବା ଗୀତଗୁଡ଼ିକୁ ଶ୍ରୋତାଙ୍କ ଶୁଣାଇବା। ଏବେ ସେ ସ୍ଥାନୀୟ ଅଂଚଳରେ ଡିଜେ ଏଜେ ନାଁରେ ଜଣାଶୁଣା।

# ସୁନ୍ଦର ଦିଶିବା ପାଇଁ

ଗଜନୀର ଅମୀର ଖାଁଙ୍କ ସିକ୍ସ ପ୍ୟାକ୍ ଚେହେରା ପାଇଁ ଏବେ ବି ଯୁବଗୋଷ୍ଠୀଙ୍କ ମଧ୍ୟରେ ବେଶ୍ ଆଗ୍ରହ ଅଛି। ଆଉ ଟିକିଏ ସୁନ୍ଦର ଓ ସ୍ୱାସ୍ଥ୍ୟବାନ ଦେଖାଯିବା ପାଇଁ ସେମାନେ କିଛି ବି କରିବାକୁ ପଛାନ୍ତି ନାହିଁ। ଏଇ ଯେମିତି ନ୍ୟୁୟର୍କର ଜଷ୍ଟିନ୍





ଜେଡିକା। ମାତ୍ର ୩୨ ବର୍ଷ ବୟସରେ ସେ ୯୦ ଥର କସ୍‌ମେଟିକ୍ ସର୍ଜରୀ (ଶରୀର ଚିକିତ୍ସା) କରିସାରିଲେଣି। ଏଥିପାଇଁ ମୋଟ ଖର୍ଚ୍ଚ ହୋଇଛି ୫୨ଲକ୍ଷ ୮୯ ହଜାର ଟଙ୍କା। କେହି ନିଜର ନାକକୁ ସିଧା କରିବାକୁ ଚାହୁଁଥିବାବେଳେ ଆଉ କେହି ନିଜ ମୁହଁରୁ ଦାଗ ହଟାଇବାକୁ ଚାହିଁଥାନ୍ତି। ଏ ସମସ୍ତଙ୍କଠାରୁ ଜଷ୍ଟିନ୍ ସବୁଠୁ ଆଗରେ ଅଛନ୍ତି। ଏଭଳି ଅଭିନବ ଅସ୍ତ୍ରୋପଚାର ପାଇଁ ଏବେ ସେ କେନ୍ ଡଲ୍ ବା ଧଳା ମଣିଷ କଣ୍ଢେଇ ନାଁରେ ପରିଚିତ। ନିଜ ଶରୀର ପ୍ରତି ଖୁବ୍ ଯତ୍ନବାନ୍ ସେ ଓ ଜିମ୍ ଯିବା ପାଇଁ ମଧ୍ୟ ଭଲପାଆନ୍ତି। ପ୍ରାୟ ୯୦ଥର ନିଜର ପ୍ଲାଷ୍ଟିକ୍ ସର୍ଜରୀ କରାଇବା ପରେ ତାଙ୍କ ମାଂସପେଶୀ ପ୍ଲାଷ୍ଟିକ୍ ପରି ଟାଣ ହୋଇଯାଇଛି। ତାଙ୍କ ଶରୀରର ଉପରି ଭାଗ ହିଁ ଅଧିକ ସିଲିକନ୍ ରୋପଣ କରାଯାଇଛି। ସେ କହୁଣି, ପେଟ, ମାଂସପେଶୀର ସର୍ଜରୀ କରାଇଛନ୍ତି। ଆଣ୍ଠୁ ଉପରର ଜାଗାକୁ ସେ ଟିକେ ଅଧିକ ଶକ୍ତ କରାଇବା ପାଇଁ ଚାହୁଁଥିଲେ ଏବଂ ପ୍ରାୟ ୧୩ ଥରର କସ୍‌ମେଟିକ୍ ସର୍ଜରୀ ପରେ ସେ ତାଙ୍କ ଈପ୍ସିତ ରୂପ ପାଇଲେ। ତାଙ୍କ କହିବାନୁସାରେ ଇଏ ତାଙ୍କ ପାଇଁ ଆରମ୍ଭ ମାତ୍ର। ଗତ ୧୦ ବର୍ଷ ମଧ୍ୟରେ ଏପରି ଚିକିତ୍ସା କରି ସେ ନିଜକୁ ଏକ ଜୀବନ୍ତ କଣ୍ଢେଇରେ ପରିଣତ କରିଦେଇଛନ୍ତି।

# ଶ୍ରୀରାମ ନବମୀ



ଚୈତ୍ର ଶୁକ୍ଳ ନବମୀ ରାମନବମୀ ରୂପେ ପରିଚିତ। ଏହିଦିନ ରାମଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳନ କରାଯାଏ। ତ୍ରେତୟା ଯୁଗରେ ଅଯୋଧ୍ୟାର ରାଜା ଥିଲେ ଦଶରଥ। ତାଙ୍କର ତିନିରାଣୀ କୌଶଲ୍ୟା, କୈକେୟୀ ଓ ସୁମିତ୍ରା। ରାଜାଙ୍କର ବଡ଼ ଦୁଃଖ ଥିଲା ଯେ ତାଙ୍କର କୌଣସି ସନ୍ତାନ ନଥିଲେ। କୁଳଗୁରୁ ବଶିଷ୍ଠ ପ୍ରାର୍ଥୀତ ସନ୍ତାନ ପ୍ରାପ୍ତି ନିମନ୍ତେ ଋଷିଶୃଙ୍ଗଙ୍କ ଦ୍ୱାରା ପୁତ୍ରେଷ୍ଟି ଯଜ୍ଞ କରିବାକୁ ଦଶରଥଙ୍କୁ ଉପଦେଶ ଦେଲେ। ବଶିଷ୍ଠ ଓ ଋଷିଶୃଙ୍ଗ ଦ୍ୱାରା ପୁତ୍ରେଷ୍ଟି ଯଜ୍ଞ ସମାପନ ପରେ ଯଜ୍ଞେଶ୍ୱର ଯଜ୍ଞକୁଣ୍ଡରୁ ଆବିର୍ଭୂତ ହୋଇ ଦଶରଥଙ୍କୁ ଏକ ଚରୁଅନ୍ନପୂର୍ଣ୍ଣ ପାତ୍ର ପ୍ରଦାନ କରି ରାଣୀମାନଙ୍କୁ ସେବନ କରିବାକୁ କହିଲେ। ଦଶରଥ ଅଧା ଚରୁଅନ୍ନ କୌଶଲ୍ୟାଙ୍କୁ ଓ ଅନ୍ୟ ଅଧା ଭାଗକୁ କୈକେଇଙ୍କୁ ପ୍ରଦାନ କଲେ। କୌଶଲ୍ୟା ଓ କୈକେୟୀ ନିଜନିଜର ଚରୁଅନ୍ନର ଅଧାଭାଗରୁ କନିଷ୍ଠା ରାଣୀ ସୁମିତ୍ରାଙ୍କୁ ସେବନ କରିବାକୁ ଦେଲେ। ଏହାର କିଛିଦିନ ପରେ ତିନିରାଣୀ ଅନ୍ତଃସତ୍ୱା ହେଲେ। ପବିତ୍ର ଚୈତ୍ର ନବମୀ ଦିନ ଦ୍ୱିପ୍ରହରରେ କୌଶଲ୍ୟା ପ୍ରଭୁ ରାମଚନ୍ଦ୍ରଙ୍କୁ, କୈକେୟୀ ଭରତଙ୍କୁ ଓ ସୁମିତ୍ରା ଯମଜ ସନ୍ତାନ ଲକ୍ଷ୍ମଣ ଓ ଶତ୍ରୁଘ୍ନଙ୍କୁ ଜନ୍ମ ଦେଲେ। ବିଷ୍ଣୁଙ୍କ ସପ୍ତମ ଅବତାର ପ୍ରଭୁ ରାମଚନ୍ଦ୍ର ସ୍ୱଇଚ୍ଛାରେ ଅଧର୍ମର ବିଲୋପ କରିବାକୁ ପୃଥିବୀ ପୃଷ୍ଠରେ ଅବତରଣ କରିଥିଲେ।

# ୨ ବର୍ଷର ସାପୁଆ କେଳା

ସାପଙ୍କୁ ଭୟ କରନା। ଏ କିଛି କ୍ଷତି କରିବନି। ଏ କଥା ପୁଣି କହୁଛନ୍ତି ଅଷ୍ଟ୍ରେଲିଆରେ ରହୁଥିବା ୨ ବର୍ଷର ଶିଶୁ ଚାର୍ଲି ପାର୍କର। ଆଶ୍ଚର୍ଯ୍ୟ ଲାଗିଲେ ବି ଏହା ହିଁ ସତ। ବିଷାକ୍ତ ସରୀସୃପ ଯେମିତି ତା'ର ସାଙ୍ଗ। ସେମାନଙ୍କ ସହ ବେଶ୍ ଖୁସିରେ ଖେଳୁଛନ୍ତି ଚାର୍ଲି। ସମୟ ଅତିବାହିତ କରୁଛନ୍ତି। କିଛି ବିକ୍ଷତି କରୁନାହାଁନ୍ତି ଏହି ବିଷାକ୍ତ ଜୀବ।





ଏବେକାର ଘଟଣା। ୧୦ କିଲୋଗ୍ରାମ ଓଜନର ଏକ ସାପ ସହ ତାଙ୍କର ଅନାବିଳ ବନ୍ଧୁତା ଦେଖି ତାଙ୍କ ପରିବାର ଲୋକେ ବି ତାଜୁବ୍। ତାକୁ ବେକରେ ଗୁଡ଼ାଇ ଏପଟସେପଟ କରିବା ସହ ହାତରେ ଧରି ବୁଲାଇବାର ଦୃଶ୍ୟ ଅନେକଙ୍କୁ ଆଚମ୍ବିତ କରିଛି। ଅତି ଛୋଟବେଳୁ ସେ ସାପଙ୍କ ସଂସ୍ପର୍ଶରେ ଆସିଥିବାର କହନ୍ତି ଚାର୍ଲିର ପିତା ଗ୍ରେଗ୍ ପାର୍କ। ଏବେ ସେ ଅଷ୍ଟ୍ରେଲିଆର ସର୍ବକନିଷ୍ଠ ସାପୁଆକେଳା ଭାବେ ନାଁ କରିଛି। ଭିକ୍ଟୋରିଆରେ ଗ୍ରେଗ୍‌ଙ୍କର ଏକ ବଡ଼ ପାର୍କ ମଧ୍ୟ ରହିଛି। ତେବେ ଚାର୍ଲିଙ୍କର ସମ୍ପର୍କ ସାପମାନଙ୍କ ସହ କିପରି ରହିବ, ତାହା ଆଗାମୀ ଦିନରେ ଜଣାପଡ଼ିବ।

# କେଶର୍ ଫେସ୍ ପ୍ୟାକ୍

**ସୁନ୍ଦରତା ପାଇଁ କେଶର୍‌ର ମହତ୍ୱ ବେଶ୍ ରହିଛି। ଆସନ୍ତୁ ଜାଣିନେବା ସେହି କେଶର୍ ଫେସିଆଲ ସମ୍ପର୍କରେ...**





- କେଶର୍ ଫେସ୍ ପ୍ୟାକ୍ ଲଗାଇଲେ ତ୍ୱଚା ଗୋଲାପୀ ଏବଂ ରଙ୍ଗ ସଫା ହୁଏ।
- କେଶର୍ ସହିତ ଚନ୍ଦନ ପାଉଡର ମିଶାଇ ଲଗାଇଲେ ଏହା ଅଏଲି ସ୍କିନ୍ ପାଇଁ ଭଲ କାମ କରିଥାଏ। ଏହାବ୍ୟତୀତ ସନ୍‌ଟ୍ୟାନ୍, ମୁଖବ୍ରଣ ଆଦି ସମସ୍ୟା ପାଇଁ ବି ଏହା ଲାଭକାରୀ ସାବ୍ୟସ୍ତ ହୁଏ।
- କେଶର୍ ସହିତ ମହୁ ମିଶାଇ ଲଗାଇଲେ ମୁହଁ ସଫା ରହିଥାଏ।
- କେଶର୍ ଏବଂ ଅମୃତଭଣ୍ଡାରେ ଆଂଟିଅକ୍ସିଡାଂଟ ରହିଛି, ଯାହା ତ୍ୱଚା ପାଇଁ ଲାଭକାରୀ।
- ଏକ ପାତ୍ରରେ ପାଚିଲା ଅମୃତଭଣ୍ଡା, କ୍ଷୀର, ମହୁ ଏବଂ କେଶର୍ ମିଶାଇ ଦିଅନ୍ତୁ। ଏହାପରେ ଏହି ମିଶ୍ରଣକୁ ୧୦-୧୫ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାଇ ରଖନ୍ତୁ। ଶୁଖିଗଲା ପରେ ଥଣ୍ଡା ପାଣିରେ ମୁହଁକୁ ଧୋଇ ଦିଅନ୍ତୁ।
- କେଶର୍, କ୍ଷୀର ଏବଂ ତେଲକୁ ଏକାଠି ମିଶାଇ ଏକ ପ୍ୟାକ୍ ପ୍ରସ୍ତୁତ କରି ଲଗାନ୍ତୁ। ଏହା ରଙ୍ଗ ସଫା କରିଥାଏ।
- ଗୋଲାପ ଜଳ, କ୍ଷୀର, କେଶର୍, ଅଲିଭ୍ ଅଏଲ୍ ଏବଂ ନଡ଼ିଆ ତେଲ ମିଶାଇ ଲଗାନ୍ତୁ। ଏହା ସ୍କ୍ରବ୍ ପରି କାମ କରିବା ସହ ରଙ୍ଗ ସଫା କରିଥାଏ।
- ରାତିରେ ବାଦାମକୁ ଭିଜାଇ ରଖନ୍ତୁ। ଏହାପରେ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ସେଥିରେ ଗରମ ପାଣିରେ ଭିଜାଇ ରଖାଯାଇଥିବା କେଶର୍ ସହ ସେ ପାଣି ଓ ମହୁ ଏବଂ ଲେମ୍ବୁରସ ମିଶାନ୍ତୁ। ଏହି ପ୍ୟାକ୍‌କୁ ମୁହଁ ଏବଂ ବେକରେ ଲଗାଇଲେ ଶୁଷ୍କତା, ମୁଖବ୍ରଣ ସହ ମୁହଁରେ ଥିବା ଦାଗ ସଫା ହୋଇଥାଏ।

# ଦୁବାଇବାସୀଙ୍କ ବିଳାସପୂର୍ଣ୍ଣ ଜୀବନ

ବିଭିନ୍ନ ସ୍ଥାନରେ ନାନାପ୍ରକାରର ଅଜବ ଘଟଣା ଦେଖିବାକୁ ମିଳିଥାଏ। ତେବେ, ଦୁବାଇର ଧନିକ ଗୋଷ୍ଠୀଙ୍କର ବିଳାସମୟ ଜୀବନଯାପନ ଅନେକ ସମୟରେ ଗଣମାଧ୍ୟମ ପାଇଁ ରୋଚକ ତଥ୍ୟ ଯୋଗାଇଥାଏ। ଅର୍ଥର ଅଭାବ କ'ଣ ବୋଧହୁଏ ସେଠା ଲୋକ ଜାଣନ୍ତିନାହିଁ। ସେଥିପାଇଁ ଅନେକ ପ୍ରକାରର ଅଜବ ସଉକ ଦୁବାଇର ଧନୀ ଲୋକଙ୍କ ନିକଟରେ ଦେଖିବାକୁ ମିଳେ। ଧନିକ ଲୋକେ ଏଟିଏମରୁ ସୁନା ବାହାର କରିବା ଦୁବାଇରେ ପ୍ରଥମ ଘଟଣା। ସୁନାର କାର୍, ସହ ଦୁବାଇ ଲୋକେ ଏବେ ସିଂହ ଓ ବାଘ ଉପରେ ବସି ଯା'ଆସ କରୁଥିବାର ଦେଖାଯାଇଛି। ସେଠାକାର ଏକ ଖବରକାଗଜରୁ ମିଳିଥିବା ତଥ୍ୟ ଅନୁସାରେ, ଏକ ବିଶେଷ ଗୋଷ୍ଠୀର ଲୋକେ ସେଠାରେ ଏଭଳି କାମ କରୁଛନ୍ତି। ଏଥିପାଇଁ ସେମାନେ ଅପର୍ଯ୍ୟାପ୍ତ ପରିମାଣର ଅର୍ଥ ଖର୍ଚ୍ଚ କରିବାକୁ ପଛାଉନାହାନ୍ତି। କେତେକ ସମୟରେ ଦାମୀ କାରଗୁଡ଼ିକ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା ନିମନ୍ତେ ସେମାନେ ହେଲିକପ୍ଟର ବ୍ୟବହାର କରିଥାନ୍ତି। ଏପରିକି କେତେକ ଲୋକେ ନିଜ ପୋଷା ବାଘ ଓ ସିଂହକୁ ନିଜ ସାଥୀରେ କାର୍‌ରେ ବସାଇ ଯାତ୍ରା କରିଥାନ୍ତି। ବାଘ କିମ୍ବା ସିଂହ ଉପରେ ବସିବା ନିମନ୍ତେ ମିନିଟ୍ ପିଛା ୫୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଦୁବାଇର ଧନିକ ଲୋକଙ୍କୁ ଦେବାକୁ ପଡ଼େ। ଏହି ବାଘ ଓ ସିଂହକୁ ବିଶେଷ ଭାବେ ପ୍ରଶିକ୍ଷଣ ଦିଆଯାଇଥାଏ। ସେଠା ଲୋକେ କୁକୁର ନୁହେଁ, ଚିତା ବାଘ ପାଳିବାରେ ଏବେ ସଉକ୍ ରଖୁଛନ୍ତି। ଦୁବାଇର ଅଧିକାଂଶ ମୋବାଇଲ ଦୋକାନରେ ସୁନାର ମୋବାଇଲ ବିକ୍ରି ହେବା ଏକ ସାଧାରଣ ଘଟଣା। ପ୍ରତ୍ୟେକ ମଲ୍‌ରେ ଗରିବ ଲୋକଙ୍କ ପାଇଁ ମାଗଣାରେ ସ୍ନାକ୍ସ ଦୋକାନ ଖୋଲାଯାଇଛି।

# ଭିଟାମିନ୍‌ରେ ଭରପୁର ଦହି

ଭାରତୀୟ ଭୋଜନ, ଖାଦ୍ୟ- ପାନୀୟରେ ଦହିର ସ୍ଥାନ ମହତ୍ୱପୂର୍ଣ୍ଣ ଅଟେ। ବିଶେଷ ଭାବରେ ଖରାଦିନେ ଏହାର ଉପଯୋଗିତା ବଢ଼ି ଯାଇଥାଏ ଏହି ପ୍ରାକୃତିକ ଖାଦ୍ୟପଦାର୍ଥ ନିଜର ବିଶେଷ ଗୁଣ ଯୋଗୁଁ ଏହା ଶରୀର ପାଇଁ ହିତକାରୀ ଅଟେ। ଏଥିରେ କ୍ୟାଲସିୟମ, ଭିଟାମିନ ଡି, ଫସଫରସ, ଭିଟାମିନ ଏ ସହିତ ଶରୀରର ପ୍ରତିରୋଧକ କ୍ଷମତାର ବଢ଼ାଉଥିବା ବ୍ୟାକ୍ଟେରିଆ ଥାଏ ଯାହା ପାଚନ ସମ୍ବନ୍ଧୀୟ ବିଭିନ୍ନ ଅସୁବିଧାକୁ ଦୂର କରିଥାଏ। ଭୋଜନରେ ଏହାକୁ ଖାଇଲେ ତୃପ୍ତିର ଅନୁଭବ ହୁଏ। ଉଚ୍ଚ ରକ୍ତଚାପକୁ କମ୍ କରିବାରେ ଦହିର ସେବନ ଲାଭକାରୀ ଅଟେ। ଦହି ଶରୀରର ରୋଗ ପ୍ରତିରୋଧକ ଶକ୍ତିର କ୍ଷମତାକୁ ବଢ଼ାଇଥାଏ। ଖରାଦିନେ ଘରୁ ବାହାରିବା ଆଗରୁ ଏକ ଗିଲାସ ଥଣ୍ଡା ଲସି ପିଇଲେ ତାହା ଆମକୁ ଲୁ ରୁ ବଂଚାଇଥାଏ। ଦହିରେ ତିଆରି ଖାଦ୍ୟ ସ୍ୱାଦିଷ୍ଟ ଓ ଗୁଣବତାର ସଙ୍ଗମ ଅଟେ। ମୌସୁମୀ ପନିପରିବା ଯଥା- ଆଳୁ, ଗାଜର, ଶିମଳା ମିର୍ଚ୍ଚ, ଧନିଆ, ପୁଦିନା, ପିଆଜ ଆଦିରେ ତିଆରି କରାଯାଉଥିବା ରାଇତା ସ୍ୱାଦ ଓ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଉପଯୋଗୀ ଅଟେ। ରାଇତା ହେଉ ବା ଦହିବରା, ଶ୍ରୀଖଣ୍ଡ ହେଉବା ଲସି



ହେଉ, ମିଠା ଦହି ଭଳି ଖାଦ୍ୟପଦାର୍ଥକୁ ଖରାଦିନେ ଖାଇବା ଭଲ। ବଜାରରେ ବିକ୍ରି ହେଉଥିବା ଥଣ୍ଡା ପାନୀୟ ଅପେକ୍ଷା ଦହି ସରବତ ଗ୍ଲାସ ଲାଭକାରୀ ଅଟେ। ଖରାଦିନେ ଦହିର ସେବନ ତ୍ୱଚାକୁ ସୁନ୍ଦର କରିଥାଏ। ହଳଦୀ, ଦହି, ବେସନକୁ ମିଶାଇ ତାକୁ ଲଗାଇଲେ ଅନ୍ୟ ସୌନ୍ଦର୍ଯ୍ୟବର୍ଦ୍ଧକ ଜିନିଷର ଆବଶ୍ୟକତା ନାହିଁ। କାରଣ ଏହା ବ୍ଲିଚିଂ କାମ କରିଥାଏ। ଏଥିରେ ଆପଣଙ୍କର ସୌନ୍ଦର୍ଯ୍ୟ ବଢ଼ିଥାଏ। ବାଳରେ ରୂପି ହେଉଥିଲେ ଦହିକୁ ବାଳ ମୂଳରେ ଲଗାଇ ଗାଧୋଇଲେ ଏହି ସମସ୍ୟା ଦୂର ହୋଇଥାଏ। କୌଣସି ଏଂଟି ଡ୍ରାନଡପ୍ ସାମ୍ପୋ ଅପେକ୍ଷା ଏହା ଲଗାଇବା ଅଧିକ ନିରାପଦ ଓ ଗୁଣକାରୀ ଅଟେ। ଫଳରେ ବାଳ ନରମ, ମଜବୁତ ଏବଂ ଚମକଦାର ହୋଇଥାଏ। ଛୋଟ ପିଲାମାନଙ୍କୁ ଦହିରେ ରୁଚି ନଥାଏ। ଅତଃ ଆରମ୍ଭରୁ ସେମାନଙ୍କୁ ଏହାର ଉପକାରିତା ବୁଝାଇ ତାଙ୍କୁ ଏହା ଖାଇବାକୁ ଦିଅନ୍ତୁ।



ନୂତନବାର୍ତ୍ତା
ବାଲେଶ୍ୱର

## ଖଣ୍ଡଦେଉଳାରେ ନୂତନ ଅଙ୍ଗନବାଡି କେନ୍ଦ୍ର ଉଦ୍‌ଘାଟିତ



ବାରିପଦା : ବହୁ ବାଦ ପ୍ରତିବାଦ ପରେ ଉଦ୍‌ଘାଟିତ ହେଲା ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନସ୍ଥ ପାଟଳିପୁରା ପଂଚାୟତ ଖଣ୍ଡଦେଉଳା ଗ୍ରାମର ନୂତନ ଦ୍ୱିତୀୟ ଅଙ୍ଗନବାଡି କେନ୍ଦ୍ର । ଣ୍ଡଦେଉଳା ଗ୍ରାମର ଏହି ନୂତନ ଦ୍ୱିତୀୟ ଅଙ୍ଗନବାଡି କେନ୍ଦ୍ରକୁ ବେତନଟୀ ବ୍ଲକ ସିଡିପିଓ ଉପମା ଗନ୍ତାୟତ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ବୈଶିଙ୍ଗା ସେକ୍ଟର ସୁପରଭାଇଜର ଗାୟତ୍ରୀ ସାହୁ, ବେତନଟୀ ସୁପରଭାଇଜର ପ୍ରଭାବତୀ ନନ୍ଦ, ପୁରିନ୍ଦା ସେକ୍ଟର ସୁପରଭାଇଜର ସ୍ୱର୍ଣ୍ଣରେଖା ବେହେରା, ଗଡଦେଉଳିଆ ସେକ୍ଟର ସୁପରଭାଇଜର କବିତା ପଟ୍ଟନାୟକ, ମମତା ବିଭାଗର ପିଏ ହରେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଦ୍ୱିତୀୟ କେନ୍ଦ୍ର ଧିନ ହିତାଧିକାରୀ ମାନଙ୍କର ଦୀର୍ଘ ଦିନର ।ବି ପରେ ଏହି କେନ୍ଦ୍ରରେ ନୂତନ କର୍ମୀ ଭାବେ ମିତାରାଣୀ ବେହେରା ଓ ସହକର୍ମୀ ଭାବେ ମମତା ବେହେରାଙ୍କୁ ନିଯୁକ୍ତି ମିଳିବା ପରେ ଆଜି ଏହି କେନ୍ଦ୍ରଟି ସରକାରୀ ଭାବେ କାର୍ଯ୍ୟଆରମ୍ଭ କରିଛି । ଏହି ଉଦ୍‌ଘାଟନୀ ଉତ୍ସବ ରେ ଦ୍ୱିତୀୟ କେନ୍ଦ୍ର ଅଧିନରେ ଥିବା ଗର୍ଭବତୀ ଓ ପ୍ରସୂତୀ ମା', ପଢୁଥିବା ଶିଶୁଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ । ଏଥିରେ ପାଖାପାଖି ୩୦ ଜଣ ଶିକ୍ଷାର୍ଥୀ ଥିବାର ଜଣାପଡିଛି । ଏହି କାର୍ଯ୍ୟକ୍ରମରେ ଗ୍ରାମର ଯୁବ ସଂଗଠକ ତପନ କୁମାର ପତି, ୱାର୍ଡ ସଦସ୍ୟା ରୂପ ମରୀ ପରିଡା, ଗୌରୀ ବେହେରିଣିଆ, ଉର୍କ୍ଳିନି ପତି, ମିଲ୍ଲୀ ଦଳେଇ, ପ୍ରତିମା ବେହେରା, ସୁରେଖା ବେହେରା, ମାନିନି ବେହେରିଣିଆ, ସୁ ବେହେରା,ନିରନ ପରିଡା, ସନ୍ତୋଷ ପରିଡା, ହରିହର ପ୍ରଧାନ, ଗୋପୀନାଥ ପ୍ରଧାନ, ପ୍ରଦୀପ ପରିଡା, ଦମୟନ୍ତି ପରିଡା ପ୍ରମୁଖ ସହଯୋଗ କରିଥିଲେ ।

## ରାଜ୍ୟ ସ୍ତରୀୟ ସେବା ସିରୋମଣୀ ସମ୍ମାନ ପାଇଲେ ଦମନ

କେନ୍ଦ୍ରାପଡା : କେନ୍ଦ୍ରାପଡାର ସମାଜସେବୀ ତଥା ଯୁବନେତା ଦମନ ମହାନ୍ତିଙ୍କୁ ସିରୋମଣୀ ସମ୍ମାନରେ ସମ୍ମାନିତ କରିଥିବା ଜଣାପଡିଛି । କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆଳିଜଙ୍ଗା ଗ୍ରାମର ଦମନ ମହାନ୍ତି ଦୀର୍ଘ ବର୍ଷ ହେଲା ନିସ୍ୱାର୍ଥପର ସମାଜସେବା, ପରିବେଶ ସୁରକ୍ଷା, ସଚେତନତା, ଗୋସେବା, ଅସହାୟ ଲୋକଙ୍କର ସ୍ଥାୟୀ ସମାଧାନ କରିଥିବାରୁ ଶ୍ରୀକ୍ଷେତ୍ର ପୁରୀ ଜିଲ୍ଲାରେ ଆୟୋଜିତ ବିଶ୍ୱ ନୟନ ଐଶ୍ୱରୀୟ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶ୍ରୀ ମହାନ୍ତିଙ୍କୁ ସମ୍ମାନିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ଶ୍ରୀ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଜଳଶକ୍ତି ଅଭିଯାନ ଓ ଜଳ ଜୀବନ ମିଶନ ସମ୍ପର୍କିତ କର୍ମଶାଳା

ନୂଆପଡ଼ା : ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ୍ କେନ୍ଦୁପାଟି ପଂଚାୟତର କେନ୍ଦୁଗୁଡା ଗ୍ରାମ ଠାରେ ଜଳ ଶକ୍ତି ଅଭିଯାନ ଓ ଜଳ ଜୀବନ ମିଶନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କ୍ଷେତ୍ର ଜଳସମ୍ପର୍କ ବ୍ୟୁରୋ ଅଧିକାରୀ ବିଷ୍ଣୁଚରଣ ସାହୁଙ୍କ ଅଧକ୍ଷତାରେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀ ରଘୁନାଥ ମିଶ୍ର, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଦେବୀ ପ୍ରସାଦ ତାଣ୍ଡି, କେନ୍ଦୁପାଟି ସରପଂଚ ଉର୍ବଶୀ ପୋଡ, ସଭାପତି ମହେନ୍ଦ୍ର କୁମାର ଯୋଷୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ । ଯେ କୌଣସି ସ୍ଥାନ ବା ସମୟରେ ବିଭିନ୍ନ ଉପାୟରେ ବର୍ଷା ଜଳ ସଂରକ୍ଷଣକୁ ସୁନିଶ୍ଚିତ କରିବା ସର୍ବସମୟରେ ସର୍ବଦା ଜଳ ମିଳିବା ଆବଶ୍ୟକତା ଏବଂ ପାଇପ୍ ଯୋଗେ ଲୋକମାନଙ୍କୁ ପ୍ରତ୍ୟେକ ଘରକୁ ଟ୍ୟାପ୍ ପାଣି ଦିଆଯିବା ପାଇଁ ଲୋକମାନଙ୍କୁ ସଚେତନ କରାଯାଇଥିଲା ।

## କୁନି ପ୍ରତିଭା ସୁଲିନ ଜିଲା ପାଇଁ ଆଣିଲେ ଗୌରବ



ସମ୍ବଲପୁର: ସାରା ଦେଶରେ ସମ୍ବଲପୁର ଜିଲା ପାଇଁ ମାତ୍ର ସାଢ଼େ ୩ ବର୍ଷର କୁନି ପୁଅ ସୁଲିନ ସଂକଳ୍ପ ଦାସ ଗୌରବ ଆଣି ଦେଇଛନ୍ତି । ସେ ନିଜର ବିଚକ୍ଷଣ ପ୍ରତିଭା ପାଇଁ ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଛନ୍ତି । ସମ୍ବଲପୁର ସହରର ଭତରା ଲକ୍ଷ୍ମୀ ବିହାର ନିବାସୀ କୁନି ବଙ୍କଳ ସୁଲିନ ତାଙ୍କର ଅସାଧାରଣ ପ୍ରତିଭା ବଳରେ ଇଣ୍ଡିଆ ବୁକ ଅଫ ରେକର୍ଡର ପରିଚୟ ପତ୍ର ସମେତ ପ୍ରଶଂସା ପତ୍ର ଓ ମ୍ୟାଡେଲ ପାଇଛନ୍ତି । ସେ ପିଲା ଦିନରୁ ତାଙ୍କର ସ୍ମରଣଶକ୍ତି ବେଶ ଶକ୍ତିଶାଳୀ ହୋଇଥିବା ବେଳେ ସେ ଏବେ ପର୍ଯ୍ୟନ୍ତ ବିଦ୍ୟାଳୟକୁ ଯାଇ ନାହାନ୍ତି । କିନ୍ତୁ ତାଙ୍କର ପାଠ ପ ଢ଼ିବା ପାଇଁ ପ୍ରବଳ ଆଗ୍ରହ ରହିଥିବାରୁ ସେ ଲ୍ୟାପଟପରେ ସବୁ ଜୀବଜନ୍ତୁ ସହ ପଶୁପକ୍ଷୀଙ୍କ ଫଟୋ ଦେଖି ସେମାନଙ୍କ ନାମ ଇଂରାଜୀରେ ସ୍ପଷ୍ଟ ଭାବରେ କହିପାରୁଥିବା ସହ ଦେଶର ସବୁ ରାଜ୍ୟ ଗୁଡିକର ନାମ ମଧ କହିପାରୁଛନ୍ତି । ତାଙ୍କର ଏଭଳି ପ୍ରତିଭାକୁ ଦେଖି ତାର ଭିଡିଓ ଉତୋଳନ କରି ପିତା ସତ୍ୟଜିତ ଦାଶ ଓ ସସ୍ମିତା ମହାଣା ଇଣ୍ଡିଆ ବୁକ ଅଫ ରେକର୍ଡକୁ ପଠାଇଥିଲେ । ସମସ୍ତ ବର୍ଗରେ ସଫଳତାର ସହିତ ସୁଲିନ ଉତିର୍ଣ୍ଣ ହେବା ପରେ ତାଙ୍କୁ ମାନ୍ୟତା ସ୍ୱରୂପ ପ୍ରମାଣପତ୍ର, ମେଡଲ ଆଦି ପ୍ରଦାନ କରାଯାଇଛି । କୁନି ପ୍ରତିଭା ସୁଲିନ ଙ୍କ ଏହି କୃତୀତ୍ୱ ପାଇଁ ସବୁ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ରାସ୍ତା ଉପରେ ପାଚେରୀ ନିର୍ମାଣକୁ ସାହିବାସିନ୍ଦାଙ୍କ ବିରୋଧ

ପୁରୀ : ମଙ୍ଗଳାଘାଟ କୃଷକ ବଜାର ନିକଟରେ ପାଚେରୀ ନିର୍ମାଣକୁ ନେଇ ସାହି ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇଛି । ଏ ସମ୍ପର୍କରେ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦେବାପାଇଁ ସାହିବାସିନ୍ଦାମାନେ ବସିଥିଲେ। କୃଷକ ବଜାର କାମ କରୁଥିବା ଠିକାଦାର ସାହିର ଯାତାୟାତ ରାସ୍ତା ଉପରେ ପାଚେରୀ ନିର୍ମାଣ କରୁଥିବାରୁ ବାସିନ୍ଦାମାନେ ଏହି କାର୍ଯ୍ୟକୁ ବିରୋଧ କରିଥିଲେ। ପ୍ରାୟ ୪ ଶହ ପରିବାର ସୁଜାତାନଗର ଫେଜ -୨ରେ ବସବାସ କରୁଛନ୍ତି । ସେମାନଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ଯାଇଥିବାବେଳେ ଟ୍ରାନ୍ସଫର୍ମର ପାଚେରି ଭିତରେ ରହିଯିବା ଆଶଙ୍କା କରୁଛନ୍ତି । କୌଣସି ବିଦ୍ୟୁତ୍ ବିଭ୍ରାଟ ଘଟିଲେ ସଙ୍ଗେ ସଙ୍ଗେ ଯାଇ ହେବନାହିଁ । ଠିକାଦାରଙ୍କ ମନୋମୁଖି କାର୍ଯ୍ୟକୁ ନେଇ ଆଗକୁ ବିରାଟ ଆନ୍ଦୋଳନ କରାଯିବ ବୋଲି ସାହିବାସିନ୍ଦାମାନେ ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ମଧ ନିୟନ୍ତ୍ରିତ ବଜାର କମିଟି ସାକ୍ଷୀଗୋପାଳ ସମ୍ପାଦକଙ୍କୁ ଜଣାଇଛନ୍ତି । ତୁରନ୍ତ ଏହି ପାଚେରୀକୁ ରାସ୍ତାଠାରୁ ଦୂରରେ କରିବାକୁ ସାହିର ୪ ହଜାର ବାସିନ୍ଦା ଦାବି କରିଛନ୍ତି ।

## ଏସ୍‌ପି ବୁଲି ଦେଖିଲେ ଡାଇମଣ୍ଡ ଜୁବଲି ପବ୍ଲିକ ଲାଇବ୍ରେରୀ

କେନ୍ଦ୍ରାପଡା : ୧୮୯୭ ମସିହାରେ ବ୍ରିଟିଶ ସରକାରଙ୍କ ଦ୍ୱାରା ନିର୍ମାଣ କରାଯାଇ ଥିବା ଡାଇମଣ୍ଡ ଜୁବଲି ପବ୍ଲିକ ଲାଇବ୍ରେରୀ ଓ ୟୁନିୟନ କ୍ଲବକୁ କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକ ସନ୍ଦିପ ମଡକର ବୁଲି ଦେଖିଥିଲେ । ୧୨୪ ବର୍ଷ ପୁରୁଣା ଏହି ପାଠାଗାର ଓ କ୍ଲବରେ ରଖା ଯାଇଥିବା ବହୁ ପୁରୁଣା ମୂଲ୍ୟବାନ ବହି, ବିଲିଆଡ୍ସ, ଟେବୁଲ ଟେନିସ୍ ଏବଂ ବ୍ରିଟିସ ସରକାରଙ୍କ ସମୟରୁ ରଖା ଯାଇଥିବା ଅନ୍ୟାନ୍ୟ ଖେଳ ସାମଗ୍ରୀକୁ ଦେଖିବା ସହ କ୍ଲବ ମଧ୍ୟରେ ଥିବା କ୍ୟାରାମ ବୋର୍ଡ ଖେଳିଥିଲେ । ତାଙ୍କର ଏହି ପରିଦର୍ଶନ ସମୟରେ ୟୁନିୟନ କ୍ଲବର ମୁଖ୍ୟ ମହମ୍ମଦ ଆକବର ଅଲ୍ଲୀଙ୍କ ସମେତ କେନ୍ଦ୍ରାପଡା ଏସଡିପିଓ ରାଜୀବ ଲୋଚନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ଭଦ୍ରକରେ ଠେଲା ବ୍ୟବସାୟୀଙ୍କ ଦୌରାତ୍ମ୍ୟ, ପ୍ରଶାସନ ଅସହାୟ

ଭଦ୍ରକ : ଅମୃତ ସହର ଭଦ୍ରକ ମୁଖ୍ୟ ବଜାରର ରାସ୍ତା ଏବେ ଠେଲା ବ୍ୟବସାୟୀ ଓ ଉଠା ଦୋକାନୀଙ୍କ କବଜାରେ । ଏମାନଙ୍କ ଉପରେ ପୌର ପ୍ରଶାସନ କିମ୍ବା ଜିଲା ପୁଲିସ୍ ପ୍ରଶାସନର କୌଣସି ଲଗାମ ରହୁନି । କାରଣ ଏହି ବର୍ଗର ବ୍ୟବସାୟୀଙ୍କ ପାଇଁ ସହରର ମୁଖ୍ୟ କଚେରୀ ବଜାର ରାସ୍ତାରେ ନାହିଁ ନଥିବା ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି । ସେମାନଙ୍କୁ ନିଜ ନିୟନ୍ତ୍ରଣରେ ରଖିପାରୁନି ପ୍ରଶାସନ । ୨ ମାସ ପୂର୍ବେ ପୌର ପ୍ରଶାସନ ପକ୍ଷରୁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବାରୁ ସମସ୍ତ ଠେଲା ବ୍ୟବସାୟୀ ପୌର କାର୍ଯ୍ୟାଳୟ ପରିସରରେ ଟ୍ରଲି ରଖି ପ୍ରତିବାଦ କରିଥିଲେ । ଉଭୟ ପୌର ପ୍ରଶାସନ ଓ ଠେଲା ବ୍ୟବସାୟୀଙ୍କ ମଧ୍ୟରେ କଥାବାର୍ତା ମଧ୍ୟରେ ଯେଉଁ ନିଷ୍କର୍ଷ ବାହାରିଥିଲା, ତାହା ପରବର୍ତୀ ସମୟରେ କାର୍ଯ୍ୟକାରୀ ହେଲାନାହିଁ । ଉକ୍ତ ନିଷ୍ପତିକୁ ଠେଲା ବ୍ୟବସାୟୀ ପରବର୍ତୀ ସମୟରେ ମାନିଲେ ନାହିଁ । ଅପରପକ୍ଷେ ପୌର ପ୍ରଶାସନ ମଧ ଏ ସମସ୍ତ ଠେଲା ବ୍ୟବସାୟୀଙ୍କ ବିରୋଧରେ ଅଧିକ କିଛି କାର୍ଯ୍ୟାନୁଷ୍ଠାନ ପାଇଁ ସାହସ ଜୁଟାଇ ପାରିଲା ନାହିଁ । ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ଠେଲା ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଇ ବେଶ୍ ହଟହଟାର ସମ୍ମୁଖୀନ ହୋଇଥିଲେ । ଯଦି ଭଦ୍ରକର ଜଜ୍ କୋର୍ଟକୁ ସହରର ଟ୍ରାଫିକ୍ ସମସ୍ୟା ଦୂର କରିବାକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇପାରୁଛି, ତେବେ ଠେଲା ବ୍ୟବସାୟୀମାନଙ୍କୁ ସେମାନଙ୍କ ପାଇଁ ସୃଷ୍ଟି ହେଉଥିବା ସମସ୍ୟା ସଂପର୍କରେ କାହିଁକି ବୁଝାଇବାରେ ବିଫଳ ହେଉଛି ଓ କାହିଁକି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ କୁଣ୍ଠାବୋଧ କରୁଛି ପୌର ପ୍ରଶାସନ । ଏହାବ୍ୟତୀତ ବାରମ୍ବାର ଚେତାବନୀ ସତ୍ୱେ ସେମାନେ କାହା ସାହାସରେ ସହରର ମୁଖ୍ୟ ବଜାରରେ ନିୟମିତ ଭାବେ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛନ୍ତି, ତାହା ମଧ ଏକ ପ୍ରଶ୍ନବାଚୀ । ୫ ବର୍ଷ ପୂର୍ବେ ଭଦ୍ରକ ସହର କେନ୍ଦ୍ରୀୟ ଅମୃତ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲା । କିନ୍ତୁ ଅମୃତ ଯୋଜନା ସଜ୍ଞା ଆଜିପର୍ଯ୍ୟନ୍ତ ବୁଝିପାରୁନାହାଁନ୍ତି ସହରବାସୀ । ସହରକୁ ସୌନ୍ଦର୍ଯ୍ୟକରଣ କରିବା ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ସମଗ୍ର ପୌରା ଳର ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ଅନୁଷ୍ଠାନର କାନ୍ଥବାଡକୁ ବିଭିନ୍ନ କଳାକୃତିରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ଚିତ୍ରିତ କରାଯାଉଛି । କିନ୍ତୁ ଭେଣ୍ଡିଂଜୋନ୍ ପରି ଏକ ଜରୁରୀ ଆବଶ୍ୟକତା ପ୍ରତି ଧାନ ଦିଆଯାଉ ନାହିଁ । ସହର ମଧ୍ୟରେ ଜବରଦଖଲ ସମସ୍ୟା ବଢିବାରେ ଲାଗିଛି । ତେଣୁ ସ୍ୱାଭାବିକ ଭାବରେ ସହରର ଟ୍ରାଫିକ୍ ବ୍ୟବସ୍ଥା ଠାରୁ ଆରମ୍ଭ କରି ପରିମଳ ପର୍ଯ୍ୟନ୍ତ ସବୁ ବ୍ୟବସ୍ଥା ଫେଲ୍ ମାରିଛି । ଭେଣ୍ଡିଂଜୋନ୍ ନଥିବାରୁ କିଛି ନାମମାତ୍ର ବ୍ୟବସାୟୀ ଠେଲାଗାଡି ଓ ଟ୍ରଲି ରିକ୍ସା ଧରି ସେମାନଙ୍କ ବ୍ୟବସାୟ ପାଇଁ ମୁଖ୍ୟ ରାସ୍ତାକୁ ମାଡି ବସିଛନ୍ତି । ତେଣୁ ଏହି ଠେଲା ଓ ଟ୍ରଲିର ଭିଡ ମଧ୍ୟରେ ହଜିହଜି ଯାଇଛି ସହରର ସୌନ୍ଦର୍ଯ୍ୟ ଓ ସୃଷ୍ଟି ହୋଇଛି ଟ୍ରାଫିକ୍ ସମସ୍ୟା । ଆଉ ରାଜନୈତିକ ଅଥବା ଅନ୍ୟ କୌଣସି କାରଣରୁ ଏ ସମସ୍ତ ଠେଲା ବ୍ୟବସାୟୀଙ୍କ ଉପରେ ପୌର ଓ ଜିଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତେ ପରୋକ୍ଷରେ ଅନୁକମ୍ପା ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳୁଛି । ଏହାର କେବେ ଅନ୍ତ, ତାହାକୁ ଅନାଇ ବସିଛନ୍ତି ସହରବାସୀ ।

## ମହିମା ଧର୍ମ ମହାଯଜ୍ଞ


ଭଦ୍ରକ : ଆଗରପଡ଼ା ନିକଟସ୍ଥ ବରଦା ପଂଚାୟତ ଅଧିନ ବିଷ୍ଣୁପୁର ଠାରେ ମହିମା ଧର୍ମ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ବଳରାମ ତରେଇଙ୍କ ଆବାହକତ୍ୱରେ ଆୟୋଜିତ ମହାଯଜ୍ଞରେ ବ୍ରହ୍ମ ଅବଧୂତ ସନ୍ୟାସୀ ବାବା ଅଚ୍ୟୁତାନନ୍ଦ ଦାସ ପୌରହିତ୍ୟ କରିଥିବାବେଳେ ସାଧୁ ଅରୂପାନନ୍ଦ ଦାସ ସହଯୋଗ କରିଥିଲେ । ଦୂର ଦୂରାନ୍ତରୁ ଆସିଥିବା ଭକ୍ତମାନେ ଦୀକ୍ଷା ଗ୍ରହଣ, ଶରଣ ଦର୍ଶନ କରିବା ପରେ ଅଖଣ୍ଡ ପ୍ରଦିପ ପ୍ରଜ୍ୱଳନ କରାଯାଇ ବ୍ରହ୍ମଧ୍ୱନୀ ସ୍ଥାପନ କରାଯାଇଥିଲା । ସନ୍ଧ୍ୟାରେ ଭଜନ ମଣ୍ଡଳୀ ଦ୍ୱାରା ଭଜନ ସନ୍ଧ୍ୟା ପରିବେଷଣ ପରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମ ଗ୍ରାମର ଭକ୍ତ ବୁଦ୍ଧିରାମ ନାୟକ, ଉମାକାନ୍ତ ବେଜ, ବାଇଧର ସାହୁ, ଅନନ୍ତ ସାହୁ, ବଳରାମ ଜେନା, ଚୈତନ୍ୟ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ଶତାଧିକ ଭକ୍ତ ଯୋଗଦେଇ ପ୍ରସାଦ ସେବନ କରିଥିଲେ ।

## ମହାନଦୀ ଉତ୍ସବ ଓ ମହାଆଳତି



ବଡଚଣା : ଓଡିଶା ସରକାର ଓ କଟକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଉପର ବାଲିଯାତ୍ରା ପଡିଆ କଟକ ଠାରେ ଆୟୋଜିତ ମହାନଦୀ ଉତ୍ସବ ରେ ଉଦାସ ଆଶ୍ରମର ପିଠାଧିଶ ବ୍ରହ୍ମଚାରୀ ରବିନ୍ଦ୍ର ନାଥ ଦାସଙ୍କର କରକମଳରେ ଉତ୍କଳର ଗଙ୍ଗା ମହାନଦୀକୁ ପୂଜା ଓ ଆରାଧନା ସହିତ ମହାଆଳତୀ କରାଯାଇ ମଂଚରେ ନଦୀ ସୁରକ୍ଷା ଓ ସ୍ୱଚ୍ଛତା ପ୍ରତି ଜନ ସଚେତନତା ସୃଷ୍ଟି କରାଯିବା ସହିତ, ପ୍ରବନ୍ଧ, ସଂଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯାଇ ପୁରସ୍କାର ବିତରଣ କରାଯାଇଥିଲା । କାର୍ଯ୍ୟକ୍ରମରେ କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚଇନି, ଅତିରିକ୍ତ ଜିଲ୍ଲାପାଳ ଜୟ ଖଣ୍ଡାୟତରାୟ, ପୂର୍ଣ୍ଣଚନ୍ଦ୍ରମିଶ୍ର, ଉପଜିଲ୍ଲାପାଳ ପ୍ରତାପ ବେଉରା, ମନ୍ତ୍ରୀ ପ୍ରତାପ ଜେନା, ଆରଡିସି ଗୋପବନ୍ଧୁ ଶତପଥି, ଡିଜି ଶ୍ରୀ ଅଭୟ,ଜଙ୍ଗଲ ବିଭାଗ ଅଧିକାରୀ ପଦ୍ମା ମହାନ୍ତି,ଏସ୍‌ପି ରାଜ୍ୟସଭା ସାଂସଦ ସୁବାସିଂ, କଟକ ବିଧାୟକ ମହମ୍ମଦ ମୋକିମ, ଟାଙ୍ଗି ବିଧାୟକ ସୌଭିକ ବିଶ୍ୱାଳ, ପୂର୍ବତନ ବିଧାୟକ ଦେବାଶିଷ ସମନ୍ତରାୟ, କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ବରିଷ୍ଠ ସାମ୍ବାଦିକ ଅରୁଣ ପଣ୍ଡା ପ୍ରମୁଖ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ । ଏଠରେ ଦୁଇ ଦିନ ଧରି ବିଶ୍ୱଶାନ୍ତି ବ୍ରହ୍ମଏକାକ୍ଷର ମହାଯଜ୍ଞ ଉଦାସ ଆଶ୍ରମର ଅଧକ୍ଷ ବ୍ରହ୍ମଚାରୀ ରବୀନ୍ଦ୍ର ନାଥ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଉଦାସପନ୍ଥୀ ଭକ୍ତ ସୁଧାଂଶୁ ଶେଖର ନାୟକ, ପଣ୍ଡିତ ଖଗେଶ୍ୱର ରଥ,ଲମଣି ପଣ୍ଡା, ବିଜୟ କୁମାର ପଣ୍ଡା, ପ୍ରଫୁଲ୍ଲ ପୃଷ୍ଟି, ମହେଶ୍ୱର ପୃଷ୍ଟି, ଜୟନ୍ତ କୁମରେସେନ, ଅମ୍ବିକା ମହାନ୍ତି, ଅଭୟ ପାତ୍ର, ବିକ୍ରମ ମହାନ୍ତି, ଲକ୍ଷ୍ମୀପ୍ରିୟା, ବିଶ୍ୱରୂପା, ମିନତୀ ପାଲ, ପ୍ରଣତୀ, ସ୍ମୃତିମଂଜରୀ ଆଦି ଭକ୍ତମାନେ ଯୋଗ ଦେଇଥିଲେ । ଆଶ୍ରମର ସେବକ ସତ୍ୟରଞ୍ଜନ ଦାସ ସହିତ ଯଜ୍ଞ ଓ ଆଳତୀ ସହ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ହୋଟେଲକୁ ଯାଉଛି ଚିଲିକା ପକ୍ଷୀ ମାଂସ



ଖୋର୍ଦ୍ଧା : ନୀଳାମ୍ବୁ ଚିଲିକାର ସମ୍ମୋହନରେ ଆକର୍ଷିତ ହୋଇ ଦୀର୍ଘପଥ ଅତିକ୍ରମ କରି ଆସୁଥିବା ବିଦେଶୀ ପକ୍ଷୀ ଏଠାରେ ନିରାପଦ ନୁହନ୍ତି । ୧୬ ନମ୍ବର ଜାତୀୟ ରାଜପଥ ରାତାମାଟି ଛକ ନିକଟରୁ ଶନିବାର ବିପୁଳ ସଂଖ୍ୟାରେ ମୃତ ପକ୍ଷୀର ଉଦ୍ଧାର କରାଯାଇଛି । ଶତାଧିକ ମୃତପକ୍ଷୀଙ୍କୁ ରାସ୍ତା ପାର୍ଶ୍ୱରେ କିଏ ପକାଇଲା, ବନ୍ୟପ୍ରାଣୀ ବିଭାଗ ଏହି ପକ୍ଷୀଙ୍କୁ ମାରିଥିବା ଶିକାରୀଙ୍କ ପାଖରେ ପହଂଚିପାରୁଛି କି ନାହିଁ ତାହାକୁ ନେଇ ମଧ ଚର୍ଚ୍ଚା ହେଉଛି । ଏବେ ନୂଆବର୍ଷ ଆସୁଥିବାରୁ ଏବଂ ବଡ଼ବଡ଼ ନାମୀଦାମୀ ହୋଟେଲ ତଥା କ୍ଲବ ଓ ଧନୀଧନାଢ୍ୟ ମହଲରେ ଏହାର ଚାହିଦା ଥିବା ଆଲୋଚନା ହେଉଥିବାବେଳେ ଏସବୁ ପକ୍ଷୀଙ୍କୁ ବିଭିନ୍ନ ଉପାୟରେ ଶିକାରୀମାନେ ମାରି ସେମାନଙ୍କ ନିକଟରେ ପହଂଚାଇବାର ସୁବନ୍ଦୋବସ୍ତ ହେଉଥିବା ଅଭି ?େ?ଯାଗ ହେଉଛି । ଏଥିରେ କିଛି ଉଚ୍ଚ ପଦରେ ଥିବା ପୁଲିସ ଓ ବନ କର୍ମଚାରୀ ଥିବା ମଧ କୁହାଯାଉଛି । ରତାମାଟି ଛକରୁ ଶତାଧିକ ମୃତ ପକ୍ଷୀଙ୍କ ମୃତଦେହ ଠାବ କରାଯାଇଛି । ଚିଲିକା କୂଳଠାରୁ ରତାମାଟି ଛକ ଅତିକମରେ ୧୫ କିମି ହେବ । ଏତେ ଦୂରକୁ ଏତେ ସଂଖ୍ୟାର ପକ୍ଷୀ ବିନା ଗାଡ଼ିରେ ଆଣିହେବନି । ଏତେ ଚଢ଼େଇ କିଏ ମାରୁଛି, କୋଉଁଠି ବିକ୍ରି କରାଯାଉଛି ତାହା ତଦନ୍ତ ସାପେକ୍ଷ । ଏଥି ପାଇଁ ଏକ ରାକେଟ କାମ କରୁଛି । ବ୍ୟବଚ୍ଛେଦ ପରେ ମୃତ ପକ୍ଷୀଗୁଡ଼ିକୁ ପୋତାଯାଇଛି । ଚଳିତବର୍ଷ ଆରମ୍ଭରୁ ୪୫ଟି ମୃତ ପକ୍ଷୀ ପୂର୍ବରୁ ଜବତ କରାଯାଇଥିବା ବେଳେ ଆଠ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି । ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୦ ଧାରା ୯ ଓ ୪୯ ଅନୁଯାଇ ପକ୍ଷୀ ହତ୍ୟାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ କେଶ ରୁଜୁ କରିବାରେ ନିୟମ ରହିଛି । ପୁଣି ଏହି ଆଇନ ଧାରା ୫୧ ଅନୁଯାୟୀ ୩ରୁ ୭ବର୍ଷ କାରାଦଣ୍ଡର ବ୍ୟବସ୍ଥା ଥିଲେ ମଧ ଏହି ରେଞ୍ଜ ଇଲାକାର କୌଣସି ଅପରାଧି ଶିକାରୀଙ୍କୁ ଏପରି ଦଣ୍ଡ ମିଳିବାର ନଜିର ନାହିଁ । ଆବଶ୍ୟକ ସଚେତନତା ଓ ସୁରକ୍ଷା କର୍ମୀଙ୍କ ଅଭାବରୁ ମାତ୍ରାଧିକ ପକ୍ଷୀ ଶିକାର ବଢ଼ି ଚାଲିଛି । ଫାଶ ଓ ଗୁଳି ଅପେକ୍ଷା ଖାଦ୍ୟରେ ବିଷ ପ୍ରୟୋଗକରି ପକ୍ଷୀ ହତ୍ୟା କରିବାର ଦାନବୀୟ କୌଶଳକୁ ଏବେ ଶିକାରୀମାନେ ଆପଣଉଛନ୍ତି । ଫସଲରେ ପୋକ ମାରିବାକୁ ମିଳୁଥିବା ଫ୍ଲୁରାଡନ କୀଟନାଶକକୁ ପକ୍ଷୀଙ୍କ ଖାଦ୍ୟରେ ମିଶାଇ ଚିଲିକା ନାଶି ଅଂଚଳରେ ଥୁଆ ଯାଉଛି । ଯାହାକୁ ଖାଇ ଶହ ଶହ ପକ୍ଷୀ ମରୁଛନ୍ତି । ଶିକାରୀ ବିଷ ଥୁଆ ସ୍ଥାନରୁ କେତୋଟି ମଲା ପକ୍ଷୀ ଗୋଟାଇ ଆଣୁଥିବା ବେଳେ ବିଷ ଜ୍ୱାଳା ସହିନପାରି ପଲ ପଲ ପକ୍ଷୀ ଏଣେ ତେଣେ ପଡ଼ି ମରୁଛନ୍ତି । ୧୧ ବର୍ଗ କି.ମି ହ୍ରଦର ବାଲୁଗାଁ ,ଚିଲିକା ବନ୍ୟପ୍ରାଣୀ ଖଣ୍ଡ(ଡିଭିଜନ)କୁ ବାଲୁଗାଁ, ଟାଙ୍ଗୀ,ରମ୍ଭା, ସାତପଡ଼ା, ନୂଆପଡ଼ା ଏପରି ୫ଟି ରେଞ୍ଜରେ ବିଭକ୍ତ କରାଯାଇଛି । ଟାଙ୍ଗୀ ରେଞ୍ଜରେ ଅଧିକ ପକ୍ଷୀ ଶିକାର ହେଉଥିବା ବେଳେ ଅନ୍ୟ ୪ଟି ରେଞ୍ଜରେ କାଁ ଭାଁ ପକ୍ଷୀ ଶିକାର ହେଉଥିବା ଜଣାପଡ଼ିଛି । ସରଳସିଂହ ଗେଟ ନିକଟବର୍ତୀ ଭାଷାରା ପାହଡଠାରୁ ଦେଇପୁର ଆଳିପଡ଼ା ପର୍ଯ୍ୟନ୍ତ ଉପକୂଳର ଦୈର୍ଘ୍ୟ ୬୮କି.ମି. ଏବଂ ଉପକୁଳଠାରୁ ଚିଲିକା ପାଣି ଭିତରକୁ ୫ କିମି ପର୍ଯ୍ୟନ୍ତ ଟାଙ୍ଗୀ ରେଞ୍ଜରେ ଯାଉଛି । ପକ୍ଷୀଙ୍କ ସୁରକ୍ଷା ପାଇଁ ଟାଙ୍ଗୀ ରେଞ୍ଜ ଅଂଚଳର ସୋରଣ, ମଙ୍ଗଳାଯୋଡ଼ି, ଦେଇପୁର, ଦୋଛିଆଁ, ଭୁଷଣ୍ଡପୁର, ବାଲିପାଟପୁର, ଅଭିମାନପୁର, ସୁନ୍ଦରପୁର, ବରୁଣପଡ଼ା, ବାଲିନାସି, ନଇରି ଆଦି ସ୍ଥାନରେ ୧୧ଟି କ୍ୟାମ୍ପ କରାଯାଇଛି । ଗୋଟିଏ କ୍ୟାମ୍ପରେ ଜଣେ ଫରେଷ୍ଟର କିମ୍ବା ଜଣେ ଗାର୍ଡ ଦାୟିତ୍ୱରେ ରହୁଥିବା ବେଳେ ପ୍ରତି କ୍ୟାମ୍ପ ପାଇଁ ୩ ଜଣ ଲେଖାଏଁ ଠିକା କର୍ମଚାରୀ ଦାୟିତ୍ୱରେ ରଖାଯାଇଛି । ଏହା ସହିତ ଚିଲିକା ପାଣିରେ ଡଙ୍ଗା ଦ୍ୱାରା ବୁଲିବା ପାଇଁ ଭ୍ରାମ୍ୟମାଣ ସ୍କାର୍ଡ ଗଠନ କରାଯାଇଛି । ସ୍କାର୍ଡ ପାଇଁ ୮ଜଣଙ୍କୁ ଠିକା କର୍ମଚାରୀ ନିୟୋଜିତ ହୋଇଛନ୍ତି । ଏତେ ବଡ଼ ଅଂଚଳକୁ ଜଣେ ବନାଂଚଳ ଅଫିସର, ତିନିଜଣ ଫରେଷ୍ଟର ଓ ୮ଜଣ ଗାର୍ଡ ଥିବା ଜଣାପଡ଼ିଛି । ଏ ନେଇ ଟାଙ୍ଗୀ ଚୂଡ଼ାମଣି ମୁର୍ମୁଙ୍କୁ ପଚାରିବାରେ ସେ କହିଲେ ରତାମାଟି ଛକ ନିକଟରୁ ୨୯ଟି ମୃତ ପକ୍ଷୀ ଦବତ କରାଯାଇଛି । କିଏ ଏହି ଚଢେଇ ମାରିଲା ତାର ତଦନ୍ତ ଚାଲିଛି । ପୁଣି ଏପିଆର ଫୋର୍ସ ସହାୟତା ଦେବା ପାଇଁ ଚିଲିକା ବଣ୍ୟପ୍ରାଣୀ ବିଭାଗ ଡିଏଫଓ ଜରିଆରେ ଲେଖାଯାଇଛି । ପାଇଁ ପକ୍ଷୀ ହତ୍ୟା ଦ୍ୱାରା ପ୍ରକୃତିର ଭାରସାମ୍ୟ ଓ ଜୈବବିଧତା ଗଭୀର ଭାବେ ପ୍ରଭାବିତ ହେଉଛି । ବିଦେଶାଗତ ପକ୍ଷୀମାନଙ୍କର ମାଂସ ଭକ୍ଷଣଦ୍ୱାରା ବ୍ଲାଡ ଫ୍ଲୁ ବ୍ୟାପିବାର ଆଶଙ୍କା ରହିଛି ବୋଲି ଚିକିତ୍ସା ବିଜ୍ଞାନୀମାନେ କହୁଛନ୍ତି । ବିରଳ ପ୍ରଜାତିର ବିଲୁପ୍ତ ହେଇଯାଉଥିବା ପକ୍ଷୀଙ୍କୁ ବଂଚାଇବା ପାଇଁ ମାନବ ସମ୍ବଳ ବୃଦ୍ଧି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବେଶବିତ ମତ ଦେଉଛନ୍ତି ।

## କୋରାଇ ମଣ୍ଡଳ ସାହିତ୍ୟ ସଂସଦର ବାର୍ଷିକୋତ୍ସବ-୨୦୨୧

କୋରାଇ : କୋରାଇ ମଣ୍ଡଳ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ବାର୍ଷିକୋତ୍ସବରେ ଶନିବାର ଧନେଶ୍ୱର ପଂଚାୟତ ଅନ୍ତର୍ଗତ ମୃତ୍ୟୁଞ୍ଜୟପୁର ହିଙ୍ଗୁଳା କଲ୍ୟାଣ ମଣ୍ଡପ(ପଣ୍ଡୁଳା)ଠାରେ ଅନୁଷ୍ଠିତ ବାର୍ଷିକ ଉତ୍ସବର ପ୍ରଥମ ଅଧିବେଶନ ୬ନାରାୟଣ ତ୍ରିପାଠୀ ମଂଚ କବିତା ପାଠୋତ୍ସବ କାର୍ଯ୍ୟକାରୀ ସଭାପତି ପ୍ରାଧ୍ୟାପକ ଶିବଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଉପସଭାପତି ବିନୋଦବିହାରୀ ମହାନ୍ତି ଉଦଘାଟନ କରିଥିଲା ବେଳେ ଅତିଥିଭାବେ ଗୋକର୍ଣ୍ଣିକା ସଂପାଦକ ରମାକାନ୍ତ ଜେନା, ଡକ୍ଟର ଅଶୋକ କୁମାର ସିଂହ ଓ ଡକ୍ଟର ମୋହନ ଚରଣ ଖୁଂଟିଆ ଯୋଗଦେଇଥିଲେ । ଅଶୋକ କୁମାର ପତିଙ୍କ ସଂଯୋଜନାରେ ବୃନ୍ଦାବନ ସାହୁ, ମଧୁସୂଦନ ମହାପାତ୍ର,ମହମ୍ମଦ ନସମୁଲ ଗନି, ମମତାଜ ଅଲ୍ଲୀ, ଅଞ୍ଜଳି ଜେନା ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ । ସାଂସ୍କୃତିକ ସଂପାଦକ ବାଇଧର ମାଝୀ ମଂଚାପରିଚାଳନା କରିଥିଲା ବେଳେ ସଙ୍ଗଠନ ସଂପାଦକ ଭୁବନମୋହନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଦ୍ୱିତୀୟ ଅଧିବେଶନ ଅଭିମନ୍ୟୁ ସାମନ୍ତ ସିଂହାର ମଂଚ ସଭାପତି ନନ୍ଦକିଶୋର ସିଂହ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଥିଲା । ସଭାକୁ ଉଦଘାଟନ କରି ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଂଟିଆ ଯୋଗଦେଇ ସାହିତ୍ୟିକମାନେ ପୁରସ୍କାର ଲାଗି ସୀତା ଓ ଦୌପଦୀଙ୍କ ଚରିତ୍ରକୁ ଅପଭ୍ରଂଶ ଲେଖୁଛନ୍ତି; ତାହା ଠିକ ନୁହେଁ । ପରିବେଶ ଓ ପରିସ୍ଥିତକୁ ନେଇ ନୂତନ ପରିପାଟିରେ ସାହିତ୍ୟ ଲେଖିଲେ ତାହା ଜନମାନସରେ ଅଦ୍ଭୁତ ହୋଇପାରିବ ବୋଲି ବକ୍ତବ୍ୟ ପ୍ରସଙ୍ଗରେ ଶ୍ରୀ ଖୁଂଟିଆ କହିଥିଲେ । ମୁଖ୍ୟଅତିଥିଭାବେ ପ୍ରଫେସର ଡକ୍ଟର ବୈଷ୍ଣବଚରଣ ସାମଲ ଯୋଗଦେଇ ସାହିତ୍ୟ ସମାଜର ହିତ ସାଧନ କରିବା ସହିତ ରୂପ ସହିତ ହୃଦୟକୁ ଯୋଡିଦିଏ ସାହିତ୍ୟ ବୋଲି ବକ୍ତବ୍ୟରେ କହିଥିଲେ । ସମ୍ମାନିତ ଅତିଥିଭ ଭାବେ ବିରଜା ମହାପାତ୍ର ଯୋଗଦେଇଥିଲା ବେଳେ ମୁଖ୍ୟବକ୍ତା ଡକ୍ଟର ହୁସେନ ରବିଗାନ୍ଧି ଯୋଗଦେଇ ମନର କଥାକୁ ମାତୃଭାଷାର ସାହିତ୍ୟରେ ପ୍ରକାଶକରି ପାଠକଙ୍କ ହୃଦୟକୁ ବିମୋହିତ କରିହେବ ବୋଲି ବ୍ୟକ୍ତକରିଥିଲେ । ସଂପାଦକ ପଣ୍ଡିତ ଡକ୍ଟର ସୂର୍ଯ୍ୟମଣି ଖୁଂଟିଆ ବାର୍ଷିକ ବିବରଣି ପ୍ରଦାନ କରିଥିଲାବେଳେ ପ୍ରାଧ୍ୟାପିକା ଡକ୍ଟର ଗୀତାଶ୍ରୀ ପ୍ରୀୟମ୍ବଦା ଓ ଅଧ୍ୟାପିକା ସରିତା ପୃଷ୍ଟି ମଂଚ ପରିଚାଳନା । ପ୍ରାଧ୍ୟାପକ ଅକ୍ଷୟ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲା ବେଳେ କାର୍ଯ୍ୟକାରୀ ସଂପାଦକ ଦୟାନିଧି ନାୟକ ଅତିଥିପରିଚୟ ପ୍ରଦାନ ଦେଇଥିଲେ । ଏହି ଅବସରରେ ସଂସଦର ମୁଖପତ୍ର 'କସ୍ତୁରୀ' ଡ. ଅଶୋକ କୁମାର ସିଂହଙ୍କ 'ଅପରାପର' .ଲେଖିକା କୁମୁଦୁନୀ ଜୀଙ୍କ 'ବର୍ଷଶେଷର ମିଛ ଓ ବନଶୀକଂଟା'ଗଳ୍ପିକ ପ୍ରଭାତ ସିହ୍ନାଙ୍କ 'ନିସର୍ଗ' ଆଦି ପୁସ୍ତକ ଗୁଡିକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ପ୍ରାରମ୍ଭରେ ଦିବଙ୍ଗତ ମହାମନିଷୀଙ୍କ ଉଦ୍ୟଶ୍ୟରେ ଦୀପ ଦାନ କରାଯାଇଥିଲା ବେଳେ ନିକଟରରେ ମୃତ୍ୟୁବରଣଙ୍କ କରିଥିବା ସାରସ୍ୱତ ସାଧକମାନଙ୍କ ଆତ୍ମର ସଦଗତିନମନ୍ତେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସହସଂପାଦକ ଅକ୍ଷୟକୁମାର ବାରିକ, କାର୍ତିକଚନ୍ଦ୍ର ଦ୍ୱିବେଦୀ, ପ୍ରାଧ୍ୟାପକ ଅମିତାଭ ଖୁଂଟିଆ, ନବଘନ ସ୍ୱାଇଁ, କାର୍ତିକଚନ୍ଦ୍ର ଦ୍ୱିବେଦୀ ପ୍ରମୁଖ ସଂସଦର କର୍ମକର୍ତା ଓ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

ନୂତନବାର୍ତ୍ତା
ବାଲେଶ୍ୱର



# ପଶ୍ଚିମବଙ୍ଗ ବିଜେପିରେ ଫାଟ ?



କୋଲକାତା : ପଶ୍ଚିମବଙ୍ଗରେ ବିଜେପିରେ ଦଳୀୟ କନ୍ଦଳ । ଏଠାରେ ଗଢାଯାଇଥିବା ଥିବା ନୂଆ କମିଟିରେ ଅଣଦେଖା ଅଭିଯୋଗ କରି ଦଳର ପାଂଚ ବିଧାୟକ ହ୍ୱାଟସ ଗ୍ରୁପ ଛାଡିଛନ୍ତି । ଏହି ଗ୍ରୁପରେ ବିଜେପିର ପ୍ରାୟ ସମସ୍ତ ବିଧାୟକ ଜଡିତ ଅଛନ୍ତି । ତେବେ ୫ ବିଧାୟକ ଗ୍ରୁପ୍ ଛାଡିବା ନେଇ ରାଜ୍ୟ ବିଜେପି ସଭାପତି ସୁକାନ୍ତ ମଜୁମଦାର କହିଛନ୍ତି ଯେ ଯଦି କୌଣସି ମତଭେଦ ଥାଏ, ତେବେ ସମୟ ଆସିଲେ ଆଲୋଚନା ମାଧ୍ୟମରେ ସମାଧାନ ହେବ । ସେ କହିଛନ୍ତି ଯେ ଯେତେବେଳେ ଏକ ନୂତନ କମିଟି ଗଠନ ହୁଏ ସେତେବେଳେ ଏମିତି ଛୋଟ ଛୋଟ ଘଟଣା ଘଟେ, ଆମେ ସେଗୁଡିକୁ ସମାଧାନ କରିବୁ। କେନ୍ଦ୍ର ରାଜ୍ୟ ମନ୍ତ୍ରୀ ତଥା ବିଜେପି ସାଂସଦ ଶାନ୍ତନୁ ଠାକୁର, ଯିଏକି ମଟୁଆ ସମ୍ପ୍ରଦାୟର ଜଣେ ପ୍ରମୁଖ ନେତା। ସେ ଦିଲ୍ଲୀ ଯାଇ ଦଳୀୟ ସଭାପତି ଜେପି ନଡ୍ଡାଙ୍କୁ ଭେଟିଥିଲେ। ଠାକୁର ନଡ୍ଡାଙ୍କୁ ଭେଟି ରାଜ୍ୟ କମିଟିରୁ ବାଦ ପଡିଥିବା ୫ ଜଣ ବିଧାୟକ, ମୁକୁଟ ମଣି ଆଦିକାରୀ (ରାଣାଘାଟ ଦକ୍ଷିଣ), ସୁବ୍ରତ ଠାକୁର (ଗାୟାଘାଟ), ଅମ୍ବିକା ରୟ (କଲ୍ୟାଣୀ), ଅଶୋକ କିର୍ତାନିଆ (ବୋନେଗାଁ ଉତର) ଏବଂ ଅସୀମ ସାର୍କ (ହରିଙ୍ଗାଟା) ଅସନ୍ତୋଷ ନେଇ ନଡ୍ଡାଙ୍କୁ ଜଣାଇଛନ୍ତି। ଠାକୁର କହିଛନ୍ତି, "ହଁ, ସମସ୍ତ ପାଂଚଜଣ ବିଧାୟକ ଦଳରେ ଅବହେଳାର ଶିକାର ହୋଇ ଅସନ୍ତୋଷ ପ୍ରକାଶ କରୁଥିଲେ। ସେମାନେ ମୋତେ ନିଜର ଅଭିଯୋଗ ବିଷୟରେ କହିଥିଲେ। ମୁଁ ନଡ୍ଡା ଜିଙ୍କୁ ଭେଟି ସେମାନଙ୍କ ଭାବନାକୁ ତାଙ୍କ ନିକଟରେ ପହଂଚାଇଥିଲି। ଆମେ ଆଲୋଚନା କରିଛୁ। ତେବେ ସେ ଏହି ପ୍ରସଙ୍ଗରେ ନଡାଙ୍କ ପ୍ରତିକ୍ରିୟା ଉପରେ କୌଣସି ମନ୍ତବ୍ୟ ଦେବାକୁ ମନା କରି ଦେଇଛନ୍ତି। ଅସନ୍ତୁଷ୍ଟ ବିଧାୟକମାନଙ୍କ ମଧ୍ୟରୁ ମୁକୁଟମଣି ଅଧିକାରୀ ନିଶ୍ଚିତ କରିଛନ୍ତି ଯେ ସେ ସୋସିଆଲ ମିଡିଆ ଗ୍ରୁପ୍ ଛାଡିଛନ୍ତି। ସେ କହିଛନ୍ତି ଯେ ନୂତନ ନିର୍ବାଚିତ କମିଟି ଅଧୀନରେ ତାଙ୍କ ନିର୍ବାଚନମଣ୍ଡଳୀର ଲୋକଙ୍କ ଆକାଂକ୍ଷା ପୂରଣ ହୋଇପାରିବ ନାହିଁ। ଏଥି ସହିତ, ଗାଏଘାଟ ବିଧାୟକ ଏବଂ ବୋନେଗାଁ ଉତର ବିଧାୟକ ମଧ୍ୟ କହିଛନ୍ତି ଯେ ସେମାନେ ଦଳ ଛାଡିଛନ୍ତି, କିନ୍ତୁ ଏହା ପଛର କାରଣ ବର୍ଣ୍ଣନା କରିବାକୁ ମନା କରି ଦେଇଛନ୍ତି। ରାଜ୍ୟର ଅନୁସୂଚିତ ଜାତି ଜନସଂଖ୍ୟାର ଏକ ପ୍ରମୁଖ ଅଂଶ ହେଉଛି ମଟୁଆ ସମ୍ପ୍ରଦାୟ। ନଦିଆ, ଉତର ଏବଂ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାରେ ଅତି କମରେ ଚାରିଟି ଲୋକସଭା ଆସନ ୩୦-୪୦ ବିଧାନସଭା ଆସନରେ ମଟୁଆ ସମ୍ପ୍ରଦାୟର ଦବଦବା ରହିଛି।

# କୁର୍‌କୁରେ କାରଖାନା ବଏଲର୍‌ରେ ବିସ୍ଫୋରଣ : ୧୦ ମୃତ



ମୁଜାଫରପୁର : ବିହାରର ମୁଜାଫରପୁରରେ ଭୟଙ୍କର ଦୁର୍ଘଟଣା । ରବିବାର ଏଠାରେ ବେଲା ଶିଳ୍ପା ଲର ଥିବା କୁରକୁରେ ଏବଂ ନୁଡୁଲ୍ସ କାରଖାନାରେ ବଏଲର ଫାଟିବାରୁ ବିସ୍ଫୋରଣ ହୋଇଛି । ଫଳରେ ୧୦ ଜଣଙ୍କ ମୃତ୍ୟୁ ହୋଇଛି । ଏହାସହ ବହୁ ସଂଖ୍ୟକ ଲୋକ ଆହତ ହୋଇଛନ୍ତି । ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତି କରାଯାଇଛି । ଏସପି-ଡିଏମ ସମେତ ଅନେକ ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି । ଆଗକୁ ମୃତ୍ୟୁ ସଂଖ୍ୟା ବଢିପାରେ ବୋଲି ଆଶଙ୍କା କରାଯାଉଛି । କୁହାଯାଉଛି ଯେ ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏହାର ଶବ୍ଦ ୫ କିଲୋମିଟର ପର୍ଯ୍ୟନ୍ତ ଶୁଣାଯାଇଥିଲା । ବିସ୍ଫୋରଣ ହେତୁ ଲାଗିରହିଥିବା ଚୁଡା ଏବଂ ମଇଦା କାରଖାନା ମଧ୍ୟ ନଷ୍ଟ ହୋଇଯାଇଛି । ଅଗ୍ନିଶମ ବିଭାଗର ୫ଟି ଗାଡି ଘଟଣାସ୍ଥଳରେ ନିଆଁଲିଭା କାର୍ଯ୍ୟରେ ନିୟୋଜିତ ଅଛନ୍ତି । ବର୍ତମାନ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କୁ ଚିହ୍ନଟ କରାଯାଇ ନାହିଁ । ଦୁର୍ଘଟଣା ସମୟରେ କାରଖାନା ଭିତରେ କେତେ ଲୋକ କାମ କରୁଥିଲେ ତାହା ଜଣା ପଡିନାହିଁ । ଉଦ୍ଧାର କାର୍ଯ୍ୟ ଜାରି ରହିଛି । ବର୍ତମାନ ଟ୍ରାକ୍ଟର ସାହାଯ୍ୟରେ କାରଖାନା ଫାଟକ ବନ୍ଦ କରି ରଖାଯାଇଛି । ଆଖପାଖ ଲୋକ କହିଛନ୍ତି ଯେ ବଏଲର ବିସ୍ଫୋରଣ ହେତୁ ପ୍ରଚଣ୍ଡ ଶବ୍ଦ ହୋଇଥିଲା । ଫଳରେ ଝରକା ଓ କବାଟ ପର୍ଯ୍ୟନ୍ତ ଥରିଉଠିଥିଲା । ଏଠାରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ସମ୍ପର୍କୀୟମାନେ ସେମାନଙ୍କ ପ୍ରିୟଜନଙ୍କୁ ଖୋଜୁଛନ୍ତି । ହେଲେ ପ୍ରଶାସନର ଅଧିକାରୀମାନେ ଲୋକଙ୍କୁ ଭିତରକୁ ଯିବାକୁ ଅଟକାଉଛନ୍ତି ।

## ଅଶୋକ ଉପାଧ୍ୟାୟଙ୍କ ପତ୍ନୀ ଆଣିଲେ ସାଂଘାତିକ ଅଭିଯୋଗ

ଭୁବନେଶ୍ୱର : ଚିତ ମର୍ଡର ମିଷ୍ଟ୍ରିରେ ନୂଆ ଟ୍ୱିଷ୍ଟ । ଗିରଫ ଅଶୋକ ଉପାଧ୍ୟାୟଙ୍କ ପତ୍ନୀ ଆଣିଲେ ସାଂଘାତିକ ଅଭିଯୋଗ । କହିଲେ ଆମ ଉପରେ ଚାପ ପକାଇଛି କ୍ରାଇମବ୍ରାଂଚ । ଡରାଇ ଧମକାଇ ମିଛରେ ଫଶାଇଛି କ୍ରାଇମବ୍ରାଂଚ। ସେ କହିଛନ୍ତି ତାଙ୍କ ଉପରେ ଚାପ ପକାଇ ମିଛ କୁହାଇଛି କ୍ରାଇମବ୍ରାଂଚ। ଅଶୋକଙ୍କ ପତ୍ନୀଙ୍କ ମନ୍ତବ୍ୟକୁ ନେଇ ଏବେ ଉଠିଛି ବଡ଼ ପ୍ରଶ୍ନ । ଚିତଙ୍କ ପରିବାର ଲୋକେ ପ୍ରଥମ ସଂଜୟ ହତ୍ୟାକାରୀ ବୋଲି ଆଣିଥିଲେ ଅଭିଯୋଗ । ପରେ ବୟାନ ବଦଳାଇଥିଲେ । ଏବେ ପୁଣି ପୋଷ୍ଟମର୍ଟମ ରିପୋର୍ଟ ନେଇ ଉଠାଇଛନ୍ତି ପ୍ରଶ୍ନ । ତେବେ କ୍ରାଇମବ୍ରା ବିରୋଧରେ ଏ ଅଭିଯୋଗର କିଏ ତଦନ୍ତ କରିବ ? କାରଣ ନିଜେ କ୍ରାଇମବ୍ରା ନିଜ ନାଁରେ ଆସିଥିବା ଅଭିଯୋଗର ତଦନ୍ତ ତ କରିପାରିବନି ।

## ବିଜେଡ଼ି ଏକ ଦଳ ନୁହେଁ ବରଂ ଏକ ଆନ୍ଦୋଳନ: ପ୍ରଣବ ପ୍ରକାଶ ଦାସ



ଭୁବନେଶ୍ୱର : ଧରାପୃଷ୍ଠରେ ଥିବା ପର୍ଯ୍ୟନ୍ତ ନବୀନଙ୍କୁ କ୍ଷମତାଚ୍ୟୁତ କରିବେ ନାହିଁ ଓଡ଼ିଶାବାସୀ। ଆଜି ପ୍ରତିଷ୍ଠା ଦିବସରେ ବିଜେଡି ନେତାମାନେ ଏହିଭଳି ଦମ୍ଭୋକ୍ତି କରିଛନ୍ତି। କର୍ମୀମାନଙ୍କୁ ସମ୍ବୋଧନ କରି ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି, ବିରୋଧୀ ଷଡ଼ଯନ୍ତ୍ରର ମୁକାବିଲା ପାଇଁ ପ୍ରସ୍ତୁତ ରୁହ। ଆଜି ବିଜେଡି ପାଳୁଛି ୨୫ ତମ ପ୍ରତିଷ୍ଠା ଦିବସ। ଭୁବନେଶ୍ୱରସ୍ଥିତ ବିଜେଡି ମୁଖ୍ୟ କାର୍ଯ୍ୟାଳୟରେ ପ୍ରତିଷ୍ଠା ଦିବସ ପାଳନ ହୋଇଛି। ଏହି ଅବସରରେ ଦଳର ଛାମୁଆ ନେତା ସାମିଲ ହୋଇ ଗୁରୁମନ୍ତ୍ର ଦେଇଛନ୍ତି। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି, ନବୀନ ପଟ୍ଟନାୟକ ଯାହା କୁହନ୍ତି, ତାହା କାମରେ କରି ଦେଖାନ୍ତି। ଜୀବନ ଥିବା ଯାଏ ତାଙ୍କୁ କେହି କ୍ଷମତାଚ୍ୟୁତ କରିପାରିବେନି। ସଂସଦରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ବ୍ୟବସ୍ଥା ଘୋଷଣା କରିଛନ୍ତି ନବୀନ। ଆମେ ଭାବିନଥିବା କଥାକୁ ନବୀନ କରି ଦେଖାଇଛନ୍ତି। ବିଜେଡି ଏକ ଦଳ ନୁହେଁ ବରଂ ଏକ ଆନ୍ଦୋଳନ। ନିର୍ବାଚନ ଜିତିବାକୁ ହେଲେ କେବଳ ନବୀନଙ୍କ ନାମ ହିଁ ଯଥେଷ୍ଟ ବୋଲି ପ୍ରଣବ ପ୍ରକାଶ ଦାସ କହିଛନ୍ତି। ସେହିପରି ସଂଜୟ ଦାସବର୍ମା ଓ ପ୍ରସନ୍ନ ପାଟଶାଣୀ ପ୍ରମୁଖ ବରିଷ୍ଠ ନେତା ଆଗାମୀ ଦିନରେ ଦଳ ଓ ସଂଗଠନକୁ କିଭଳି ମଜଭୁତ କରିହେବ ସେନେଇ କର୍ମୀଙ୍କୁ ଉପଦେଶ ଦେଇଛନ୍ତି।

## ରାସ୍ତା ଉପରେ ଓଲଟିଲା କଂଟେନର

ଜଳେଶ୍ୱର : ୬୦ନଂ ଜାତୀୟ ରାଜପଥ ନହଞ୍ଜରାଠାରେ ରାସ୍ତା ଉପରେ ଓଲଟିଲା କଂଟେନର । ଅଳ୍ପକେ ରକ୍ଷା ପାଇଯାଇଛନ୍ତି ଡ୍ରାଇଭର ଓ ହେଲ୍ପର । ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ୬୦ନ ଜାତୀୟ ରାଜପଥ ନହଞ୍ଜରା ଠାରେ ଖଡଗପୁର ଅଭିମୁଖେ ଯାଉଥିଲା CIFS ଯବାନଙ୍କର ୧୮ଟି କଂଟେନର । ତେବେ ଏଥିରୁ ରୁ ଗୋଟିଏ ଆଗ ଚକା ଫାଟିଯିବାରୁ ଗାଡିଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା । ତେବେ ଅଳ୍ପକେ ରକ୍ଷା ପାଇଯାଇଥିଲେ ଡ୍ରାଇଭର ଏବଂ ହେଲ୍ପର । ଘଟଣା ସ୍ଥଳରେ ଉଓଝର ପୋଲିସ ଏବଂ ଜଳେଶ୍ୱର ପୋଲିସ ଗାଡିଟିକୁ ଜଗି ରହିଛନ୍ତି ।

## ପୋଲିସ ଜାଲରେ ଧଳା ଜହର ମାଷ୍ଟର ମାଇଣ୍ଡ



ପୁରୀ : ପୋଲିସ ଜାଲରେ ଧଳା ଜହର ମାଷ୍ଟର ମାଇଣ୍ଡ। ନିମାପଡ଼ା -ଗୋପ ଅଂଚଳ ଏବେ ଧଳା ଜହରର ସାମ୍ରାଜ୍ୟ ବିସ୍ତାର କରିଛି। ନିମାପଡ଼ା ରେଂଚ ନିକଟରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଏକ କାରରୁ ପ୍ରାୟ ୭୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନ ସୁଗାର ଜବତ କରିବା ସହିତ ୨ଜଣଙ୍କୁ ଗିରଫ କରିଥିଲା । ଏବେ ଧଳ ଜହର ବିକ୍ରୟର ମାଷ୍ଟର ମାଇଣ୍ଡ ଜଣେ ମହିଳାଙ୍କୁ ନିମାପଡ଼ା ପୋଲିସ ଗିରଫ କରିଛି । ମହିଳାଙ୍କ ନିକଟରୁ ୬୩ଗ୍ରାମ ବ୍ରାଉନ ସୁଗାର ଜ୍ୱତ କରିଛି। ଯାହାର ଆନୁମାନିକ ମୂଲ୍ୟ ୭ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି। ମହିଳା ଜଣକ ହେଲେ ନିମାପଡ଼ା ଥାନା ଅଧିନ ରେଂଚ ଗ୍ରାମର ଶାନ୍ତି ଲତା ଜେନା। ସେ ଦୀର୍ଘ ଦିନ ଧଳା ଜହର ବ୍ୟୋପାରର କାୟା ବିସ୍ତାର କରିଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ନିମାପଡ଼ା ଥାନା ଅଧିକାରୀ ସଦଳବଳେ ତା ଘର ଉପରେ ଚଢାଉ କରି ବ୍ରାଉନ ସୁଗାର ସହ ଶାନ୍ତି ଲତାକୁ ଗିରଫ କରି ଅବକାରୀ ଧାରା ୨୧(ଖ)ଥାନା କେଶ ନଂ ୪୩୬/୨୧ରେ ଏକ ମାମଲା ରୁଜୁ କରାଯାଇଛି।


# ଶ୍ରେଷ୍ଠ ଲେଖକ ହେଲେ ଓଡ଼ିଆପୁଅ ଓମ୍



ଭୁବନେଶ୍ୱର : ପିଏମ୍ ଯୁବା ମେ ରଶିପ୍ ଯୋଜନା ଅଧୀନରେ ଶ୍ରେଷ୍ଠ ଯୁବ ଲେଖକ ଭାବେ ମନୋନୀତ ହେଲେ ଓଡ଼ିଆ ପୁଅ ଓମ ପ୍ରିୟଦର୍ଶୀ ଛୋଟରାୟ। ପାଇକ ଆନ୍ଦୋଳନର ଇତିହାସ ସମ୍ବନ୍ଧରେ ଲେଖି ସେ ଏହି ଗୌରବ ହାସଲ କରିଛନ୍ତି। ଓଡ଼ିଶାର ବିଭିନ୍ନ ଖବରକାଗଜରେ ତାଙ୍କର ସ୍ତମ୍ଭ ସମ୍ପାଦକୀୟ ପୃଷ୍ଠାରେ ବାହାରେ। ସେ ମୂଳତଃ ଖୋର୍ଦ୍ଧା ପୁରୁସାହି ନିବାସୀ। ଖୋର୍ଦ୍ଧା ପିଏନ କଲେଜରେ ସ୍ନାତକ ସମାପ୍ତ ପରେ ସେ ଏନଆଇଟି ରାଉରକେଲାରେ ପଢୁଥିଲେ। ଏବେ ସେ ବିଭିନ୍ନ ଜାତୀୟ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଗହଣରେ କାର୍ଯ୍ୟ କରୁଥିବା ସଙ୍ଗଠନ ଥିଙ୍କ ଇଣ୍ଡିଆର ରାଷ୍ଟ୍ରୀୟ ସୋସିଆଲ ମିଡ଼ିଆ ଦାୟିତ୍ୱ ତୁଲାଉଛନ୍ତି। ସାରା ଦେଶରୁ ତଥା ବିଦେଶରେ ଥିବା ଭାରତୀୟ ସମୁଦାୟଙ୍କ ପକ୍ଷରୁ ୨୨ଟି ସାମ୍ବିଧାନିକ ଭାଷା ଓ ଇଂରାଜୀରେ ପାଖାପାଖି ୧୬ ହଜାର ଆବେଦନ ପ୍ରାପ୍ତ ହୋଇଥିଲା। ବିଶେଷଜ୍ଞମାନଙ୍କ ଏକାଧିକ ପ୍ୟାନେଲ ସମସ୍ତ ପୁସ୍ତକ ପ୍ରସ୍ତାବକୁ ପଢ଼ିଥିଲେ ଏବଂ ଏସବୁର ତ୍ରିସ୍ତରୀୟ ଯାଂଚ କରାଯାଇଥିଲା। ଏହି ପୁସ୍ତକ ନ୍ୟାସନାଲ ବୁକ୍ ଟ୍ରଷ୍ଟ ଦ୍ୱାରା ପ୍ରକାଶିତ ହେବ ଏବଂ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜିଙ୍କ ଦ୍ୱାରା ଉନ୍ମୋଚିତ କରାଯିବ। ଏହି ସଫଳତାର ପରେ ଚାରିଆଡୁ ଓମଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି। ଅନେକ ବୁଦ୍ଧିଜୀବୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ସୋମବାର, ୨୭ ଡିସେମ୍ବର
୨୦୨୧
ପୃଷ୍ଠା - ୮
ନୂତନବାର୍ତ୍ତା
ବାଲେଶ୍ୱର



# ଦିଗଦର୍ଶୀ ପିନ୍ଧିଲେ ମିସ୍ ଓଡିଶା ଟାଇଟଲ




ନୂଆଦିଲ୍ଲୀ : ପିଲାଟି ଦିନରୁ ମଡେଲିଂ ପ୍ରତି ରୁଚି ରଖିଥିବା ଜଣେ ଛାତ୍ରୀ ଆଜି ମିସ ଓଡିଶା ଟାଇଟଲର ତାଜ ପିନ୍ଧିଛନ୍ତି. । ଦୃଢ଼ ଏକାଗ୍ରତା ଓ ଇଚ୍ଛା ଶକ୍ତି ଯୋଗୁଁ ତାଙ୍କୁ ଏହି ମୁକୁଟ ମିଳିଛି । ଯୁକ୍ତ ୩ ବିଜ୍ଞାନ ପ୍ରଥମ ବର୍ଷର ଛାତ୍ରୀ ଏହି ମିସ ଓଡିଶା ଟାଇଟଲକୁ ନିଜ ନାମରେ କରିପାରିଛନ୍ତି. ମଧ୍ୟବିତ ପରିବାରରେ ଜନ୍ମ ହୋଇଥିବା ଦିଗଦର୍ଶୀ ମିଶ୍ର । ୫ ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀଙ୍କୁ ପଛରେ ପକାଇ, ଏଭଳି ଟାଇଟଲ ହାସଲ କରି ପାରିଥିବାରୁ, ପରିବାର ଲୋକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ମିସ ଓଡିଶା ଟାଇଟଲ ହାସଲ କରି ଦିଗଦର୍ଶୀ ଖୁସିରେ ଅଧୀର ହୋଇ ପଡ଼ିଥିବା ବେଳେ ଆଗାମୀ ଦିନରେ ମିସ ଇଣ୍ଡିଆ ତାଜ୍ ପିନ୍ଧିବାକୁ ଲକ୍ଷ୍ୟ ରଖିଛନ୍ତିଯ। ତେବେ ଗୋଟିଏ ପ୍ରତିଯୋଗିତାରେ ତାଙ୍କୁ ମୁକୁଟ ମିଳି ନଥିଲା । ଭଦ୍ରକ ବ୍ଲକର ଆର ଏନ ବେତରା ଗ୍ରାମର ପ୍ରକାଶ ଚନ୍ଦ୍ର ମିଶ୍ର ଏବଂ ମନ୍ଦାକିନୀ ପଣ୍ଡାଙ୍କ ବଡ଼ ଝିଅ ହେଉଛନ୍ତି ଦିଗଦର୍ଶୀ ମିଶ୍ର. ବାପା ସ୍ଥାନୀୟ ଅଂଚଳରେ ଏଲଆଇସି ଏଜେଂଟ ଭାବେ କାର୍ଯ୍ୟ କରନ୍ତି । ମାଆ ଜଣେ ଗୃହିଣୀ । ପିଲାମାନଙ୍କ ଉନ୍ନତ ଶିକ୍ଷାଲାଭ ପାଇଁ ଏବେ ଭଦ୍ରକ ସହରର ମଠସାହିରେ ଏକ ଭଡା ଘରେ ପରିବାର ସହ ରହନ୍ତି । ପିଲାଟି ଦିନରୁ କଳାପ୍ରତି ଦୁର୍ବଳତା ରଖିଥିବା ଦିଗଦର୍ଶୀ ପିଲାବେଳୁ ଏକକ ଅଭିନୟ, ନୃତ୍ୟ ପ୍ରତିଯୋଗିତା ପରି କାର୍ଯ୍ୟକ୍ରମ ମାନଙ୍କରେ ନିଜର କଳା ପ୍ରଦର୍ଶନ କରି ସଫଳତା ହାସଲ କରିଥିବା ବେଳେ ଓଡିଶୀ ନୃତ୍ୟ ମଧ୍ୟ ଅଧ୍ୟୟନ କରିଛନ୍ତି । ପୂର୍ବରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନିଜର କଳା ପ୍ରଦର୍ଶନ କରି କୃତିତ୍ୱ ହାସଲ କରିଥିବା ଦିଗଦର୍ଶୀ ଆଉ ଗୋଟିଏ ମାଇଲ ଖୁଂଟ ଅତିକ୍ରମ କରିଛନ୍ତି । ଚଳିତ ମାସ ୧୯ ତାରିଖ ଭୁବନେଶ୍ୱରର ଜିଞ୍ଜର ହୋଟେଲ ଠାରେ ଲା ଲୋଟସ(ଲା ଲୋଟସ)ପକ୍ଷରୁ ଆୟୋଜିତ ୨୧ବର୍ଷରୁ କମ ପ୍ରତିଯୋଗୀଙ୍କ ମଧ୍ୟରେ ଫ୍ୟାସନ ଏବଂ ମିସ୍ ଓଡିଶା ପ୍ରତିଯୋଗିତାରେ ୨୪ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ସେ ଜିତିଥିଲେ ମିସ୍ ଓଡିଶା ଟାଇଟଲ । ପ୍ରଥମରୁ ୫ ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ୩ ଗୋଟି ରାଉଣ୍ଡ ପରେ ଫାଇନାଲରେ ୨୪ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ମିସ ଓଡିଶା ତାଜ ପିନ୍ଧିଛନ୍ତି ଦିଗଦର୍ଶୀ । ସେଥିପାଇଁ ଆୟୋଜକଙ୍କ ପକ୍ଷରୁ ଆଗତ ପ୍ରତିଯୋଗିତା କାର୍ଯ୍ୟକ୍ରମ ବାଲେଶ୍ୱର ଠାରେ ହୋଇଥିଲା ସେଠାରେ ସେ କୃତକାର୍ଯ୍ୟ ହୋଇ ଭୁବନେଶ୍ୱରରେ ଫାଇନାଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ବାପାଙ୍କର ସ୍ୱଳ୍ପ ଆୟ ଯୋଗୁଁ ବାପା ଏବଂ ମାଆ ଏବଂ ମାଉସୀଙ୍କ ଦ୍ୱାରା ଉତ୍ସାହିତ ହୋଇ ସେ ଆଜି ଏହି ସଫଳତା ପାଇଛନ୍ତି ବୋଲି ଦିଗଦର୍ଶୀ କହିଥିବାବେଳେ ଆଗକୁ କୋଚିଂ ନେଇ ମିସ୍ ଇଣ୍ଡିଆ ପାଇଁ ନିଜକୁ ପ୍ରସ୍ତୁତ କରିବା ଆଶା ରଖିଛନ୍ତି । ଝିଅର ଏଭଳି ସଫଳତାକୁ ନେଇ ଗର୍ବିତ ହୋଇଛନ୍ତି ବାପା। ଆଗକୁ ବଢିବାକୁ ଆବଶ୍ୟକ ଚେଷ୍ଟା ଜାରିରଖି ଝିଅର ସ୍ୱପ୍ନକୁ ସାକାର କରିବାରେ ନିଜର ଯଥା ସମ୍ଭବ ସହଯୋଗ ରଖିବେ କହିଛନ୍ତି । ଅନ୍ୟପଟେ ଛାତ୍ରୀ ଜଣଙ୍କର ଏଭଳି କୃତିତ୍ୱ କୁ ଦେଖି ଜିଲ୍ଲା ବାସୀ ମଧ୍ୟ ଗର୍ବ ଅନୁଭବ କରିଛନ୍ତି । ଆଗକୁ ଝିଅଟି ଦେଶ ବିଦେଶରେ ନାଁ ରଖୁ, ସମସ୍ତେ ଆଶା ରଖିବା ସହ ଶୁଭେଚ୍ଛା ଜଣାଇଛନ୍ତି ।

## ପଂଚାୟତ ନିର୍ବାଚନ ନକରିବା ପାଇଁ ମଧ୍ୟପ୍ରଦେଶ କ୍ୟାବିନେଟରେ ପ୍ରସ୍ତାବ ପାରିତ

ଭୋପାଳ : ମଧ୍ୟପ୍ରଦେଶରେ ବାତିଲ ହୋଇପାରେ ପଂଚାୟତ ନିର୍ବାଚନ । ସରକାରଙ୍କ ମୁଡ ଦେଖିଲେ ଲାଗୁଛି ଏବେ ପଂଚାୟତ ନିର୍ବାଚନ କରାଇବାକୁ ଆଉ ରାଜି ନୁହନ୍ତି । ନିର୍ବାଚନ ବନ୍ଦ କରିବାକୁ ପ୍ରସ୍ତାବ ପାରିତ କରିଛି ମଧ୍ୟପ୍ରଦେଶ କ୍ୟାବିନେଟ । ଏହାକୁ ଅନୁମୋଦନ ପାଇଁ ରାଜ୍ୟପାଳଙ୍କ ନିକଟକୁ ପଠାଯାଇଛି । କିଛି ଦିନ ତଳେ ବିଧାନସଭାରେ ଏ ସଂପର୍କିତ ଏକ ସଂକଳ୍ପ ପାରିତ ହୋଇଥିଲା । ଅନ୍ୟାନ୍ୟ ପଛୁଆ ବର୍ଗଙ୍କୁ ସଂରକ୍ଷଣ ଦିଆଯାଇପାରିବନି ବୋଲି ସୁପ୍ରିମକୋର୍ଟ କହିବା ପରେ ବ୍ୟାକଫୁଟକୁ ଚାଲିଯାଇଛନ୍ତି ଶିବରାଜ ସିଂ ସରକାର । ଆଗାମୀ ପଂଚାୟତ ନିର୍ବାଚନ ପାଇଁ ଜାରି ବିଜ୍ଞପ୍ତିରେ ନିର୍ଦ୍ଧାରିତ କୋଟାଠାରୁ ଓବିସିଙ୍କୁ ସଂରକ୍ଷଣ ଦିଆଯାଇଥିଲା । ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲଞ୍ଜ କରିବା ପରେ ସର୍ବୋଚ ନ୍ୟାୟଳୟ ଓବିସିଙ୍କ ପାଇଁ ସଂରକ୍ଷିତ ରଖିଥିବା ଆସନକୁ ସାଧାରଣ ବର୍ଗଙ୍କ ପାଇଁ କରିଦେବାକୁ କହିଥିଲେ । ନିର୍ବାଚନ କମିଶନଙ୍କୁ ଏ ସଂପର୍କରେ ସାନି ବିଜ୍ଞପ୍ତି ଜାରି କରିବାକୁ କହିବା ପରେ ଆଉ ପଂଚାୟତ ନିର୍ବାଚନ କରାଇବା ସପକ୍ଷରେ ନାହାନ୍ତି ଶିବରାଜ ସରକାର । ସୁପ୍ରିମକୋର୍ଟରେ ରିଭ୍ୟୁ ପିଟିସନ ଦାଖଲ କରିବା ସହ ବର୍ତମାନ ପରିସ୍ଥିତିରେ ଓବିସିଙ୍କୁ ଛାଡି ପଂଚାୟତ ନିର୍ବାଚନ କରାଇବାକୁ ରାଜି ନୁହନ୍ତି ସରକାର ।

## ୬୭ ଏକର ଗଞ୍ଜେଇ ଚାଷ ନଷ୍ଟ କଲା ପୋଲିସ



ଲମତାପୁଟ : କୋରାପୁଟ ପୋଲିସ ୭୩ ଏକରରେ ହୋଇଥିବା ୭୫ହଜାର ୬ସହ ଗଞ୍ଜେଇ ଗଛ ନଷ୍ଟ କରିଛି । କୋରାପୁଟ ପୋଲିସ ଗଞ୍ଜେଇ ଚୋରା ଚାଲାଣ ରୋକିବା ପାଇଁ ବଡ ପଦକ୍ଷେପ ନେଇଛି । ମାଓ ପ୍ରଭାବିତ ଅଂଚଳ ଗୁଡିକରେ ବେଧଡକ ଗଞ୍ଜେଇ ଚାଷ ବିପୁଳ ପରିମାଣରେ ହେଉଥିବା ପୋଲିସ ନଜରକୁ ଆସିଛି । ପାଡୁଆ ଥାନା ଅନ୍ତର୍ଗତ ମାଓ ପ୍ରଭାବିତ ଆନ୍ଧ୍ର ସୀମାନ୍ତବର୍ତୀ ସାରିଆପାଲି ଏବଂ ସୁଡୁବ ଗ୍ରାମ ନିକଟ ଜଙ୍ଗଲରେ ଅପରେସନ ସନ ଗ୍ରୀନକ୍ଲିନ ଆରମ୍ଭ କରିଛି । ଏହି ଅଂଚଳରେ ଯୁଆଡେ ଆଖିବୁଲାଇଲେ ହେକ୍ଟର ହେକ୍ଟର ଗଞ୍ଜେଇ ଚାଷ ହୋଇଛି । ପୋଲିସ ଗଞ୍ଜେଇ ଗଛ କାଟି କାଟି ଥକି ଗଲେ କିନ୍ତୁ ସମ୍ପୂର୍ଣ ନଷ୍ଟ କରି ପାରିନି । ଏହି ଅଂଚଳରେ ଲଗାତାର ଅପରେସନ ଜାରି ରହିବ ବୋଲି ପୋଲିସ ସୂଚନା ଦେଇଛି । ପାଡୁଆ, କୋରାପୁଟ ପୋଲିସ , ଡି . ବି. ଏଫ, ଅବକାରୀ, ବିଭାଗ ବନ ବିଭାଗ ଏବଂଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୭୩ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇ ସାରିଲାଣି । ଏହି ଗ୍ରାମ ଗୁଡ଼ିକ ଆନ୍ଧ୍ର ସୀମାନ୍ତ ବାର୍ତୀ ଏବଂ ମାଓ ପ୍ରଭାବିତ ଅଂଳ ହୋଇଥିବାରୁ କଡା ସୁରକ୍ଷା ଦୃଷ୍ଟିରେ ରଖୀ ବିପୁଳ ଫୋର୍ସ ମୁତୟନ କରି ଗଞ୍ଜେଇ ଚାଷ ନଷ୍ଟ କରାଯାଉଛି । ଡ୍ରୋନ ସାହାଯ୍ୟରେ ଗଞ୍ଜେଇ ଚାଷ ହୋଇଥିବା ଜାଗାକୁ ଚିହ୍ନଟ କରାଯାଇଥିଲା ।

## ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ



ବାଲେଶ୍ୱର: ଗତ କାଲି ବାଲେଶ୍ୱର ମୟୂରଭଞ୍ଜ ଜିଲ୍ଲା ସୀମାବର୍ତୀ ଗ୍ରାମ ଚଷାଖଣ୍ଡ, ଜଙ୍ଗରାଇ ଏବଂ କଳମା ଗ୍ରାମର ଲୋକଙ୍କ ମଧ୍ୟରେ ହୋଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଉଭୟ ଜିଲ୍ଲାର ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇ ସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ୧୪୪ ଧାରା ଜାରି କରାଯିବା ସହ ବ୍ୟାପକ ପୁଲିସ ମୁତୟନ କରାଯାଇଛି । ଉତେଜନା ହ୍ରାସ କରିବା ପାଇଁ ଆଜି ସ୍ଥାନୀୟ ସଦଭାବନା ସଭାଗୃହରେ ଉଭୟ ପକ୍ଷଙ୍କୁ ନେଇ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପୂର୍ବାଂଚଳ ଆଇ.ଜି ଶ୍ରୀ ହିମାଂଶୁ ଲାଲ, ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ, ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ, ବାଲେଶ୍ୱର ଏସପି ଶ୍ରୀ ସୁଧାଂଶୁ ଶେଖର ମିଶ୍ର, ମୟୂରଭଞ୍ଜ ଏସପି ଶ୍ରୀ ରିଷିକେଷ ଡି ଖିଲାରି, ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲଙ୍କ ସମେତ ବିଭାଗୀୟ ଅଧିକାରୀ, ପୁଲିସ ଅଧିକାରୀ ଏବଂ ଉଭୟ ପକ୍ଷର ପ୍ରାୟ ୩୦ଜଣ ଗ୍ରାମବାସୀ ଅଂଶଗ୍ରହଣ କରି ଶାନ୍ତି ବଜାୟ ରଖିବା ଉପରେ ଆଲୋଚନା କରିଥିଲେ । ଗତକାଲିର ଗୋଷ୍ଠୀ ସଂଘର୍ଷ ଘଟଣାରେ ଜଣେ ପ୍ରାଣ ହରାଇବା ଏକ ଦୁଃଖଦ ଓ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ଆଇନଶୃଙ୍ଖଳା ପରିସ୍ଥିତିକୁ ବଜାୟ ରଖିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିଲେ ହେଁ ସ୍ୱାଭାବିକ ସ୍ଥିତି ଫେରାଇଆଣିବାକୁ ଗ୍ରାମବାସୀଙ୍କ ସହଯୋଗ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ପୂର୍ବାଂଚଳ ଆଇଜି ଶ୍ରୀ ହିମାଂଶୁ ଲାଲ୍ ପ୍ରଶାସନ ଓ ପୁଲିସ ଉପରେ ସମ୍ପୂର୍ଣ୍ଣ ଭରସା ରଖିବାକୁ ଏବଂ ଆଇନକୁ ହାତକୁ ନ ନେବାକୁ ପରାମର୍ଶ ଦେଇଥିଲେ । ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ ଧରାଯିବା ସହିତ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତୀ ଶାନ୍ତି ବଜାୟ ରଖିବା ଉପରେ ଗୁରୁତ୍ୱ ଦେବା ସହିତ ଗ୍ରାମବାସୀଙ୍କ ସମସ୍ତ ଆଇନସଙ୍ଗତ ଦାବି ପୂରଣ କରାଯିବ ବୋଲି କହିଥିଲେ । ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ ଏଭଳି ପରିସ୍ଥିତି ଯେଭଳି ଆଗକୁ ନ ଉପୁଜିବ ସେଥିପାଇଁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ସହ ମୃତକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏଥି ସହିତ ସରକାରଙ୍କ ପକ୍ଷରୁ ଯାହା ବି ସାହାଯ୍ୟ ଓ ସହଯୋଗ ଆବଶ୍ୟକ ତାହା ଯୋଗାଇ ଦିଆଯିବ ବୋଲି କହିଥିଲେ । ବାଲେଶ୍ୱର ଏସପି ଶ୍ରୀ ସୁଧାଂଶୁ ଶେଖର ମିଶ୍ର, ମୟୂରଭଞ୍ଜ ଏସପି ଶ୍ରୀ ରିଷିକେଶ ଡି ଖିଲାର ଏଭଳି ଘଟଣାର ପୁନରାବୃତି ନ ହେବା ଏବଂ ଶାନ୍ତି ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ । ଉପସ୍ଥିତ ଗ୍ରାମବାସୀମାନେ ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ବୈଠକରେ କହିବା ସହିତ ସମସ୍ତ ଗ୍ରାମରେ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ କାଏମ ରଖିବାକୁ ସହମତି ପ୍ରକାଶ କରିଥିଲେ । ଶାନ୍ତି ଓ ଭାଇଚାରା ସହ ସହବସ୍ଥାନ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା । ପୂର୍ବାଂଚଳ ଆଇଜି ଶ୍ରୀ ଲାଲ ପରିସ୍ଥିତିରେ ସୁଧାର ଆଣିବାକୁ ସମସ୍ତ ଗ୍ରାମବାସୀଙ୍କ ସହଯୋଗ କାମନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ବୈଠକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମିଶନଶକ୍ତି ମାର୍କେଟିଂ ବିଲ୍ଡିଂ ସ୍ଥାନାନ୍ତର ପାଇଁ ବୁଦ୍ଧିଜୀବୀଙ୍କ ଦାବି

ବାଲେଶ୍ୱର : ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲାରେ ଏକ କୋଟି ଲେଖାଁ ବ୍ୟୟରେ ମିଶନ ଶକ୍ତି ଅଧିନରେ ଥିବା ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ମିଶନଶକ୍ତି ମାର୍କେଟିଂ କେନ୍ଦ୍ର ପ୍ରତିଷ୍ଠା ପ୍ରସ୍ତାବକୁ ସିଭିଲ୍ ସୋସାଇଟି ସ୍ୱାଗତ କରିଛି । ରବିବାରଦିନ ସନ୍ଧ୍ୟାରେ ସିଭିଲ୍ ସୋସାଇଟିର ଏକ ବୈଠକ ଉଠାଜଳସେଚନ କର୍ମଚାରୀ ଭବନ ସଭାଗୃହରେ ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ବାଲେଶ୍ୱର ଜିଲ୍ଲାପାଳଙ୍କ ମୁଖ୍ୟ ଫାଟକ ପ୍ରବେଶ ପଥର ବାମପାର୍ଶ୍ୱରେ ଥିବା ବହୁ ପୁରାତନ ଗଛକୁ କାଟି ସେଠାରେ ଏହି ମାର୍କେଟ୍ ବିଲ୍ଡିଂ ନିର୍ମାଣକୁ ବିରୋଧ କରି ଏହାର ସ୍ଥାନାନ୍ତର ପାଇଁ ବୈଠକରେ ଉପସ୍ଥିତ ଥିବା ବୁଦ୍ଧିଜୀବୀମାନେ ସର୍ବସମ୍ମତ ମତ ପ୍ରକାଶ କରିଛନ୍ତି । ବାଲେଶ୍ୱର ଏକ ଐତିହ୍ୟର ସହର । ଇଂରେଜ ସରକାରଙ୍କ ଶାସନ କାଳରେ ଜିଲ୍ଲାପାଳଙ୍କ ଦପ୍ତର ପାଇଁ ନିରୁପିତ ସ୍ଥାନକୁ ସଂକୁଚିତ କରାଯାଇଥିବାବେଳେ ପୁନଶ୍ଚ ସେହି ପରିସରରେ ଏକ ମାର୍କେଟ୍ ପ୍ରତିଷ୍ଠାକୁ ବୈଠକରେ ବହୁ ବୁଦ୍ଧିଜୀବୀ ବିରୋଧ କରିଛନ୍ତି । ତେଣୁ ରାଜ୍ୟ ସରକାର ଓ ଜିଲ୍ଲାପାଳଙ୍କ ସମେତ ବାଲେଶ୍ୱରର ନିର୍ବାଚିତ ଜନ ପ୍ରତିନିଧିମାନେ ନିଷ୍ପତିର ପୁନଃବିଚାର କରିବାକୁ ବୈଠକରେ ଅନୁରୋଧ କରାଯାଇଛି । ନାରୀ ସଂଘ ସଂଲଗ୍ନ ଜିଲ୍ଲାପାଳଙ୍କ ଆବାସ ପରିସରରେ ଥିବା ଖାଲି ସ୍ଥାନରେ କିମ୍ବା ଜିଲ୍ଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ ପଛପଟରେ ଥିବା ସରକାରୀ ସ୍ଥାନରେ ଏହି ବ୍ୟବସାୟ କେନ୍ଦ୍ର ପ୍ରତିଷ୍ଠା ପାଇଁ ସେମାନେ ବୈଠକରେ ମତପ୍ରକାଶ କରିଛନ୍ତି । ଏହି ବୈଠକରେ ସୋସାଇଟିର ସଂପାଦକ ଆଇନଜୀବୀ ମନୋଜ ନାୟକଙ୍କ ସମେତ ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁ, ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ଶିକ୍ଷାବିତ୍ ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ନିରଞ୍ଜନ ପରିଡ଼ା, ଜିଲ୍ଲା ପରିଷଦ ସଦସ୍ୟ ସୀତାରାମ ପ୍ରଧାନ, ନାରୀନେତ୍ରୀ ବନ୍ଦନା ବିଶ୍ୱାସ, ସନ୍ତୋଷ କୁମାର ସାହୁ, ଶରତ ଚନ୍ଦ୍ର ମହାନ୍ତି, ମଧୁସୂଦନ ଜେନା, ଭରତ ଚନ୍ଦ୍ର ସେଠୀ, ଜ୍ଞାନରଂଜନ ମିଶ୍ର, ପୂର୍ବତନ କାଉନସିଲର ଦେବାଶୀଷ ସିଂହ, ଶ୍ରୀନିବାସ ପାଣିଗ୍ରାହୀ ଓ ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜତିନ୍ ପାତ୍ର ଉପସ୍ଥିତମାନଙ୍କୁ ଧନ୍ୟବାଦ ଦେଇଥିଲେ ।

## ସିପି ଆଇ ଏମ୍ ପକ୍ଷରୁ ସମ୍ବାଦଦାତା ସମ୍ମିଳନୀ




ନୀଳଗିରି: ସିପି ଆଇ ଏମ୍ ପାର୍ଟି କାର୍ଯ୍ୟାଳୟ ରେ, ଏକ ସମ୍ବାଦଦାତା ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ସମ୍ମିଳନୀ ରେ, ତିନୋଟି ବିଷୟ ଉପରେ ଗୁରୁତ୍ୱ ଆରୋପ କରା ଯାଇଥିଲା । ପ୍ରଥମ ରେ ଗତ ଜୱାଦ ବାତ୍ୟା, ନୀଳଗିରି ର ବହୁମୁଖି କ୍ଷତି ପହଂଚଇଛି । ଦଳ ପକ୍ଷରୁ, କ୍ଷତି ଗ୍ରସ୍ତ ଚାଷୀ ଙ୍କୁ ଯଥା ଶୀଘ୍ର ତଦନ୍ତ କରି, କ୍ଷତି ପୁରାଣ ଦେବା ପାଇଁ ଲିଖିତ ଭାବେ ଜଣା ଯାଇ ଥିଲେ ମଧ, ଅଦ୍ୟାବଧି ପ୍ରଶାସନ କୌଣସି ପଦକ୍ଷେପ ନେଇ ନଥିବା ଅଭିଯୋଗ କରିଛନ୍ତି । ପୁଣି ଲଗାଣ ବର୍ଷାରେ ପାଣି ରେ ବୁଡି ରହି ଧାନ ର ରଙ୍ଗ ବେରଙ୍ଗ ହୋଇଥିବା ଯୋଗୁଁ, ମିଲର ମାନେ ଧାନ ନେଉ ନଥିବାରୁ, ସେ ସଂପର୍କ ରେ ପ୍ରଶାସନ ପଦକ୍ଷେପ ନେବାକୁ ଦାବି କରା ଯାଇଛି । ଆର୍ ଏମ୍ ସି ଓ ଉପଜିଲ୍ଲାପାଳ ଆଗାମୀ ୨୭ ତାରିଖ ଠାରୁ ଧାନ କିଣା ଯିବ ବୋଲି, ପ୍ରତିଶ୍ରୁତି ଦେଇଥିଲେ । ଯଦି ଉକ୍ତ ପ୍ରତିଶୃତି ରକ୍ଷା ନ କରନ୍ତି, ତେବେ ଆଗାମୀ ୨୮ ତାରିଖ ଠାରୁ ଦଳ ପକ୍ଷରୁ, ରାସ୍ତା ରୋକ କରା ଯିବ ବୋଲି କୁହା ଯାଇଛି । ଦ୍ୱିତୀୟ ରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ରେ ମୁଖ୍ୟ ଚିକିତ୍ସାଧକାରୀ ନଥିବା ରୁ, ଚିକିତ୍ସାଳୟ ଠିକ୍ ରେ ଚାଲି ପାରୁ ନାହିଁ । ତୃତୀୟ ରେ ନୀଳଗିରି ବଜାର ର ଉନ୍ନତି ପାଇଁ, ପ୍ରଶାସନ ପଦକ୍ଷେପ କୁ ଦଳ ପକ୍ଷରୁ ସାଧୁ ବାଦ ଜଣା ଯାଇଛି । ଉନ୍ନତି କାରଣ ନାମ ରେ, ଯେଉଁ ଉଠା ଦୋକାନୀ ଉଛେଦ ହେବେ, ସେମାନଙ୍କୁ ଥଇଥାନ କରିବାର ବ୍ୟବସ୍ଥା କରା ଯାଇ, ଉଛେଦ କରା ଯାଉବୋଲି ଦାବି କରା ଯାଇଛି ।

## ଓମିକ୍ରନ ରୋକିବାରେ କପଡ଼ା ମାସ୍କ ହୋଇପାରେ ବିଫଳ

ଭୁବନେଶ୍ୱର : କରୋନାର ନୂଆ ଭାରିଆଂଟ ଓମିକ୍ରନ ବଢୁଥିବା ବେଳେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ଉପରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଛନ୍ତି । ହେଲେ କେଉଁ ମାସ୍କ ପିନ୍ଧିବେ ଓ କିପରି ପିନ୍ଧିବେ, ସେନେଇ ବିଶେଷଜ୍ଞ ଡାକ୍ତର ପରାମର୍ଶ ଦେଇଛନ୍ତି । ସେମାନଙ୍କ କହିବା କଥା ହେଲା, କପଡ଼ା ମାସ୍କ ଓମିକ୍ରନ ଭୂତାଣୁକୁ ରୋକିବାରେ ବିଫଳ ହୋଇପାରେ । ତେଣୁ ଡବଲ ମାସ୍କ ବ୍ୟବହାର ଜରୁରୀ । ଖାଲି ଡବଲ ମାସ୍କ ପିନ୍ଧିଲେ ହେବ ନାହିଁ, ଉପଯୁକ୍ତ ଭାବେ ଏହାକୁ ପିନ୍ଧିବାକୁ ହେବ ।

## ନିଳଗିରିରେ ବିଜେଡ଼ିର ୨୫ ତମ ପ୍ରତିଷ୍ଠା ଦିବସ ପାଳିତ




ନୀଳଗିରି : ୧୯୯୭ ମସିହା ଡିସେମ୍ବର ୨୬ ତାରିଖ ଦିନ, ବିଜୁ ଜନତା ଦଳର ଜନ୍ମ ହୋଇଥିଲା । କଳିଙ୍ଗ ବୀର , ଦୁର୍ଦ୍ଧଷ ସ୍ୱାଧୀନତା ସେନାନି , ଓଡ଼ିଶା ର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ପରେ, ଏବର ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ନେତୃତ୍ୱ ରେ, ଏହି ଦଳ ଗଠନ ହୋଇଥିଲା । ସେହି ଦିନ ଠାରୁ ପ୍ରତ୍ୟେକ ବର୍ଷ ଡିସେମ୍ବର ୨୬ ତାରିଖ କୁ, ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ଭାବେ ପାଳନ କରା ଯାଉଚି । ସେହି ପରିପ୍ରେକ୍ଷୀରେ ରେ, ଉକ୍ତ ପ୍ରତିଷ୍ଠା ଦିବସ କୁ ନୀଳଗିରି କେସି ହାଇ ସ୍କୁଲ ପଡିଆ ରେ, ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ଓ ଯାକ ଯମକ ରେ ପାଳନ କରା ଯାଇଛି । ଏଥି ନିମନ୍ତେ ଆୟୋଜିତ ସଭାରେ, ମୁଖ୍ୟ ଅତିଥି ଭାବେ, ବିଜୁ ଜନତା ଦଳ ଜିଲ୍ଲା ସଭାପତି ତଥା ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା ଯୋଗ ଦେଇ, ତାଙ୍କ ବକ୍ତବ୍ୟ ରେ କହିଥିଲେ "ଏ ସଭା ସାଧାରଣ ସଭା ନୁହେଁ ଏକ ଆସାଧରଣ ସଭା ' ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଙ୍କ ଦୀର୍ଘ ୨୦ ବର୍ଷ ରୁ ଉର୍ଦ୍ଧ୍ୱ ଶାସନ ଭିତରେ, ଅନେକ ସମୟ ଉପଯୋଗି ଯୋଜନା କରିବା ଦ୍ୱାରା, ଓଡ଼ିଶା ର ସାଢ଼େ ଚାରି କୋଟି ଜନତା ଉପକୃତ ହୋଇ ଆସୁଛନ୍ତି । ଯେଉଁଥି ପାଇଁ ଏଇ ସଭାରେ ଆଶାତୀତ ଜନ ସମାଗମ ହୋଇଚି । ପ୍ରାୟ ୫ ହଜାର ରୁ ଉର୍ଦ୍ଧ୍ୱ ବିଜେଡ଼ି ନେତା ଓ କର୍ମୀ ନିର୍ବାଚନ ମଣ୍ଡଳୀ ର ବିଭିନ୍ନ ସ୍ଥାନ ରୁ ଆସିଥିବା ଦେଖିବାକୁ ମିଳିଛି । ସଭା ରେ ବିଜୁ ଜନତା ଦଳ ର ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ ସଭାପତିତ୍ୱ କରିଥିବା ବେଳେ , ମନୋରଞ୍ଜନ ମହାନ୍ତି ମଂଚ ପରିଚାଳନା କରି ଥିଲେ ।

## ୧୪ ଅବସରପ୍ରାପ୍ତ ସୈନିକମାନଙ୍କୁ ସମ୍ବର୍ଦ୍ଧନା



ରାଇରଙ୍ଗପୁର : ଦେଶ ମାତୃକାର ସୁରକ୍ଷା ନିଭାଉଥିବା ସୈନିକମାନଙ୍କର ତ୍ୟାଗ, ବଳିଦାନ, ନିଷ୍ଠା ଅବର୍ଣନୀୟ । ସେମାନଙ୍କ ତ୍ୟାଗ ଯୋଗୁଁ ଭାରତବାସୀ ଶାନ୍ତିରେ ନିଶ୍ୱାସ ମାରୁଛନ୍ତି ।ଭାରତୀୟ ସେନାରେ ମୟୂରଭଂଜ ଜିଲ୍ଲାର ବାମନଘାଟୀ ଉପଖଣ୍ଡର ଦୁର୍ଗମ ଅଂଚଳରୁ ବହୁ ସୈନିକ ଯୋଗ ଦେଇଛନ୍ତି । କେତେଜଣ ମଧ୍ୟ ଅବସରପ୍ରାପ୍ତ .ଓଇଛନ୍ତି ।କେତେଜଣ ମଧ୍ୟ ଶହୀଦ ହୋଇଛନ୍ତି । ସେହି ଅବସରପ୍ରାପ୍ତ ସୈନିକମାନଙ୍କୁ ଗୋରୁମହିଷାଣୀ ଲୌହଖଣି ଶ୍ରମିକ କ୍ରିୟାନୁଷ୍ଠାନ କମିଟି ତରଫରୁ ଗୋରୁମହିଷାଣୀ କଲ୍ୟାଣ ମଣ୍ଡପ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ପାଳନ କରା ଯାଇଥିଲା । ଏଥିରେ କ୍ରିୟାନୁଷ୍ଠାନ କମିଟିରସଭାପତି ଯୁବ ସମାଜିକ କର୍ମି ଦୟାନିଧି ମହାକୁଡ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭବେ ସମାଜସେବୀ ଅବସରପ୍ରାପ୍ତ ଏଜି ଆକାଉଂଟର ବରିଷ୍ଠ ପ୍ରଶାସକ ଗୋପାଳ ଚନ୍ଦ୍ରବେଶ୍ରା,ମୁଖ୍ୟବକ୍ତା ଅବସରପ୍ରାପ୍ତ ବନ ବିଭାଗ ଏସିଏଫ ବୁଧୁରାମ ମାହାଲି, ଅନ୍ୟତମ ଅତିଥି ଗୋରୁମହିଷାଣୀ ଲୌହଖଣି ମେନେଜର ବିକାଶ ରଂଜନ ନାୟକ, କୁଲେଇଶିଳା ସରପଂଚ ରାମଚନ୍ଦ୍ର ନାଏକ, ବିଶିଷ୍ଟ ସମାଜସେବୀ ଆନପା ସୋରେନ ପ୍ରମୁଖ ଉପସ୍ଥିତ ଥିଲେ ।ନେତାଜୀ ସୁବାଷ ବୋଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଗଭିର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଅତିଥି ଗଣ ପ୍ରଥମେ ଭାରତ ସେନାବାହିନୀର ପ୍ରଥମ ସିଡିଏସ ବିପିନ ରାୱତ ଏବଂ ରାଇରଙ୍ଗପୁର ଅଂଚଳର ଶହୀଦ ବୀରଚକ୍ର ନୁଦୁରାମ ସୋରେନଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ପରେ ଗୋରୁମହିଷାଣୀ ଆଖପାଖ ଅଂଚଳର ୧୪ ଜଣ ଅବସରପ୍ରାପ୍ତ ସୈନିକ ମାନଙ୍କୁ ଅତିଥିଗଣ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ ।ଅତିଥିଗଣ ଅବସରପ୍ରାପ୍ତ ସୈନିକ ମାନଙ୍କୁ ସେମାନଙ୍କର ତ୍ୟାଗ ବଳିଦାନ, ଦେଶଭକ୍ତି ଓ ନିଷ୍ଠା ପାଇଁ ପ୍ରଣାମ ଜଣାଇଥିଲେ । ଅବସରପ୍ରାପ୍ତ ସୈନିକମାନେ ସେମାନେ ଜଙ୍ଗଲ, ବଣ, ପର୍ବତ, ବରଫ, ସମୁଦ୍ରରେ କିଭଳି କଷ୍ଟକର ସମୟ ବିତାଉଥିଲେ ଲୋମଟାଙ୍କୁରା ଅଭିଜ୍ଞତା ସମ୍ବନ୍ଧରେ ବର୍ଣ୍ଣନାକରିଥିଲେ । ଯେତେ କଷ୍ଟ ହେଲେ ମଧ୍ୟ ଦେଶମାତୃକାର ସେବାପାଇଁ ସେମାନେ ଆତ୍ମ ସନ୍ତୋଷ ପ୍ରକାଶ କରିବା ସ୍ୱ ସନ୍ତୁଷ୍ଟ ଥିଲେ । ପ୍ରଥମ ଥର ପାଇଁ ବାମନଘାଟୀ ଉପଖଣ୍ଡରେ ଅବସରପ୍ରାପ୍ତ ସୈନିକମାନଙ୍କୁ ଗୋରୁମହିଷାଣୀ ଭଳି ସିମାନ୍ତ ଅଂଚଳର ଗୋରୁମହିଷାଣୀ ଲୌହଖଣି ଶ୍ରମିକ କ୍ରିୟାନୁଷ୍ଠାନର କମିଟିରସାଧୁ ଉଦ୍ୟମକୁ ଅଂଚଳବାସୀ ପ୍ରଶଂସା କରିଛନ୍ତି ।

Printed, Published, Edit & Owned by Smt. **Binapani Das**, At- Gopalgaon, Balasore, Orissa. Pin - 756001 and Printed at Mahesh printing press, 30 Industrial colony, Kharbel Nagar-Unit-3 , Bhubaneswar-757001, Odisha. Ph- 06782-265200 , **E-mail: nutanbarta@gmail.com.**

- **Editor- Bibhupada Das**
- ସଂପାଦକ : ବିଭୁପଦ ଦାସ